CMYK

- Vol.- 46, Issue No. 30
- Thursday, 30 April 2026
- ଗୁରୁବାର, ୩୦ ଏପ୍ରିଲ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ବୁଥ୍ ବାହୁଡ଼ା ମତ



# ଟିଏମ୍‌ସିକୁ ବିଜେପିର କଡ଼ା ଟକ୍କର

## ମମତା ପଶ୍ଚିମବଙ୍ଗ ହରାଇବେ !

| | ଟିଏମ୍‌ସି | ବିଜେପି | ଅନ୍ୟାନ୍ୟ |
|---|---|---|---|
| ମାଟ୍ରିଜ | ୧୨୫ରୁ ୧୪୦ | ୧୪୬ରୁ ୧୬୧ | ୬ରୁ ୧୦ଟି |
| ପିପୁଲ୍ସ ପଲ୍ସ | ୧୧୭-୧୮୭ | ୯୫-୧୧୦ | କଂଗ୍ରେସ ୧-୩ ବାମପନ୍ଥୀ ୧ ଅନ୍ୟାନ୍ୟ ଦଳ ଖାତା ଖୋଲିପାରିବେ ନାହିଁ |
| ପୋଲ ଡାଏରୀ | ୯୯- ୧୨୭ | ୧୪୨- ୧୭୧ | ୫- ୯ |



ନୂଆଦିଲ୍ଲୀ,୨୯ ।୪: ଚଳିତବର୍ଷ କେରଳ, ଆସାମ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ଚାରିଟି ରାଜ୍ୟ ବିଧାନସଭା ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀ ପାଇଁ ଭୋଟ୍ ଗ୍ରହଣ ସରିଛି । ଆସନ୍ତା ମେ’ ୪ରେ ଭୋଟ ଗଣତି ସହ ବିଧିବଦ୍ଧ ଭାବେ ନିର୍ବାଚନ କମିଶନ ଫଳାଫଳ ଘୋଷଣା କରିବେ । ତେବେ ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶେଷ ହେବା ପରେ ବିଭିନ୍ନ ସଂସ୍ଥା ଏକଜିଟ ପୋଲ ବା ବୁଥ ବାହୁଡ଼ା ମତ ଆଧାରିତ ଫଳାଫଳ ପ୍ରକାଶ କରିଛନ୍ତି । ୨୯୪ ଆସନ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭା ପାଇଁ ଏପ୍ରିଲ ୨୩ ପ୍ରଥମ ପର୍ଯ୍ୟାୟରେ ୧୫୨ ଆସନ ପାଇଁ ପୂର୍ବରୁ ମତଦାନ ହୋଇଥିଲା ଓ ୨୯ରେ ଦ୍ୱିତୀୟ ପର୍ଯ୍ୟାୟ ୧୪୨ ଆସନ ପାଇଁ ମତଦାନ ସରିଛି । ଏହି ମତଦାନ ହାର ୯୨.୩୫ ପ୍ରତିଶତ ରହିଛି । ସରକାର ଗଠନ ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ହେଉଛି ୧୪୭ । ଏକାଧିକ ଏକଜିଟ ପୋଲର ଆକଳନ କହୁଛି ପଶ୍ଚିମବଙ୍ଗରେ ଚତୁର୍ଥ ଥର ପାଇଁ କ୍ଷମତା ଦଖଲ କରିବାକୁ ଲକ୍ଷ୍ୟ ରଖିଥିବା ଟିଏମସିକୁ ବିଜେପିକୁ କଡ଼ା ଚ୍ୟାଲେଞ୍ଜ ଦେବ । ଏପରି କି ବିଜେପି ପ୍ରଥମଥର ଏହି ରାଜ୍ୟରେ ସରକାର ଗଠନ କରିବାକୁ ସକ୍ଷମ ହୋଇପାରେ । ଅପରପକ୍ଷେ କଂଗ୍ରେସ ୨୦୨୧ ଭଳି ଏଥର ମଧ୍ୟ ନୈରାଶ୍ୟଜନକ ପ୍ରଦର୍ଶନ କରିବ ବୋଲି ପୂର୍ବାନୁମାନ କରାଯାଇଛି । ଏକାଧିକ ସଂସ୍ଥା କଂଗ୍ରେସ ଏହି ରାଜ୍ୟରେ ଖାତା ଖୋଲି ପାରିବ ନାହିଁ ବୋଲି କହିଛନ୍ତି । ମାଟ୍ରିଜ କହିଛି ଏଥର ବିଜେପି ମେଣ୍ଟ କରିବ ପଶ୍ଚିମବଙ୍ଗରେ । ଟିଏମସି ୧୨୫ରୁ ୧୪୦, ବିଜେପି ୧୪୬ରୁ ୧୬୧ ଓ ଅନ୍ୟାନ୍ୟ ଦଳ ୬ରୁ ୧୦ଟି ଆସନ ଜିତିବେ । କଂଗ୍ରେସ ଶୂନ ଆସନ ପାଇବ । ପି-ଏମଆରକ୍ୟୁ ପକ୍ଷରୁ କୁହାଯାଇଛି ଯେ ଟିଏମସି ୧୧୮ରୁ ୧୩୮ଟି, ବିଜେପି ମେଣ୍ଟ ୧୫୦ରୁ ୧୭୫ଟି ଆସନ ଜିତି ପାରେ । ପିପୁଲ୍ସ ପଲ୍ସ କହିଛି ଟିଏମସି ୧୧୭ରୁ ୧୮୭ଟି ଆସନ ଜିତିପାରେ । ବିଜେପି ୯୫ରୁ ୧୧୦, କଂଗ୍ରେସ ୧ରୁ ୩, ବାମପନ୍ଥୀ ୧ ଓ ଅନ୍ୟାନ୍ୟ ଦଳ ଖାତା ଖୋଲିପାରିବେ ନାହିଁ । ଚାଣକ୍ୟ କହିଛି, ଟିଏମସି ୧୩୦ରୁ ୧୪୦, ବିଜେପି ୧୫୦ରୁ ୧୬୦ ଓ ଅନ୍ୟାଦ୍ୟ ଦଳ ୬ରୁ ୧୦ଟି ଆସନ ଜିତିପାରନ୍ତି । ପ୍ରଜା ପୋଲ କହିଛି ଯେ ବିଜେପି ୧୭୮ରୁ ୨୦୮, ଟିଏମସି ୮୫ରୁ ୧୧୦ ଓ ଅନ୍ୟାନ୍ୟ ଦଳ ୦-୫ ଆସନ ଜିତିବେ । ପୋଲ ଡାଏରୀ ବିଜେପିକୁ ୧୪୨ରୁ ୧୭୧, ଟିଏମସି ୯୯ରୁ ୧୨୭ ଓ ଅନ୍ୟାନ୍ୟ ଦଳ ୫ରୁ ୯ଟି ଆସନ ପାଇବେ । ଜନମତ କହିଛି ଯେ ଟିଏମସି ୧୯୫ରୁ ୨୦୫, ବିଜେପି ୮୦ରୁ ୯୦, କଂଗ୍ରେସ ୧ରୁ ୩, ବାମପନ୍ଥୀ ୦-୧ ଆସନ ପାଇପାରନ୍ତି ।

## ଆଜି ବିଧାନସଭା ସ୍ୱତନ୍ତ୍ର ଅଧିବେଶନ

### ମହିଳା ସଂରକ୍ଷଣ ବିଲ୍ ସଂପର୍କରେ ହେବ ଆଲୋଚନା

ଭୁବନେଶ୍ୱର,୨୯ ।୪: ମହିଳା ସଂରକ୍ଷଣ ବିଲ୍ ସଂପର୍କରେ ଆଲୋଚନା ପାଇଁ ଗୁରୁବାର ବସିବ ବିଧାନସଭା ସ୍ୱତନ୍ତ୍ର ଅଧିବେଶନ । ଏହି ଦିନିକିଆ ଅଧିବେଶନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ୭୦ପ୍ଲାଟୁନ ପୋଲିସ ଫୋର୍ସ ଜଗିବେ । ତ୍ରିସ୍ତରୀୟ ବଳୟରେ ରହିବ ବିଧାନସଭା ।



ଏସଟିୟୁ, ଡଗ ସ୍କାଡ, ବମ୍ ସ୍କାଡ ସହ ଅଗ୍ନିଶମ ବିଭାଗକୁ ମଧ୍ୟ ଦାୟିତ୍ୱ ଦିଆଯାଇଛି । ଲୋୟର ପିଏମଜିରେ ୧୪୪ ଧାରା ଜାରି କରାଯିବ ବୋଲି ସୂଚନା ମିଳିଛି । ଦିନ ୧୧ଟାରୁ ସ୍ୱତନ୍ତ୍ର ଅଧିବେଶନ ବସିବ । ଏ ନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିଲା । ଭାରତର ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନ ଉପରେ ଏଥିରେ ଆଲୋଚନା ହେବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି । ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବା ପ୍ରସଙ୍ଗରେ ସ୍ୱାସ୍ଥ୍ୟ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ବୁଧବାର ବାଚସ୍ପତି ଓ ରାଜ୍ୟପାଳଙ୍କୁ ସାକ୍ଷାତ କରିଛନ୍ତି ।

# ଆସାମରେ ହ୍ୟାଟ୍ରିକ୍ କରିବ ବିଜେପି !

### ★ କେରଳମ୍‌ରେ ବାମପନ୍ଥୀ ଶାସନର ଘଟିବ ଅନ୍ତ ! ★ ତାମିଲନାଡୁରେ ପୁଣି ବାଜି ମାରିବେ ଷ୍ଟାଲିନ

ନୂଆଦିଲ୍ଲୀ,୨୯ ।୪: ବୁଥବାହୁଡ଼ା ମତରେ ପୂର୍ବାନୁମାନ କରାଯାଇଛି ଯେ, ବିଜେପି ଆସାମରେ ତୃତୀୟ ଥର ପାଇଁ ସରକାର ଗଠନ କରିବାକୁ ଯାଉଛି । ଆସାମରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱରେ ବିଜେପି ଏବଂ ପୂର୍ବତନ ଆସାମ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ତରୁଣ ଗୋଗୋଇଙ୍କ ପୁଅ ଗୌରବ ଗୋଗୋଇଙ୍କ ନେତୃତ୍ୱରେ କଂଗ୍ରେସ ମଧ୍ୟରେ ସିଧାସଳଖ ଲଢ଼େଇ ହୋଇଥିଲା । ବିଧାନସଭା ପାଇଁ ମ୍ୟାଜିକ ସଂଖ୍ୟା ୬୪ ।୯ ଏପ୍ରିଲ୍‌ରେ ଏହି ରାଜ୍ୟରେ ହୋଇଥିଲା ମତଦାନ ଏବଂ ୮୫.୩୮ ପ୍ରତିଶତ ଭୋଟ୍ ହାର ରେକର୍ଡ କରାଯାଇଥିଲା । ଆକ୍ସିସ୍-ମାଇ ଇଣ୍ଡିଆ ଅନୁଯାୟୀ, ୧୨୬ ଆସନ ବିଶିଷ୍ଟ ଆସାମ ବିଧାନସଭାରେ ବିଜେପି ନେତୃତ୍ୱାଧୀନ ମେଣ୍ଟ ୮୮-୧୦୦ ଆସନ , କଂଗ୍ରେସକୁ ୨୪-୩୬ ଆସନ ମିଳିପାରେ । ମାଟ୍ରିଜ୍ ଏକଜିଟ୍ ପୋଲ ମୁତାବକ ବିଜେପି ନେତୃତ୍ୱାଧୀନ ମେଣ୍ଟ ୮୫-୯୫ ଆସନ, କଂଗ୍ରେସ ୨୫-୩୨ ଏବଂ ଅନ୍ୟାନ୍ୟ ଓ ସ୍ୱାଧୀନ ପ୍ରାର୍ଥୀ ୬-୧୨ ଆସନ ପାଇବେ । ସିଏନଏନ ନ୍ୟୁଜ ୧୮ ଏକଜିଟ୍ ପୋଲ ଅନୁଯାୟୀ ଆସାମରେ ବିଜେପି ନେତୃତ୍ୱାଧୀନ ମେଣ୍ଟ ୯୦-୧୦୦ ଆସନ , କଂଗ୍ରେସ ୨୩-୩୩ ଆସନ ଏବଂ ଏୟୁଡିଏଫ ୦-୬ ଆସନ ଜିତିପାରେ ।ପିପୁଲ୍ସ ପଲ୍ସର ଏକଜିଟ୍ ପୋଲ ଆସାମରେ ଶାସକ ବିଜେପିକୁ ୬୮-୭୨ ଆସନ , ବିରୋଧୀ କଂଗ୍ରେସ ୨୨-୨୬ ଆସନ ଏବଂ ଅନ୍ୟାନ୍ୟ ଓ ସ୍ୱାଧୀନ ପ୍ରାର୍ଥୀମାନେ ୧୧-୧୫ ଆସନ ଜିତିପାରିବେ । କେରଳମ ବିଧାନସଭା ନିର୍ବାଚନ ପାଇଁ ଗତ ୯ ତାରିଖରେ ଭୋଟ ପଡିଥିଲା । ୧୪୦ ଆସନରେ ଭୋଟିଂ ହୋଇଥିଲା ।ମ୍ୟାଜିକ ନମ୍ବର ରହିଛି ୭୧ । ଏଥର ରାଜ୍ୟରେ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ ଆଗରେ ରହିଛି । ଏଲଡିଏଫ ଓ ୟୁଡିଏଫ ମଧ୍ୟ ସିଧା ସଳଖ ଟକ୍କର ହୋଇଥିଲା । ପ୍ରାରମ୍ଭିକ ଏକଜିଟ୍ ପୋଲଗୁଡ଼ିକ ୟୁଡିଏଫ୍‌କୁ ଆଗରେ ରଖିଛନ୍ତି । ଆକ୍ସିସ୍ ମାଇଁ ଇଣ୍ଡିଆ ଏକଜିଟ୍ ପୋଲରେ ପିନାରାୟ ବିଜୟନ ମୁଖ୍ୟମନ୍ତ୍ରୀ ପଦ ପାଇଁ ସବୁଠାରୁ ପ୍ରିୟ ପସନ୍ଦ ବୋଲି ଦର୍ଶାଯାଇଛି । କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ରାଜ୍ୟରେ ଏକ ଦଶନ୍ଧି ଧରି ବାମପନ୍ଥୀ ଶାସନର ଅନ୍ତ କରିପାରେ ବୋଲି ଏକଜିଟ୍ ପୋଲରେ ଆକଳନ ହୋଇଛି । ମୁଖ୍ୟମନ୍ତ୍ରୀ ଏମ୍.କେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ଡିଏମ୍‌କେ ମେଣ୍ଟ ତାମିଲନାଡୁରେ ପୁଣି ବାଜି ମାରି ଲଗାତାର ଦ୍ୱିତୀୟ ଥର ସରକାର ଗଠନ କରିବ । ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ଏକଜିଟ ପୋଲରୁ ଏହା ଜଣାପଡ଼ିଛି । ୨୩୪ ଆସନ ବିଶିଷ୍ଟ ତାମିଲନାଡୁ ରାଜ୍ୟ ବିଧାନସଭା ପାଇଁ ମ୍ୟାଜିକ ସଂଖ୍ୟା ୧୧୮ । ମାଟ୍ରିଜ୍‌ର ଏକଜିଟ ପୋଲ ଅନୁଯାୟୀ ବାଜି ମାରିବ ଡିଏମ୍‌କେ ମେଣ୍ଟ । ଏହାକୁ ୧୨୨ରୁ ୧୩୨ଟି ମିଳିବ । ଏଆଇଏଡିଏମ୍‌କେ ମେଣ୍ଟକୁ ୮୭ରୁ ୧୧୦ଟି ଆସନ ମିଳିବ । ଅଭିନେତାରୁ ରାଜନେତା ପାଲଟିଥିବା ବିଜୟଙ୍କ ଦଳ ଟିଭିକେକୁ ମାତ୍ର ୧୦ରୁ ୧୨ଟି ଆସନ ମିଳିବ । ଅନ୍ୟମାନଙ୍କୁ ଶୂନରୁ ୬ଟି ଆସନ ମିଳିବ । ପିପୁଲସ୍ ପଲ୍‌ସର ଏକଜିଟ ପୋଲ ଅନୁଯାୟୀ ମଧ୍ୟ ବାଜି ମାରିବ ଡିଏମକେ ମେଣ୍ଟ । ଏହି ମେଣ୍ଟକୁ ୧୨୫ରୁ ୧୪୫ଟି ଆସନ ମିଳିବ । ଏଆଇଏଡିଏମ୍‌କେ ମେଣ୍ଟକୁ ୬୫ରୁ ୮୦ଟି ଆସନ ମିଳିବ । ସେହିପରି ବିଜୟଙ୍କ ଟିଭିକେକୁ ୧୮ରୁ ୨୪ଟି ଆସନ ମିଳିବ । ଅନ୍ୟମାନେ ୨ରୁ ୬ଟି ଆସନ ଜିତିବେ ।







## ପୁଡୁଚେରୀରେ ବିଜେପି ମେଣ୍ଟ !

ନୂଆଦିଲ୍ଲୀ,୨୯ ।୪: କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀରେ ପୁଣି ଶାସନ ଭାର ନେବ ବିଜେପି ମେଣ୍ଟ । ଏଠାରେ ସରକାର ଗଠନ କରିବା ପାଇଁ ମ୍ୟାଜିକ୍ ନମ୍ବର ୧୫ । ଆକ୍ସିସ ମାଇଁ ଇଣ୍ଡିଆର ଏକଜିଟ ପୋଲ ଫଳାଫଳ ମୁତାବକ ଏଠାରେ ବିଜେପି ମେଣ୍ଟ ୧୬ରୁ ୨୦ ଆସନ ପାଇବ । କଂଗ୍ରେସ ମେଣ୍ଟ ୬ରୁ ୮ ଏବଂ ଅନ୍ୟାନ୍ୟ ୩ରୁ ୭ଟି ଆସନ ପାଇବେ ।ସେହିପରି ପିପୁଲସ ପଲ୍‌ସର ବୁଥ୍ ବାହୁଡ଼ା ମତ ମୁତାବକ ବିଜେପି ମେଣ୍ଟ ୧୬ରୁ ୧୯ଟି ଆସନ ଜିତିବ । କଂଗ୍ରେସ ମେଣ୍ଟ ୧୦ରୁ ୧୨ଟି ଓ ଅନ୍ୟାନ୍ୟ ଗୋଟିଏରୁ ୨ଟି ଆସନ ପାଇବେ । କାମାକ୍ଷା ଆନାଲିଟିକ୍ସ ଅନୁସାରେ ବିଜେପି ମେଣ୍ଟକୁ ୧୭ରୁ ୨୪ଟି ଆସନ, କଂଗ୍ରେସ ମେଣ୍ଟକୁ ୪ରୁ ୭ଟି ଓ ଟିଭିକେ ମେଣ୍ଟକୁ ୧ରୁ ୨ଟି ଆସନ ମିଳିପାରେ । ପ୍ରଜା ପୋଲ ଅନୁଯାୟୀ ବିଜେପି ମେଣ୍ଟକୁ ୧୯ରୁ ୨୫ଟି ଆସନ ଓ କଂଗ୍ରେସ ମେଣ୍ଟକୁ ୬ରୁ ୧୦ଟି ଆସନ ମିଳିପାରେ ।

# କେନ୍ଦୁଝରକୁ ୧,୩୩୦ କୋଟିର ଭେଟି

ଭୁବନେଶ୍ୱର,୨୯ ।୪(ନିପ୍ର): କେନ୍ଦୁଝର ଜିଲ୍ଲାର ସାମଗ୍ରିକ ବିକାଶ ଓ ଗମନାଗମନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର କେନ୍ଦୁଝର ଠାରେ ଏକାଧିକ ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଆୟୋଜିତ ବିକାଶ ସମାବେଶରେ ଜିଲ୍ଲାର ସାମଗ୍ରିକ ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରାୟ ୧,୩୩୦ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମୋଟ ୧୮୭ଟି ପ୍ରକଳ୍ପର ଲୋକାର୍ପଣ, ଭିତ୍ତିପ୍ରସ୍ତର ସ୍ଥାପନ ଓ ନୂତନ ଘୋଷଣା କରାଯାଇଛି । ଜିଲ୍ଲାବାସୀଙ୍କୁ ସ୍ମାର୍ଟ ପବ୍ଲିକ ଟ୍ରାନ୍ସପୋର୍ଟ ସେବା ଯୋଗାଇଦେବା ପାଇଁ ୨୫ଟି ଅତ୍ୟାଧୁନିକ ଇ-ବସ୍ ସହିତ ୧୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ‘ଆମ ବସ’ ଡିପୋର ଲୋକାର୍ପଣ କରାଯାଇଛି । ସୂଚନାଯୋଗ୍ୟଯେ, ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ପ୍ରାୟ ୭୦୫ କୋଟି ଟଙ୍କାର ୬୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ, ପ୍ରାୟ ୨୫୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୪ଟି ପ୍ରକଳ୍ପକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି । ଏହା ବ୍ୟତୀତ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଆଉ ୧୦୧ଟି ନୂତନ ପ୍ରକଳ୍ପ ପାଇଁ ପ୍ରାୟ ୩୭୫ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି, ଯାହା କେନ୍ଦୁଝରର ବିକାଶ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ । ଏହି ନୂତନ ଇ-ବସ ସେବାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ସୁଲଭ ଭଡା । ମାତ୍ର ୫ ଟଙ୍କାରୁ ବସ ଭଡା ଆରମ୍ଭ ହେଉଥିବାରୁ ଏହା ଦୈନନ୍ଦିନ ଯାତ୍ରା କରୁଥିବା ନିମ୍ନ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ବେଶ୍ ସହାୟକ ହେବ । କେବଳ ପରିବହନ ନୁହେଁ, ବରଂ ମହିଳା ସଶକ୍ତିକରଣ କ୍ଷେତ୍ରରେ ମଧ୍ୟ ଏହି ପ୍ରକଳ୍ପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି । ଏହି ଯୋଜନା ମାଧ୍ୟମରେ ପ୍ରାୟ ୧୫୦ ଜଣ ନିଯୁକ୍ତି ପାଇଛନ୍ତି । ସେମାନଙ୍କ ମଧ୍ୟରେ ୩୦ ଜଣ ମହିଳା ଗାଇଡ୍ ଏବଂ ୨ଜଣ ମହିଳା ଡ୍ରାଇଭର । କେନ୍ଦୁଝରବାସୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କେନ୍ଦୁଝର ଜିଲ୍ଲା ରାଜ୍ୟକୁ ଅନେକ କିଛି ଦେଇଛି, କିନ୍ତୁ ବିଗତ ଦିନରେ ଏହି ଜିଲ୍ଲା ଅବହେଳିତ ହୋଇ ରହିଥିଲା । ସେ ସ୍ପଷ୍ଟ କରିଛନ୍ତି ଯେ ଆମ ସରକାର ଆସିବା ପରେ କେନ୍ଦୁଝରର ବିକାଶ ତ୍ୱରାନ୍ୱିତ ହୋଇଛି । ଜିଲ୍ଲାରେ ଏକ ମେଗାଷ୍ଟିଲ ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଂଚିଛି । ଖୁବ୍ ଶୀଘ୍ର ଏହାର ଶିଳାନ୍ୟାସ କରାଯାଇ କେନ୍ଦୁଝରକୁ ଦେଶର ଏକ ଶ୍ରେଷ୍ଠ ଶିଳ୍ପ ସମୃଦ୍ଧ ଜିଲ୍ଲା ଭାବେ ଗଢି ତୋଳାଯିବ । ପରିବେଶ ଦୃଷ୍ଟିକୋଣରୁ ଏହି ଇ-ବସ୍ ସେବା ବାର୍ଷିକ ପ୍ରାୟ ୩୩୦ ରୁ ୩୯୦ ଟନ୍ କାର୍ବନ ନିର୍ଗମନ ହ୍ରାସ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଆଗାମୀ ଦିନରେ ଅନ୍ୟ ସହରଗୁଡ଼ିକୁ ଏହା ସମ୍ପ୍ରସାରିତ କରାଯିବ । ଉତ୍ତମ ରକ୍ଷଣାବେକ୍ଷଣ ପାଇଁ ପ୍ରାୟ ୨୩୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।




- ୭୦୫ କୋଟିର ୬୨ ପ୍ରକଳ୍ପର ପଡ଼ିଲା ଭିତ୍ତି
- ଇ-ବସ୍ ସେବାର ଶୁଭାରମ୍ଭ
- ୧୦୧ ନୂତନ ପ୍ରକଳ୍ପ ପାଇଁ ୩୭୫ କୋଟିର ପ୍ୟାକେଜ୍
- କେନ୍ଦୁଝରକୁ ଶ୍ରେଷ୍ଠ ଶିଳ୍ପ ସମୃଦ୍ଧ ଜିଲ୍ଲା ଭାବେ ଗଢି ତୋଳାଯିବ : ମୁଖ୍ୟମନ୍ତ୍ରୀ

### ଘୃଣା ଭାଷଣ ପ୍ରସଙ୍ଗ

## ଅଙ୍କୁଶ ଲଗାଇବାକୁ ମନା କଲେ ସୁପ୍ରିମକୋର୍ଟ

### ବର୍ତ୍ତମାନ ଥିବା ଆଇନଗତ ବ୍ୟବସ୍ଥା ଯଥେଷ୍ଟ

ନୂଆଦିଲ୍ଲୀ,୨୯ ।୪: ସୁପ୍ରିମ୍‌କୋର୍ଟ ସମଗ୍ର ଦେଶରେ ଘୃଣା ଭାଷଣ ଉପରେ ଅଙ୍କୁଶ ଲଗାଇବା ପାଇଁ ଅତିରିକ୍ତ ନିର୍ଦ୍ଦେଶନାମା ଜାରି କରିବାକୁ ବୁଧବାର ମନା କରି ଦେଇଛନ୍ତି । କୋର୍ଟ କହିଛନ୍ତି ଯେ ବର୍ତ୍ତମାନ ଥିବା ଆଇନଗତ ବ୍ୟବସ୍ଥା ଯଥେଷ୍ଟ । ତେବେ ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି ।ଜଷ୍ଟିସ୍ ବିକ୍ରମ ନାଥ ଓ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ସାମ୍ବିଧାନିକ ଅଦାଲତ ଆଇନର ବ୍ୟାଖ୍ୟା କରିପାରନ୍ତି । କିନ୍ତୁ ଆଇନ ପ୍ରଣୟନ କରିପାରିବେ ନାହିଁ କିମ୍ବା ଆଇନ ପ୍ରଣୟନ କରିବାକୁ ସରକାରଙ୍କୁ ବାଧ୍ୟ କରିପାରିବେ ନାହିଁ । କୋର୍ଟ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଘୃଣା ଭାଷଣ ପରି ମାମଲାର ମୁକାବିଲା ପାଇଁ ଉପଲବ୍ଧ ଥିବା ବୈଧାନିକ ପ୍ରଣାଳୀ ଯଥେଷ୍ଟ । ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍) ଅପରାଧିକ ଆଇନକୁ ଗତିଶୀଳ କରିବା ପାଇଁ ଏକ ବ୍ୟାପକ ଢାଞ୍ଚା ପ୍ରଦାନ କରିସାରିଛି । କୌଣସି ଆଇନଗତ ଶୂନ୍ୟସ୍ଥାନ ବିଦ୍ୟମାନ ନାହିଁ । ଅତି ବେଶିରେ କୋର୍ଟ ସଂସ୍କାରର ଆବଶ୍ୟକତା ପ୍ରତି ଧ୍ୟାନ ଆକର୍ଷଣ କରିପାରନ୍ତି । ଆଇନ ପ୍ରଣୟନ କରାଯିବ କି ନାହିଁ ଏବଂ କେଉଁ ଉପାୟରେ କରାଯିବ ତାହା ସଂସଦ ଓ ରାଜ୍ୟ ବିଧାନସଭାର ସ୍ୱତନ୍ତ୍ର ପରିସର ମଧ୍ୟରେ ରହିଛି ।



CMYK

ନବପ୍ରଭାତ



# ଔଷଧୀୟ ବୃକ୍ଷର ସମ୍ଭାର...

# କେଲିଆ ଶୈବପୀଠରେ ଆକର୍ଷଣ



**ନବରଙ୍ଗପୁର :** ଡାବୁଗାଁ ବ୍ଲକ ଅଧୀନସ୍ଥ କେଲିଆ ଶୈବପୀଠ ଏକ ପର୍ଯ୍ୟଟନସ୍ଥଳୀ ଓ ଧର୍ମାନୁଷ୍ଠାନ କହିଲେ ଚଳେ। ମନ୍ଦିର ଚତୁଃପାର୍ଶ୍ୱରେ ମନୋରମଭରା ଶୋଭା ସତେ ଯେପରି ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିବାରେ ତତ୍ପର ହୋଇ ଉଠିଛି । ନବରଙ୍ଗପୁର ଜିଲ୍ଲା ସଦରମହକୁମାଠାରୁ ୪୫ କିମି ତଥା ଡାବୁଗାଁ ବ୍ଲକ ସଦରମହକୁମା ଠାରୁ ୧୩ କିମି ଦୂରରେ ରହିଛି କେଲିଆ ଶୈବପୀଠ । ମାନ୍ୟତା ଅନୁସାରେ ଏଠାରେ ପୂଜା ପାଉଥିବା ବାବା ଝାଡେଶ୍ୱର ମହାଦେବଙ୍କ ପ୍ରସାଦ ସେବନ ଓ ପାଦୁକା ଲେପନ କଲେ କୁଷ୍ଠ ରୋଗ ମଧ ଭଲ ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି। ମହାଦେବଙ୍କ ମନ୍ଦିର ନିକଟରେ ମା ଚଣ୍ଡୀଙ୍କ ମନ୍ଦିର ଅଛି। କେଲିଆ ପାହାଡ଼ ଛାଡିବା ମାତ୍ରେ ପ୍ରଥମେ ପଡେ ଡ଼ାଲଖାଇ ମନ୍ଦିର। ଏଠାରେ ଭୋଗ କହିଲେ ଭଗବାନଙ୍କ ଗଛର ଡାଳ ଛଡାଇବା ପରେ ସ୍ଥାନୀୟ ଲୋକମାନେ ମହାଦେବଙ୍କ ଦର୍ଶନ ପାଇଁ ଯାଆନ୍ତି। ପ୍ରଥମେ ଚାଳ ଛପର ଘରା କେଲିଆ ବାବା ଝଡ଼େଶ୍ୱରଙ୍କ ମନ୍ଦିର ନିର୍ମାଣ ହୋଇଥିଲା । କିନ୍ତୁ ବର୍ତ୍ତମାନ ମନ୍ଦିର କମିଟି ପ୍ରଚେଷ୍ଟାରେ ୨୦୦୨ ମସିହାରେ ୧୫ଲକ୍ଷ ଟଙ୍କା ବ୍ୟୟରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୦୧୩ ମସିହାରେ ମନ୍ଦିର ନିର୍ମାଣ ଶେଷ ହୋଇଥିଲା। ଏହି କେଲିଆ ଶୈବପୀଠରେ ନିଆରା ଆକର୍ଷଣ ହେଉଛି ଚାରିପଟେ ଥିବା ମନୋହର ଦୃଶ୍ୟ ଏବଂ ଔଷଧୀୟ ବୃକ୍ଷ ଗୁଡିକ ହରିଡା, ବାହାଡା, ଅଁଳା ଆଦି ବିଭିନ୍ନ ଔଷଧୀୟ ବୃକ୍ଷ । ଏହି ପର୍ଯ୍ୟଟନସ୍ଥଳ ନିକଟରେ ରହିଛି କେଲିଆ, ବାଣୁଆଗୁଡା, କୁମୁଝରିଆଗୁଡା, କପାଖନାଗୁଡା, ମାନିଆଗୁଡା। ସେଠାରେ ଆଜିବି ଲୋକମାନଙ୍କ ସରଳ ନିରୀହ ଜୀବନଧାରା ଦେଖିବାକୁ ମିଳେ। ଉକ୍ତ ଗ୍ରାମଗୁଡ଼ିକରେ ବାସ କରନ୍ତି ଭତରା, ଗୌଡ, ହରିଜନ, କୁମ୍ଭାର, ପରଜା, ଓ କନ୍ଧ ଭଳି ଆଦିବାସୀ ସମ୍ପ୍ରଦାୟର ଲୋକ। ପର୍ଯ୍ୟଟନସ୍ଥଳୀର ଅପରୂପ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଏଠାକୁ ସୁଅ ଛୁଟେ। ଓଡିଶା ସମେତ ପଡ଼ୋଶୀ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶର ପର୍ଯ୍ୟଟକ । ଏଠାରୁ ଜଙ୍ଗଲ ରାସ୍ତାରେ ୩ କିମି ଦୂରରେ ରହିଛି ପାର୍ବତୀ ଗୁମ୍ଫା । ଯାହାର ରହସ୍ୟ ପର୍ଯ୍ୟଟକଙ୍କୁ ଟାଣିଆଣିବାକୁ ସକ୍ଷମ ହୁଏ । ଏହିଗୁମ୍ଫା କେଉଁଠି ସମାପ୍ତ ହୋଇଛି ତାହା ଆଜିବି ରହସ୍ୟ ହୋଇ ରହିଛି । ଅନ୍ୟ ଆକର୍ଷଣ ମଧ୍ୟରେ ରହିଛି ‘ଗଙ୍ଗା କୁଣ୍ଡ ‘ ଏହି ଛୋଟିଆ କୁଣ୍ଡର ପାଣି କେବେବି କମୁନି । ଏହାଛଡା ଜଙ୍ଗଲ ମଧ୍ୟକୁ କିଛିଦୂର ଚାଲିଗଲେ ଦେଖାଯାଉଛି ରାଜରାଜୋଡା କାଳର



ଭଗ୍ନାବଶେଷର ପୁରୁଣା କୁଅ। ୩୦୦ /୪୦୦ ବର୍ଷ ପୁରୁଣା ଇଟା ଖଣ୍ଡଗୁଡିକ ଏହାସହ ଜଙ୍ଗଲ ମଧ୍ୟରୁ ଭାସି ଆସୁଥିବା କୁଟୁରା, ଠେକୁଆ ଆଦି ବନ୍ୟଜନ୍ତୁଙ୍କ ଶବ୍ଦ ପର୍ଯ୍ୟଟକଙ୍କ ମଧ୍ୟରେ ରୋମାଞ୍ଚ ସୃଷ୍ଟିକରେ । କିନ୍ତୁ ଦୁଃଖର ବିଷୟ ପ୍ରକୃତିର ଏହି ପର୍ଯ୍ୟଟନ ସ୍ଥଳୀର ବିକାଶ ହୋଇ ପାରିନାହିଁ । କେଲିଆ ଶୈବପୀଠଠାରୁ ପାର୍ବତୀଗୁମ୍ଫାକୁ ସଂଯୋଗ କରୁଥିବା ପାଦଚଲା ପାହାଡ଼ିଆ ରାସ୍ତାର ଉନ୍ନତକିରଣ ପାଇ ପ୍ରସ୍ତାବ ଦିଆ ଯାଇଛି ମାତ୍ର କାର୍ଯ୍ୟକାରୀ ହୋଇନାହିଁ। ତେଣୁ ପର୍ଯ୍ୟଟକମାନେ ବିପଦଶଙ୍କୁଳ ଅବସ୍ଥାରେ ଯିବା ଆସିବା କରୁଛନ୍ତି । ଏଠାରେ ପର୍ଯ୍ୟଟକମାନେ ରହିବା ପାଇଁ କୌଣସି ସୁବିଧା ନାହିଁ । ପର୍ଯ୍ୟଟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଲେ ରାଜସ୍ୱ ବୃଦ୍ଧି ସାଙ୍ଗକୁ ଆଦିବାସୀ ସଂସ୍କୃତି, ପରମ୍ପରା ଲୋକଲୋଚନାକୁ ଆସିପାରନ୍ତା ବୋଲି କେଲିଆ ଶୈବପୀଠ ମନ୍ଦିର କମିଟିର ସମ୍ପାଦକ ଦେବରାଜ ପାତ୍ର କହିଛନ୍ତି । ୩/୪ ବର୍ଷହେଲା ଏହି ଶୈବପୀଠକୁ ପର୍ଯ୍ୟଟନ ବିଭାଗ ନିଜ ହାତକୁ ନେଇଥିବା ବେଳେ ଆଜି ପର୍ଯ୍ୟନ୍ତ ଆଖିଦୃଶିଆ କୌଣସି ଉନ୍ନତିମୂଳକ କାମ ହୋଇନାହିଁ । ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଓ ଜିଲା ପ୍ରଶାସନ ବିଶେଷ ଧ୍ୟାନ ଦେବା ଆବଶ୍ୟକତା ରହିଛି ।

**ରିପୋର୍ଟ: ମିହିର ଶଙ୍କର ପାତ୍ର**

## ଗୁରୁ-ଦକ୍ଷିଣା

ଜଣେ ଯୁବକ ଜ୍ଞାନ-ପ୍ରାପ୍ତି ପାଇଁ ଋଷିଙ୍କ ପାଖକୁ ଗଲା। ବହୁତ ଦିନ ଧରି ତାଙ୍କ ସହିତ ରହି ଜ୍ଞାନ ଲାଭ କଲା। ଯେତେବେଳେ ଘରକୁ ଫେରିବାର ବେଳ ହେଲା, ତାକୁ ନିଜର ଗୁରୁଙ୍କ ଦକ୍ଷିଣା ଦେବା ପାଇଁ ମନ ହେଲା। ଗୁରୁ-ଦକ୍ଷିଣା ରୂପରେ ଋଷି ଗୋଟିଏ ଏମିତି ଜିନିଷ ମାଗିଲେ ଯାହା ପୂରା ବ୍ୟର୍ଥ ହୋଇଥିବ। ଏବେ ଶିଷ୍ୟ ବ୍ୟର୍ଥ ଜିନିଷ ଖୋଜିବା ପାଇଁ ବାହାରି ପଡ଼ିଲା। ଶିଷ୍ୟ ଯେତେବେଳେ ମାଟି ଆଡ଼କୁ ହାତ ବଢ଼େଇଲା। ସେ ସମୟରେ ମାଟି ଚିହିଁକି ପଡ଼ି କହିଲା, ତୁମେ ମୋତେ ବ୍ୟର୍ଥ ଭାବୁଛ ଧରା ପୃଷ୍ଠରେ ସବୁ ବୈଭବ ମୋ ଗର୍ଭରୁ ହିଁ ପ୍ରକଟ ହୋଇଥାଏ। କିଛି ଦୂରରେ ଗୋଟିଏ ପଥର ଥିଲା, ଯେମିତି ସେ ପଥର ଆଡ଼କୁ ହାତ ବଢ଼େଇଲା ପଥର କହିଲା ତୁମେ ଜ୍ଞାନୀ ହୋଇ ମୋତେ ବେକାର ଭାବୁଛ ଏହି ଭବନ, ନଦୀ, ନାଳ, ପର୍ବତରେ କ'ଣ ମୁଁ ନାହିଁ ତୁମେ ମୋତେ କାହିଁକି ବ୍ୟର୍ଥ ଭାବୁଛ ବୁଲି ବୁଲି ଶେଷରେ ଅଳିଆ ଗଦା ମିଳିଲା। ପାଖକୁ ଗଲା ବେଳେ ତା' ମନରେ ଘୃଣା ଭାବ ଆସିବାକୁ ଲାଗିଲା।



# ରାବଣକୁ ରମ୍ଭା ଓ ନଳ-କୁବେରଙ୍କ ଅଭିଶାପ

ରାବଣ ମହାପଣ୍ଡିତ ହେଲେ ସବୁ ସମୟରେ ମୂର୍ଖତାର ପରିଚୟ ଦେଉଥାଏ।






ପୌଲସ୍ତ୍ୟ ମୁନି ନିଜର ପୌତ୍ର ରାବଣକୁ ସହସ୍ରାର୍ଜୁନଙ୍କ ପୁରରୁ ମୁକ୍ତ କରି ଆଣି କହିଲେ, ଆରେ ଦଶାନନ ! ତୁ' କାହାର ପୁତ୍ର ଓ କାହାର ନାତି ହୋଇ ଏପରି କୁକାର୍ଯ୍ୟ କରି ବଂଶର ମାନ ମର୍ଯ୍ୟାଦା ନଷ୍ଟ କରୁଛୁ। ତୋର ଜ୍ୟେଷ୍ଠ ଭ୍ରାତା କୁବେର ଦେବତାଙ୍କ ସଂଗରେ ସମାନ ହୋଇ ପୂଜା ପାଉଥିବା ସ୍ଥଳେ ତୁ ବିଧା ଗୋଇଠା ଖାଉଛୁ ? ଆଉ ଏହିପରି କୁକର୍ମ ନ କରି ନିଜର କର୍ମକୁ ଉଚିତ୍ ମାର୍ଗରେ ଲଗାଇଲେ ଆନନ୍ଦ ପାଇବୁ। ମୁଁ ମୋ ସ୍ଥାନକୁ ଯାଉଛି। ତୁ ଲଙ୍କାଗଡ଼କୁ ପ୍ରସ୍ଥାନ କର। ରାବଣ ପିତାମାତାଙ୍କୁ ପ୍ରଣାମ କରି ଲଙ୍କାଗଡ଼କୁ ଯିବା ପଥରେ ଦେଖିଲା, ଏକ ସୁନ୍ଦରୀ ଯୁବତୀ କନ୍ୟାଟିଏ ହସ୍ତରେ ପୁଷ୍ପ ଚନ୍ଦନ ଧରି କେଉଁଆଡ଼େ ଯାଉଅଛି। ରାବଣ ସହଜରେ ରାକ୍ଷସୀ ଗର୍ଭରୁ ସମ୍ଭୂତ। ପିତାମହ ପୌଲସ୍ତ୍ୟଙ୍କ ନୀତିବାକ୍ୟ ତାର କୁଆଡ଼େ ବିସ୍ମରଣ ହୋଇଗଲା। ତା'ପରେ ସେ ସହସ୍ରାର୍ଜୁନଙ୍କ ପୁର ମଧ୍ୟରେ ବହୁଦିନ ଧରି ବନ୍ଦୀ ହୋଇଥିଲେ। ସେ ଏହିପରି ଅନୁପମ ସୁନ୍ଦରୀ ରମଣୀକୁ ଦେଖି ପ୍ରଶ୍ନକଲା, ହେ ନାରୀ ! ତୁ'କିଏ ? କେଉଁଆଡ଼େ ଯାଉଛୁ ? ଆ ମୋ ସଂଗରେ ଯିବୁ, ତୋତେ ଲଙ୍କାଗଡ଼ରେ ରାଣୀ କରି ରଖିବି। ସେହି କନ୍ୟା ଥିଲା ସ୍ୱର୍ଗର ଅପ୍ସରା ରମ୍ଭା। ସ୍ୱର୍ଗପୁରର ଅପ୍ସରାମାନେ ଯେଉଁଦିନ ଦେବତାଙ୍କ ପୁରକୁ ଯାଆନ୍ତି, ସେହିଦିନ ସେହି ଦେବତାଙ୍କ ପତ୍ନୀ ହୋଇଥାନ୍ତି। ସେହିଦିନ ରମ୍ଭା କୁବେରଙ୍କ ପୁତ୍ର ନଳକୁବେରଙ୍କ ପୁରକୁ ଗମନ କରୁଥିଲେ। ରମ୍ଭା ରାବଣକୁ ବହୁ ପୂର୍ବରୁ ଚିହ୍ନିଥିଲା। ତେଣୁ ସେ ଲଜ୍ଜାରେ ମୁଖତଳକୁ କରି ରହିଗଲା। କିନ୍ତୁ ରାବଣ କିଛି ହିତାହିତ ବିଚାର ନକରି ରମ୍ଭାର ହସ୍ତକୁ ଧରି ଜବରଦସ୍ତ ଟାଣିଲା। ରମ୍ଭା ହସ୍ତକୁ ଛଡ଼ାଇ ନେଇ କହିଲା, ହେ ଲଙ୍କାପତି ! ମୁଁ ତୁମ୍ଭର ପୁତ୍ରବଧୂ ନଳକୁବେରଙ୍କ ପତ୍ନୀ ଅଟେ। ତୁମ୍ଭେ ମୋର ଶ୍ୱଶୁର । ଏପରି ଅନ୍ୟାୟ କିପରି କରୁଛନ୍ତି। ରାବଣ ମହାପଣ୍ଡିତ ହେଲେ ସବୁ ସମୟରେ ମୂର୍ଖତାର ପରିଚୟ ଦେଉଥାଏ।

# ମନ୍ତ୍ରର ଶକ୍ତି

## ନିୟମିତ ଜପ କଲେ ମିଳିଥାଏ ଲାଭ

*ଯେଉଁମାନଙ୍କୁ ଅଧିକ କ୍ରୋଧ ଆସିଥାଏ, ସେମାନେ ମଧ ଏହି ମନ୍ତ୍ର ଜପ କରିବା ଉଚିତ। ଏହି ମନ୍ତ୍ର ଜପ କରିବା ଦ୍ୱାରା ଆପଣଙ୍କୁ ବହୁ ଶୁଭଫଳ ମଧ ପ୍ରାପ୍ତି ହେବା ସହ ଅନେକ ସମସ୍ୟାର ସମାଧାନ ହୋଇଥାଏ।*





ଧାର୍ମିକ ମାନ୍ୟତା ଅନୁଯାୟୀ, ନିୟମିତ ମନ୍ତ୍ର ଜପ କରିବା ଦ୍ୱାରା ଜୀବନରେ ସକରାତ୍ମକ ଶକ୍ତି ସଞ୍ଚାର ହୋଇଥାଏ। ଦୁଃଖକଷ୍ଟ ଦୂର ହୋଇ, ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ଦେବୀଦେବତାଙ୍କ ଶକ୍ତି ମନ୍ତ୍ରରେ ସମାହିତ ହୋଇ ରହିଥାଏ ବୋଲି କୁହାଯାଏ। ଜାଣନ୍ତୁ ସେଭଳି କେତେକ ମନ୍ତ୍ର...

୧– ସମସ୍ତ ସଙ୍କଟରୁ ମୁକ୍ତି ପାଇବା ପାଇଁ ହନୁମାନଙ୍କ ପୂଜା ଓ ମନ୍ତ୍ର ଖୁବ ସହାୟକ ହୋଇଥାଏ। ଆପଣ ଜୀବନରେ ଯଦି ସମସ୍ୟା , କାର୍ଯ୍ୟରେ ବାଧା ଲାଗି ରହୁଛି ତେବେ ଏଥିରୁ ମୁକ୍ତି ପାଇବା ପାଇଁ ନିୟମିତ 'ଓଁ ହନୁମନ୍ତେ ନମଃ' ମନ୍ତ୍ର ଜପ କରନ୍ତୁ।

୨ – ଧାର୍ମିକ ମାନ୍ୟତା ଅନୁଯାୟୀ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରଭୁ ଶିବଶଙ୍କର ମନ୍ତ୍ର ଜପ କରିବା ବେଶ ଲାଭଦାୟକ। ନିୟମିତ 'ଓଁ ନମଃ ଶିବାୟ' ମନ୍ତ୍ର ଜପ କରିବା ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ, ମାନସିକ ଶାନ୍ତି ପ୍ରାପ୍ତି ହୋଇଥାଏ। ଯେଉଁମାନଙ୍କୁ ଅଧିକ କ୍ରୋଧ ଆସିଥାଏ, ସେମାନେ ମଧ ଏହି ମନ୍ତ୍ର ଜପ କରିବା ଉଚିତ। ଏହି ମନ୍ତ୍ର ଜପ କରିବା ଦ୍ୱାରା ଆପଣଙ୍କୁ ବହୁ ଶୁଭଫଳ ମଧ ପ୍ରାପ୍ତି ହେବା ସହ ଅନେକ ସମସ୍ୟାର ସମାଧାନ ହୋଇଥାଏ। ୩ – ବହୁ ସମସ୍ୟାରେ ଏପରି ହୋଇଥାଏ ବ୍ୟକ୍ତିଙ୍କୁ ବିଶ୍ୱାସଘାତକତା ଓ କାର୍ଯ୍ୟରେ ବାରମ୍ବାର ଅସଫଳତା ମିଳିଥାଏ। ଏହି ସମସ୍ତ ସମସ୍ୟାରୁ ମୁକ୍ତି ପାଇବାକୁ ହେଲେ ନିୟମିତ ଗାୟତ୍ରୀ ମନ୍ତ୍ରର ଜପ କରନ୍ତୁ। ବିଭିନ୍ନ ଶାସ୍ତ୍ରରେ ମଧ ଏହି ମନ୍ତ୍ରର ଲାଭଦାୟକ ଗୁଣ ବିଷୟରେ ବର୍ଣ୍ଣନା କରାଯାଇଛି। ୪ – ବିଭିନ୍ନ ପ୍ରକାର ଗ୍ରହ ଦୋଷରୁ ମୁକ୍ତି ପାଇବାକୁ ଧନସମ୍ପତ୍ତି, ବୈଭବ ଆଦି ପୂରଣ ପାଇଁ ନିୟମିତ ମହାମୃତ୍ୟୁଞ୍ଜୟ ମନ୍ତ୍ରର ଜପ କରନ୍ତୁ।

# ଅଧିକ ହାଇ ଆସୁଛି କି ? ଜାଣନ୍ତୁ



ସାଧାରଣତଃ ଥକିବା ସମୟରେ ଅନେକଙ୍କୁ ହାଇ ଆସିଥାଏ। ଏହା ବ୍ୟତୀତ ଭଲ ଭାବେ ନିଦ ନ ହୋଇଥିଲେ ବାରମ୍ବାର ହାଇ ଆସିଥାଏ। ହାଇ ଆସିବାର ଅନେକ ଶାରିରୀକ ଓ ମାନସିକ କାରଣ ମଧ ରହିଛି। ଥକ୍କାପଣ, ଚିନ୍ତା ଓ ଅନ୍ୟ କିଛି କାରଣରୁ ହାଇ ଆସିଥାଏ। ଏହା ବ୍ୟତୀତ ଶରୀରରେ ଅମ୍ଳଜାନର ଅଭାବ କାରଣରୁ ମଧ ହାଇ ଆସିଥାଏ। ଦିନ ସାରା ୩ ରୁ ୪ ଥର ହାଇ ଆସିବା ସାଧାରଣ କଥା। ମାତ୍ର କିଛି ଲୋକଙ୍କ କ୍ଷେତ୍ରରେ ପ୍ରତ୍ୟେକ ସମୟରେ ହାଇ ଆସିବା ଦେଖାଯାଏ। କିଛି ଲୋକଙ୍କୁ ବାରମ୍ବାର ହାଇ ଆସିଥାଏ। ଏପରି ହେଉଥିଲେ ଏହାକୁ ଅଣଦେଖା କରନ୍ତୁ ନାହିଁ। ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ। ବାରମ୍ବାର ଓ ଅଧିକ ହାଇ ଆସିବା କିଛି ସ୍ୱାସ୍ଥ୍ୟ ସମସ୍ୟାର ସଙ୍କେତ ଦେଇଥାଏ। ଅଧିକ ହାଇ ଆସିବା ହୃଦୟଜନିତ ସମସ୍ୟା ଥିବାର ସଙ୍କେତ ଦେଇଥାଏ। ଅଧ୍ୟୟନ ଅନୁଯାୟୀ, ହୃଦୟଜନିତ କୌଣସି ସମସ୍ୟା ଥିଲେ ଅତ୍ୟଧିକ ହାଇ ଆସିଥାଏ। ତେଣୁ ଅଧିକ ହାଇ ଆସୁଥିଲେ ଏହାକୁ ଅଣଦେଖା କରନ୍ତୁ ନାହିଁ। ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ରକ୍ତଚାପ ଜନିତ ସମସ୍ୟା ଥିଲେ ମଧ ବାରମ୍ବାର ହାଇ ଆସିଥାଏ। ଅଧିକ ଚିନ୍ତାଗ୍ରସ୍ତ ରହୁଥିଲେ ,ରକ୍ତଚାପ ଜନିତ ସମସ୍ୟା ହୋଇଥାଏ। ଉଚ୍ଚ ରକ୍ତଚାପ ସମସ୍ୟା ହେବା ଫଳରେ ମସ୍ତିଷ୍କ ପର୍ଯ୍ୟନ୍ତ ଆବଶ୍ୟକ ଅମ୍ଳଜାନ ପହଞ୍ଚି ପାରିନଥାଏ। ଏଭଳି ସ୍ଥିତିରେ ହାଇ ଜରିଆରେ ଅମ୍ଳଜାନ ପହଞ୍ଚି ଥାଏ। ତେଣୁ ଉଚ୍ଚ ରକ୍ତଚାପ ସମସ୍ୟାରୁ ରକ୍ଷା ପାଇବା ପାଇଁ ନିଜ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ। ଶରୀରରେ ଥାଇରଏଡ ହରମୋନ୍ ଅସନ୍ତୁଳିତ ହେବା ଦ୍ୱାରା ମଧ ବାରମ୍ବାର ହାଇ ଆସିଥାଏ। ତେଣୁ ଏହାକୁ ମଧ ଅଣଦେଖା କରନ୍ତୁ ନାହିଁ। ଓଜନ ବୃଦ୍ଧି, ପ୍ରତ୍ୟେକ ସମୟରେ ଥକ୍କାପଣ ଅନୁଭବ କରିବା, କୋଷ୍ଠକାଠିନ୍ୟ, କେଶ ଝଡିବା ଆଦି ଲକ୍ଷଣ ଦେଖାଗଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଅତ୍ୟଧିକ ହାଇ ଆସୁଥିଲେ, ଯକୃତ ଜନିତ ସମସ୍ୟା ସୃଷ୍ଟି ହେଉଥିବାର ସଙ୍କେତ ଦେଇଥାଏ। ଏଭଳି ହେବା ଦ୍ୱାରା ଅତ୍ୟଧିକ ହାଇ ଆସିବା ସହ ଅଧିକ ଥକ୍କାପଣ ମଧ ଅନୁଭବ ହୋଇଥାଏ। ରକ୍ତରେ ଶର୍କରା ପରିମାଣରେ ଅତ୍ୟଧିକ କମିଲେ ବାରମ୍ବାର ହାଇ ଆସିଥାଏ। ଏହାସହ ମଧୁମେହ ସମସ୍ୟା ଥିଲେ ମଧ ଅଧିକ ହାଇ ଆସିଥାଏ। ତେଣୁ ଶର୍କରାର ମାତ୍ରା କମିବା ଦ୍ୱାରା ମୁଣ୍ଡବିନ୍ଧା, ଥକ୍କାପଣ, ବ୍ୟସ୍ତବିବ୍ରତ ଆଦି ସମସ୍ୟା ହେଲେ ଡାକ୍ତରଙ୍କ ସହ ନିଶ୍ଚୟ ପରାମର୍ଶ କରନ୍ତୁ।

# ମହାପ୍ରୟାଣ

*ଲକ୍ଷେ ରାଜାର ମଉଡ଼ମଣି ମହାଜ୍ଞାନୀ ପରୀକ୍ଷିତ ପଶ୍ଚାତାପ କରି ଭାବିଲେ ଏ ସଂସାର ମଧ୍ୟରେ କିଛି ଚିରସ୍ଥାୟୀ ନୁହେଁ।*





କୁରୁକୁଳ ଭୂଷଣ ପରୀକ୍ଷିତ ଯେତେବେଳେ ଜାଣିଲେ ଯେ, ସେ ଋଷିପୁତ୍ରଙ୍କ ଦ୍ୱାରା ଅଭିଶପ୍ତ ହୋଇଛନ୍ତି, କିଛିକ୍ଷଣ ପାଇଁ ସ୍ତବ୍ଧ ହୋଇଗଲେ। ପରେ ଆତ୍ମଗ୍ଲାନିରେ ତାଙ୍କର ଅନ୍ତର ଦହନ ହେବାକୁ ଲାଗିଲା । ଚିନ୍ତାକଲେ ମୁଁ ମୂର୍ଖ ଚଣ୍ଡାଳ ତୃଷାରେ ବ୍ୟାକୁଳିତ ହୋଇ କ୍ରୋଧକୁ ସମ୍ବରଣ କରି ପାରିଲି ନାହିଁ। କଶ୍ୟପ ଋଷିଙ୍କ ପୁତ୍ରକୁ ଜାଣି ନ ପାରି କାଳ ସର୍ପମାଳା ଲମ୍ବାଇ ଦେଲି । ଯେଉଁ ବ୍ରହ୍ମଶାପ ଏତେବଡ଼ ଯଦୁବଂଶକୁ ନାଶ କଲାସେହି ବ୍ରହ୍ମଶାପକୁ ମୁଁ କିପରି ଖଣ୍ଡନ କରିବି । ନିଜେ ନିଜର ଧ୍ୱଂସକୁ ଡ଼ାକି ଆଣିଲି । ଏହି ସୋମବଂଶରେ ମୋର ପୂର୍ବଜମାନେ କରିଥିବା ଯଶକୀର୍ତ୍ତିକୁ ସବୁ ମୁଁ ମାଟିରେ ମିଶାଇ ଦେଲି। ସ୍ୱର୍ଗଧାମରେ ମୋର ପିତୃ ପିତାମହ ପ୍ରଭୃତି ମୋତେ କ'ଣ ଭାବିବେ। ଲକ୍ଷେ ରାଜାର ମଉଡ଼ମଣି ମହାଜ୍ଞାନୀ ପରୀକ୍ଷିତ ପଶ୍ଚାତାପ କରି ଭାବିଲେ ଏ ସଂସାର ମଧ୍ୟରେ କିଛି ଚିରସ୍ଥାୟୀ ନୁହେଁ। କେବଳ ହରିନାମ ହିଁ ଶ୍ରେଷ୍ଠ । ସେହି ସୁଦର୍ଶନ ଚକ୍ରଧାରୀ ଗୋଲକବିହାରୀ ବିଷ୍ଣୁଙ୍କ ପଦତଳେ ଏହି ପ୍ରାଣକୁ ସମର୍ପଣ କରିବି । ହେ କୃଷ୍ଣ ! ହେ ଶ୍ୟାମ ସୁନ୍ଦର ! ତୁମ୍ଭର କୃପା ମହତଜନମାନଙ୍କୁ ସହାୟ ହୋଇତାଏ । ପୂର୍ବରୁ କେଉଁ ପାପ ଯୋଗେ ମୁଁ ସମସ୍ତ ଯଶକୀର୍ତ୍ତି ହରାଇ ତୁମ୍ଭର କୃପାରୁ ବଂଚିତ ହେଲି । ହେ କେଶବ ! ଏ ମହାପାପୀକୁ ସହାୟ ହୁଅ । ପରେ ପରେ ରାଜା ନିଜର କୁଳ ପୁରୋହିତ ଧୌମଙ୍କୁ ପାଖକୁ ଅଣାଇ ସମସ୍ତ ବିଷୟ ଜଣାଇଲେ। ଗଙ୍ଗାନଦୀ କୂଳରେ ମଣ୍ଡପ ନିର୍ମାଣ କରିବାକୁ ଦୂତମାନଙ୍କୁ ନିର୍ଦ୍ଦେଶ ଦେଲେ । ରାଜା ପରୀକ୍ଷିତଙ୍କ ତକ୍ଷକ ଦଂଶନ କରିବା ସମ୍ବାଦ ଅନ୍ତଃପୁର ମଧ୍ୟରେ ପ୍ରଚାର ହୋଇଗଲା । ରାଣୀ ପ୍ରଭାମୟୀଙ୍କ ଜୀବନରେ ଜ୍ୟୋତିଷଙ୍କ ଭବିଷ୍ୟବାଣୀ ସତ୍ୟରେ ପରିଣତ ହେଲା । ରାଜା ଶିକାର କରିବାକୁ ଯିବା ସମୟେ ରାଣୀ ଭଗବାନ ବିଷ୍ଣୁଙ୍କୁ ଆରାଧନା କରୁଥିଲେ । ଏ ସମ୍ବାଦ ଶ୍ରବଣ କରି ପ୍ରଭୁଙ୍କ ପଦଯୁଗଳ ଧରି ଭୂମିତଳେ ପତିତ ହେଲେ। କିଛିକ୍ଷଣ ପରେ ରାଣୀ କହିଲେ, ହେ ମଧୁସୁଦନ ! ହେ କଂସାରୀ ! ହେ କେଶବ ! ହେ କୃଷ୍ଣ ବାସୁଦେବ ! ମୋ କର୍ମଫଳରେ କ'ଣ ଏହା ଲେଖାଥିଲା । ହେ ଗୋବିନ୍ଦ । ଏ ବୈଧବ୍ୟ ସବୁଠାରୁ ଦୁଃଖଦାୟକ । ନାରୀ ପାଇଁ ସବୁଠାରୁ ହେଉଛି ଏ କଠୋର ଦଣ୍ଡ । ଏ ଦୁଃଖ ମୋତେ ଦିଅନ୍ତୁ ନାହିଁ । ଏ ଶରୀର କେବଳ ସ୍ୱାମୀଙ୍କର । ସେ ଯେତେବେଳେ ତକ୍ଷକ ଦଂଶନରେ ଭସ୍ମ ହେବେ । ଏ ପ୍ରାଣ କାହିଁକି ଏ ପିଣ୍ଡରେ ରହିବ । ହେ କୃଷ୍ଣ ବାସୁଦେବ ! ଦୟାକର । ମୋର ଜୀବନ ପ୍ରଥମେ ନାଶ କର । ହେ ଶ୍ୟାମସୁନ୍ଦର ! ମୋର ବୃଦ୍ଧା ଶାଶୁଙ୍କର ଯେପରି ମାନରକ୍ଷା କରିଥିଲ ସେହି କୃପାରୁ ଏକ କାଣିଚାଏ ବିନ୍ଦୁ ମୋତେ ପ୍ରଦାନ କର । ଏହିପରି କହି ପ୍ରଭାମୟୀ ଭଗବାନ ବିଷ୍ଣୁଙ୍କ ପଦତଳେ ମୂର୍ଚ୍ଛିତ ହେଲେ। ପ୍ରଭୁଙ୍କ କୃପାରୁ ସେ ମୂର୍ଚ୍ଛା ଆଉ ଭାଙ୍ଗିଲା ନାହିଁ । ତାଙ୍କର ସେହି କୃଷ୍ଣ ବାସୁଦେବଙ୍କ ପ୍ରତିମା ଅଙ୍ଗରେ ମିଶିଗଲା । ଏହିପରି ପ୍ରଭାମୟୀଙ୍କ ପତି ଅନୁରକ୍ତା ପ୍ରାଣ ମହାପ୍ରୟାଣ ପ୍ରାପ୍ତ ହେଲା ।

CMYK



## ମହିଳା ଜନ ଆକ୍ରୋଶ ଆନ୍ଦୋଳନ ନାରୀ ସଶକ୍ତିକରଣ ପାଇଁ ଆନ୍ଦୋଳନ, ଶୋଭାଯାତ୍ରା

ନିମାପଡ଼ା, (ନି.ପ୍ର.): ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚା ପକ୍ଷରୁ ମହିଳା ଜନ ଆକ୍ରୋଶ ଆନ୍ଦୋଳନ ବୁଧବାର ଦିନ ନିମାପଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି । ନେତ୍ରୀ ମୀନଲତା ମହାନ୍ତିଙ୍କ ନେତୃତ୍ୱରେ ମହିଳାମାନେ ନାରୀ ସଶକ୍ତିକରଣ ସ୍ଲୋଗାନ ମାନ ଦେଇ ନୂଆ ବସ୍‌ଷ୍ଟାଣ୍ଡରୁ ବାହାରି ମୁଖ୍ୟ ବଜାର ପରିକ୍ରମା କରିଥିଲେ । ବିରୋଧୀ ଦଳମାନେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ, ସୀମା ନିର୍ଦ୍ଧାରଣ ବିଲ୍ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଇନ ସଂଶୋଧନ ବିଲ୍ ଉପରେ ଆଲୋଚନା କରାଯାଇ ଗୃହରେ ବିରୋଧ କରାଯିବାରୁ ତାହା ଗୃହୀତ ହୋଇପାରିଲାନି । ଫଳରେ ମହିଳା ବିରୋଧୀ ଆଚରଣ ବିରୋଧୀ ସ୍ପଷ୍ଟ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀତି ନିର୍ଦ୍ଧାରଣରେ ମହିଳାଙ୍କୁ ଭାଗିଦାରୀ ଦେବା କୌଣସି ଅନୁଗ୍ରହ ନୁହେଁ ବରଂ ଏହା ମହିଳାଙ୍କ ସ୍ୱାଭାବିକ ଅଧିକାର ବୋଲି ନାରୀ ନେତ୍ରୀମାନେ ସ୍ଲୋଗାନ ମାଧ୍ୟମରେ ପ୍ରକାଶ କରିଥିଲେ । ଅନେକ ମହିଳା ନେତ୍ରୀ ଓ କର୍ମୀମାନେ ଶୋଭାଯାତ୍ରାରେ ଦେଶ ବିରୋଧୀ ଶକ୍ତିଙ୍କ ବିରୁଦ୍ଧରେ ସଜାଗ ରହିବା ପାଇଁ ଆହ୍ୱାନ ଦେଇଥିଲେ । ଉପ-ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଯଚିନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଆଇନ ସଚେତନତା ଓ ଯୌନ ନିର୍ଯାତନା ସଚେତନତା କାର୍ଯ୍ୟକ୍ରମ




ହିଞ୍ଜିଳିକାଟୁ, (ନିପ୍ର): ଆଇନ ସଚେତନତା କମିଟି, ହିଞ୍ଜିଳିକାଟୁ ପକ୍ଷରୁ ବୁଧବାର ସ୍ଥାନୀୟ ବ୍ଲକ ବଡଖଣ୍ଡି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଆଇନ ସଚେତନତା ଓ ଯୌନ ନିର୍ଯାତନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନ ସଚେତନତା କମିଟି ଅଧ୍ୟକ୍ଷ ତଥା ସବଜଜ୍ ସୁଶ୍ରୀ ସଙ୍ଗୀତା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବଡଖଣ୍ଡି ସରପଞ୍ଚ ଝୁନୁ ନାଇକ, ସମିତିସଭ୍ୟା କେ. ନର୍ମଦା, ବିଡ଼ିଓ ସାଗରୀକା ଷଡ଼ଙ୍ଗୀ, ହିଞ୍ଜିଳି ଥାନା ଏସଆଇ ଧରିତ୍ରୀ ବିଶ୍ୱାଳ, କନିଷ୍ଠ ଯନ୍ତ୍ରୀ ଡି. ଅଶୋକ, ଆଇନଜୀବୀ ଦ୍ୱିତୀକୃଷ୍ଣ ସାବତ, ଶରତ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ । ସମ୍ପ୍ରତି ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବସବାସ କରୁଥିବା ମହିଳା, ନାବାଳିକାଙ୍କ ପ୍ରତି ବୃଦ୍ଧି ପାଉଥିବା ହିଂସା, ନିର୍ଯାତନା ଓ ବାଲ୍ୟ ବିବାହ କ୍ଷେତ୍ରରେ ସହାୟତା ପାଇଁ ଓଡ଼ିଶା ସରକାରଙ୍କ ମହିଳା କମିଶନ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହା ଦ୍ୱାରା ଘରୋଇ ହିଂସା ଓ ନିର୍ଯାତିତାର ଶିକାର ହେଉଥିବା ମହିଳାଙ୍କ ପାଇଁ ଉପଲବ୍ଧ ଆଇନ ବ୍ୟବସ୍ଥା ,ସହାୟତା,ଲିଙ୍ଗ ଭିତ୍ତିକ ହିଂସାରେ ମହିଳାଙ୍କ ନିରାପତ୍ତା,ସୁରକ୍ଷା ଓ ସେମାନଙ୍କ ଅଧିକାର ପାଇଁ ସରକାରଙ୍କ ଦ୍ୱାରା ଉଦ୍ଦିଷ୍ଟ ବିବିଧ ଆଇନ ବ୍ୟବସ୍ଥା , ଏହାର ଉପଯୋଗିତା , ନିଃଶୁଳ୍କ ନମ୍ବର ସୁବିଧା ଉପଲବ୍ଧ ନେଇ ଅତିଥି ମାନେ ଅଭିଭାଷଣ ପ୍ରଦାନ କରିଥିଲେ । ବାଲ୍ୟ ବିବାହ ନିଷେଧ ଆଇନ,ଯୌତୁକ ନିଷେଧ ଆଇନ,କର୍ମ କ୍ଷେତ୍ରରେ ନିୟୋଜିତ ଥିବା ମହିଳାଙ୍କୁ ଯୌନ ଉତ୍ପୀଡନ ଆଇନ,ଗୁଣି ଗାରେଡ଼ି ଭଳି କୁସଂସ୍କାର ଓ ନାବାଳିକା ଯୌନ ଉତ୍ପୀଡନ ଓ ମହିଳା ଚାଲାଣ କ୍ଷେତ୍ରରେ ଉଦ୍ଦିଷ୍ଟ ଥିବା ଆଇନ ପ୍ରସଙ୍ଗରେ ସମ୍ବଳ ପ୍ରଶିକ୍ଷକ ଦ୍ୱୟ ବିସ୍ତୃତ ଭାବେ ଉପସ୍ଥାପନା କରିଥିଲେ ।

## ନିମାପଡ଼ା ବ୍ଲକ୍ ବିଭିନ୍ନ ଗ୍ରାମରେ ଜଳକଷ୍ଟ ଜଳଛତ୍ର ଖୋଲିବା ପାଇଁ ଦାବିପତ୍ର ପ୍ରଦାନ

ନିମାପଡ଼ା, (ନି.ପ୍ର.): ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବା ବେଳେ ଏହି ବ୍ଲକ୍ ଅଧୀନସ୍ଥ ବିଭିନ୍ନ ଗ୍ରାମରେ ପାନୀୟ ଜଳ କଷ୍ଟ ଦେଖା ଦେଇଛି । ଏହାର ପ୍ରତିକାର ନିମନ୍ତେ ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ସ୍ୱାର୍ଥରକ୍ଷା ନିମନ୍ତେ କାର୍ଯ୍ୟରତ ଯୁବ ସଂଗଠନ ଜାଗ୍ରତ ଯୁବଶକ୍ତି ପକ୍ଷରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବାମନାଳ, ବଳଙ୍ଗା, ରଟିଲୋ, ଉଚ୍ଛୁପୁର, ଧଳେଶ୍ୱର, ଭିଲ୍ଲିଗ୍ରାମ, ଛଣିଜଙ୍ଗ, ଭୋଗଶାଳଦା, ଭୋଦର ଆଦି ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାନୀୟ ଜଳ କଷ୍ଟ ଦେଖା ଦେଇଥିବା ଗ୍ରାମବାସୀମାନେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ହେଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଗ୍ରାମବାସୀଙ୍କ ଠାରୁ ପ୍ରକାଶ । ଅଚଳ ନଳକୂପ ଗୁଡ଼ିକ ସଚଳ କରିବା ପାଇଁ ସଂଗଠନ ଆବାହକ ଆଦର୍ଶ ଦାଶ ଗୁରୁତ୍ୱ ଦେଇଥିବା ବେଳେ ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସଂଗଠନ ସଂଯୋଜକ ସମୀର ରାଉତରାୟ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ବିଜୟାନନ୍ଦ ଦାସ, ସୋମନାଥ ନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ କରିବା ସହିତ ନିମାପଡ଼ା-ପିପିଲି ରାସ୍ତା, ନିମାପଡ଼ା-ବଳଙ୍ଗା, ବାମନାଳ, ନିଆଁଗୋରଡ଼ା ରାସ୍ତାର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା ପାଇଁ ଦାବି କରିଥିଲେ ।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ଦାବିପତ୍ର ପ୍ରଦାନ




ଅନୁଗୋଳ,(ନିପ୍ର): ଅନୁଗୋଳ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ୬ ଦଫା ଦାବି ନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ, ଅନ୍ୟ ରାଜ୍ୟ ପରି ଓଡିଶାରେ ବୟସ୍କ ସାମ୍ବାଦିକମାନଙ୍କୁ ମାସିକ ୧୫ ହଜାର ଟଙ୍କା ପେନନ୍ ବ୍ୟବସ୍ଥା କରାଯିବା, ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହ ବ୍ଲକ ଠାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ପ୍ରଚଳିତ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପିତାମାତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନିର୍ଭରଶୀଳ ସନ୍ତାନ ମାନଙ୍କୁ ସାମିଲ୍ କରାଯିବା ସହ ଅବସରପ୍ରାପ୍ତ ସାମ୍ବାଦିକଙ୍କୁ ଯୋଜନା ପରିଧିରେ ଅଣାଯିବା, ମୃତ୍ୟୁକାଳୀନ ଅନୁକମ୍ପା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା, ପ୍ରେସ୍ ଏକାଡେମୀ ଗଠନ କରି ରାଜଧାନୀ ଆସୁଥିବା ସାମ୍ବାଦିକଙ୍କ ପାଇଁ ସ୍ୱଳ୍ପମୂଲ୍ୟରେ ରହଣୀ ବ୍ୟବସ୍ଥା କରାଯିବା ଇତ୍ୟାଦି ୬ ଦଫା ଦାବୀରେ ଆଜି ପୂର୍ବାହ୍ନରେ ସାମ୍ବାଦିକ ମାନେ ଧାରଣା ଦେଇଥିଲେ । ଉତ୍କଳ ସାମ୍ବାଦିକ ସଂଘ ଅନୁଗୋଳ ଜିଲ୍ଲା ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ରାଜ୍ୟ ଉପସଭାପତି ତଥା ଜିଲ୍ଲା ସାଧାରଣ ସଂପାଦକ ଡ. ରଶ୍ମିରଞ୍ଜନ ମିଶ୍ର ଓ କାର୍ଯ୍ୟକାରୀ ସଭାପତି ଦେବୀ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଜିଲ୍ଲା ଉପସଭାପତି ଆଶିଷ୍ କୁମାର ସିଂ, ଶୁଭ୍ରରଂଜନ ଦାସ, ଅକ୍ଷୟ କୁମାର ମିଶ୍ର, ଆଠମଲ୍ଲିକ୍ ଶାଖା ସଭାପତି ସୁଧାଂଶୁ ଗାଇଗାରିଆ,ଅଲେଖ ଭୂତିଆ, ଚିତ୍ତରଞ୍ଜନ ପାଣି, ପ୍ରଭାତ ରଞ୍ଜନ ପାଣି, ଅନିଲ ସାମଲ, ପ୍ରକାଶ ସାହୁଙ୍କ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଧାରଣାରେ ସାମିଲ୍ ହୋଇଥିଲେ ।

# ଜଙ୍ଗଲରେ ଦେଶୀ ମଦ ମାଫିଆଙ୍କୁ ଦିଆଯାଉଛି ପ୍ରଶ୍ରୟ !



ଆଠଗଡ଼ ୨୯ ।୪(ନିପ୍ର): ଦୀର୍ଘଦିନ ଧରି ଜଙ୍ଗଲ ମାଫିଆଙ୍କ କବଜାରେ ରହି ଆସିଛି ଆଠଗଡ ବନଖଣ୍ଡ । ସର୍ବାଧିକ ଜଙ୍ଗଲ ସମ୍ପଦ ଲୁଟ ସହିତ ନିରୀହ ବନ୍ୟଜନ୍ତୁ ଶିକାରୀଙ୍କ ଅଡ୍ଡାସ୍ଥଳୀ ପାଲଟିଛି ଏହି ସଦର ରେଞ୍ଜ । ଏହି ସଦର ରେଞ୍ଜର ତିଗିରିଆ ଫରେଷ୍ଟ ବିଟ୍ ଅଂଚଳରେ ଚାଲିଛି ଅବାଧ ବନ୍ୟଜନ୍ତୁ ଶିକାର ଓ ଅବାଧରେ ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଲୁଟ ସହିତ ତିଗିରିଆ ଫରେଷ୍ଟରଙ୍କ ପ୍ରୋତ୍ସାହନରେ ଚାଲିଛି । ଭୀରୁଡ଼ା ସଂରକ୍ଷିତ ଜଙ୍ଗଲରେ ନକଲି ଦେଶୀ ବିଦେଶୀ ମଦର କୁଟୀର ଶିଳ୍ପ ପାଲଟିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି । ଏହି ସଂରକ୍ଷିତ ଜଙ୍ଗଲରେ ଗଢିଉଠିଥିବା ନକଲି ଦେଶୀ ମଦର କୁଟୀର ଶିଳ୍ପ ଉପରେ ତିଗିରିଆ ପୋଲିସ ଓ ଆଠଗଡ଼ ଅବକାରୀ ବିଭାଗ ବାରମ୍ବାର ଚଢ଼ାଉ କରି ମଦ ପୋଚ ସହିତ ପ୍ରସ୍ତୁତ ମଦ ନଷ୍ଟ କରୁଥିବାବେଳେ ଜାଣି ପାରୁନାହାନ୍ତି ତିଗିରିଆ ଫରେଷ୍ଟର ଓ ଫରେଷ୍ଟ ଗାର୍ଡମାନେ । ଏବାବଦରେ ଅଭିଯୋଗ କରିଛନ୍ତି ଭୀରୁଡ଼ା ଗ୍ରାମର ବହୁ ଯୁବକ । ଦୀର୍ଘଦିନ ଧରି ତିଗିରିଆ ସଂରକ୍ଷିତ ଜଙ୍ଗଲ ଲଘୁ ଖଣିଜ ସମ୍ପଦ ଲୁଟ ପାଇଁ ସାରା ରାଜ୍ୟରେ ଚର୍ଚ୍ଚା ସହିତ ୨୦୨୨ ମସିହା ଜାନୟାରୀ ୪ତାରିଖ ଦିନ ଏସିଆ ମହାଦେଶର ପ୍ରଥମ କଳରା ପତରିଆ ବାଘକୁ ଜନ୍ୟଜନ୍ତୁ ଶିକାରୀମାନେ ଫାଶରେ ପକାଇ ମାରିଥିବା ସାରା ରାଜ୍ୟରେ ଥିଲା ଚର୍ଚ୍ଚିତ ଘଟଣା । ଭୀରୁଡ଼ା ସଂରକ୍ଷିତ ଜଙ୍ଗଲକୁ ଦେଶୀ ମହୁଲି ମଦ ମାଫିଆମାନେ ମଦ ପ୍ରସ୍ତୁତ କରୁଥିବା ବେଳେ ଏହି ମହୁଲି ମଦ ବାସ୍ନାରେ ବିମୋହିତ ହୋଇ ଆଖପାଖ ଜଙ୍ଗଲରେ ରହୁଥିବା ହାତୀପଲ ଏକାଠି ହୋଇ ମଦପୋଚ ପାନକରି ମତୁଆଲା ହୋଇ ବାରମ୍ବାର ଗ୍ରାମ ଭିତରେ ପଶି ବହୁ ଧନ ଜୀବନ କ୍ଷୟକ୍ଷତି କରୁଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଯଦି ଫରେଷ୍ଟର୍ ଓ ସ୍କାର୍ଡମାନେ ତାଙ୍କର କାର୍ଯ୍ୟ ସଠିକ ଭାବେ କରୁଥାନ୍ତେ ତେବେ ଭୀରୁଡା ସଂରକ୍ଷିତ ଜଙ୍ଗଲରେ ବେଆଇନ ନକଲି ଦେଶୀ ମଦର ପ୍ରସ୍ତୁତ ହବ୍ ପାଲଟି ନ ଥାନ୍ତା, ଏବଂ ଏହି ମଦପୋଚକୁ ହାତୀ ତଥା ଅନ୍ୟ ଜୀବମାନେ ପାନ କରି ସାଧାରଣରେ ଅଞ୍ଚଳର କ୍ଷତି କରିବା ସହ ଲୋକଙ୍କ ଜୀବନ ପଡୁ ନ ଥାନ୍ତା ବିପଦରେ । ଏହି ଘଟଣାକୁ ନେଇ ଫରେଷ୍ଟରଙ୍କ କାର୍ଯ୍ୟ କଳାପ ରହୁଛି ସନ୍ଦେହ ଘେରରେ ।ଏଥିନେଇ ବନ ବିଭାଗର ଉଚ୍ଚ ଅଧିକାରୀ ତଦନ୍ତ କଲେ ସତ୍ୟାସତ୍ୟ ପଦାକୁ ଆସିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଶ୍ରୀରାମ ସ୍ନାତକ ମହାବିଦ୍ୟାଳୟରେ ରଘୁନାଥ ମହୋତ୍ସବ

କାଶୀନଗର(ନିପ୍ର):କାଶୀନଗର ଠାରେ ଥିବା ଶ୍ରୀରାମ ସ୍ନାତକ ମହାବିଦ୍ୟାଳୟ ର ସମ୍ମିଳନୀ ଗୃହ ପରିସରରେ ବାର୍ଷିକ ଉତ୍ସବ( ରଘୁନାଥ ମୋହତ୍ସବ) ଅଧ୍ୟକ୍ଷ ଡ଼ଃ ପ୍ରଶାନ୍ତ ବାନାପାଲିଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ ଓ କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାଇମ୍ମା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭିରେ ଅଧ୍ୟକ୍ଷ ବାନାପାଲି ମହାବିଦ୍ୟାଳୟ ପ୍ରଥମେ ସୀମିତ ଛାତ୍ର ଛାତ୍ରୀ ଙ୍କୁ ନେଇ ଆରମ୍ଭ ହୋଇଥିବା ବେଳେ ବର୍ତମାନ ପ୍ରାୟ ୧୧୦୦ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବର୍ଷ ୧୫ ରୁ ୧୬ ଜଣ ଛାତ୍ର ଛାତ୍ରୀ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ସ୍ତରରେ ପ୍ରଥମ ଦଶଟି ସ୍ଥାନରେରେ ସ୍ଥାନ ପାଇ ମହାବିଦ୍ୟାଳୟ ର ସୁନାମକୁ ଦ୍ୱିଗୁଣିତ କରୁଥିବା ନିଜ ବକ୍ତବ୍ୟ ରେ କହି ଅନୁଷ୍ଠାନର ଦକ୍ଷତା ସହ ଛାତ୍ର ଛାତ୍ରୀ ମାନଙ୍କ ଶୈକ୍ଷିକ ବିକାଶକୁ ଗୁରୁତ୍ୱ ଦିଆଯାଉଛିବୋଲି ମଧ ମତ ପ୍ରକାଶ କରିଥିଲେ । ଛାତ୍ର ଛାତ୍ରୀ ମାନେ ହେଉଛନ୍ତି ମହାବିଦ୍ୟାଳୟର ର୍ଗ୍ୱ ଗୌରବ ଓ ସେମାନଙ୍କ ଚରିତ୍ରକୁ ସବୁବେଳେ ଠିକ ରଖି ଆଗକୁ ବଢିବା ସହ ସରକାରୀ ଚାକିରୀ ପ୍ରତି ଗୁରୁତ୍ୱ ନ ଦେଇ ନିଜେ କିପରି ଆତ୍ମନିର୍ଭର ଶୀଳ ହୋଇ କିଛି ଯୁବକ ଯୁବତୀ ଙ୍କୁ ରୋଜଗାର କ୍ଷମ କରିପାରିବେ ସେଥିପାଇଁ ବିଶେଷ ଦୃଷ୍ଟି ଦେବାକୁ ସବୁବେଳେ ପ୍ରୟାସ ରଖିବାକୁ ବିଧାୟକ ଶ୍ରୀ ପାଣିଗ୍ରାହୀ ନିଜ ବକ୍ତବ୍ୟ ରେ ରଖିଥିଲେ । ମହାବିଦ୍ୟାଳୟ ର ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ, ଏନ ସି ସି ଓ ବିଶ୍ୱ ବିଦ୍ୟାଳୟରେ ସମ୍ମାନ ପାଇଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା ।

# ରବି ଧାନ କ୍ରୟ ପାଇଁ ଭଦ୍ରକ ଜିଲ୍ଲାରେ ପ୍ରସ୍ତୁତି ଜୋର୍‌ଦାର



ଭଦ୍ରକ,(ନିପ୍ର): ଆସନ୍ତା ରବି ଧାନ କ୍ରୟ ଋତୁ-୨୦୨୬କୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତିକୁ ଜୋରଦାର କରାଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମାନ୍ୟବର ସାଂସଦ ଶ୍ରୀ ଅଭିମନ୍ୟୁ ସେଠୀ ପ୍ୟାଡି ପ୍ରକ୍ୟୁରମେଣ୍ଟ ଉପରେ ଆଲୋକପାତ କରିବା ସହ ଭଦ୍ରକରେ ମଲ୍ଟି ପର୍ପୋଜ୍ ପ୍ୟାକ୍ସ ଓ ପ୍ରତ୍ୟେକ ବ୍ଲକରେ ମଡେଲ ମଣ୍ଡି କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସମବାୟ ସମିତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ମାନ୍ୟବର ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ସୀତାଂଶୁ ଶେଖର ମହାପାତ୍ର ଚଳିତ ବର୍ଷ ରବି ଫସଲ ପାଇଁ ଚାଷୀମାନେ କିପରି ଉପକୃତ ହେବେ ଓ ଉଭୟ ଧାନ ଓ ଚାଉଳ ପାଇଁ ଗୋଦାମ ସୁବିଧା କରିବାକୁ ବିଶେଷ ଭାବରେ ଗୁରୁତ୍ୱାରୋପ କରିଥିଲେ ।ଏହି କମିଟି ବୈଠକରେ ଯୋଗଦେଇ ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କ ପ୍ରତିନିଧି, ବାସୁଦେବପୁର ବିଧାୟକ ଶ୍ରୀ ଅଶୋକ ଦାସ, ଭଣ୍ଡାରିପୋଖରୀ ବିଧାୟକଙ୍କ ପ୍ରତିନିଧି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ପ୍ରଫୁଲ୍ଲ ଜେନା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ ଦତ୍ତ, ଉପଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ ଓ ଭଦ୍ରକ ମିଲର ସଂଘର ସମ୍ପାଦକ ଶ୍ରୀ ଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ୟାଡି ପ୍ରକ୍ୟୁରମେଣ୍ଟ ଉପରେ ନିଜର ବହୁମୂଲ୍ୟ ତଥ୍ୟ ରଖିଥିଲେ ।ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ମିଲର, ଚାଷୀ, ସିଭିଲ ସପ୍ଲାଇ ଅଫିସର କର୍ମଚାରୀ, କୃଷି ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରମାନେ ଉପସ୍ଥିତ ରହି ନିଜ ନିଜର ମତରଖିଥିଲେପ୍ରକାଶଯୋଗ୍ୟ ଯେ ଜିଲ୍ଲାର ସାତୋଟି ବ୍ଲକରେ ମୋଟ ୬୫୧୮.୨ ହେକ୍ଟର ଜମିରେ ଧାନ ଚାଷ ହୋଇଥିବାବେଳେ ୩୨୬୩୯.୧ ମେଟ୍ରିକ ଟନ ଧାନ ଉତ୍ପାଦନ ହେବାର ଆନୁମାନ କରାଯାଇଛି । ସେଥିରୁ ୧୮୫୦୧.୦୯ ମେଟ୍ରିକ ଟନ ବଜାରଯୋଗ୍ୟ ଧାନ ସରକାରୀ କ୍ରୟ ପାଇଁ ଉପଲବ୍ଧ ହେବ ବୋଲି ଅନୁମାନ ହୋଇଛି । ବ୍ଲକ ଭିତ୍ତିକ ଆକଳନ ଅନୁଯାୟୀ ବନ୍ତ, ଭଣ୍ଡାରିପୋଖରୀ ଓ ଚାନ୍ଦବାଲି ବ୍ଲକରେ ଅଧିକ ପରିମାଣର ବଜାରଯୋଗ୍ୟ ଧାନ ଉପଲବ୍ଧ ହେବାର ସମ୍ଭାବନା ରହିଛି । ଚାଷୀ ନିବନ୍ଧନ କାର୍ଯ୍ୟକ୍ରମରେ ଜମି ଯାଞ୍ଚ ପ୍ରାୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ବ୍ୟାଙ୍କ ଖାତା ଯାଞ୍ଚ ପ୍ରକ୍ରିୟା ଚାଲିଛି । ସନ୍ଦିଗ୍ଧ ଜମି ତାଲିକା ମିଳିବା ପରେ ଓପିଏଲଏସ୍ ? (ଙ୍ୟସତ୍ପକ୍ଷବ ଚବୟୟଙ୍ଗ ଖବଭୟ ଝଙ୍କକ୍ସଙ୍ଗରଚ) ମାଧ୍ୟମରେ ଅତିରିକ୍ତ ଯାଞ୍ଚ କରାଯିବ ବୋଲି ଜଣାପଡ଼ିଛି ।

# ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଦାବିପତ୍ର



ଖୋର୍ଦ୍ଧା(ନିପ୍ର): ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ପେନସନ ପ୍ରଦାନ,ସ୍ୱାସ୍ଥ୍ୟ ବୀମା ଯୋଜନାରେ ସମ୍ପ୍ରସାରଣ,ବ୍ୟାପକ ଅଧି ସ୍ୱୀକୃତି ପ୍ରଦାନ, ଓଡ଼ିଶାପ୍ରେସ ଏକାଡେମୀ ଗଠନ ଓ ମୃତ୍ୟୁ ଅନୁକମ୍ପା ରାଶି ଦଶ ଲକ୍ଷ ଟଙ୍କା ବୃଦ୍ଧି ଦାବିରେ ଆଜି ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୁତି ଭୂଷଣ କରଙ୍କ ଆହ୍ୱାନରେ ଖୋର୍ଦ୍ଧା ଜ଼ିଲ୍ଲା ଶାଖା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗାଙ୍କ ନେତୃତ୍ୱରେ ବହୁ ସାମ୍ବାଦିକ ଏକାଠି ହୋଇ ନାରାବାଜି କରି ଏକ ଶୋଭାଯାତ୍ରା ଆସି ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ସ୍ମାରକ ପତ୍ର ଜ଼ିଲ୍ଲାପାଳଙ୍କ ଅନୁପସ୍ଥିତ ରେ ଅତିରିକ୍ତ ଜ଼ିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ପ୍ରଦାନ କରିଛନ୍ତି । ପ୍ରକାଶଥାଉକି କାର୍ଯ୍ୟରତ ସାମ୍ବାଦିକମାନଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡିଶା ରେ ଅପେକ୍ଷାକୃତ ଦୁର୍ବଳ । ଦେଶର ସଂଖ୍ୟାଧିକ ରାଜ୍ୟ, ସେ ରାଜ୍ୟର ହଜାର ହଜାର ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ପ୍ରଦାନ କରୁଥିବା ବେଳେ ଆମ ରାଜ୍ୟରେ ଏ ସଂଖ୍ୟା ମାତ୍ର ୨୦୦ରେ ସୀମିତ ରହିଛି । ଦେଶର ୨୦ରୁ ଅଧିକ ରାଜ୍ୟରେ ସାମ୍ବାଦିକମାନଙ୍କୁ ୧୦,୦୦୦ରୁ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ପେନସନ, ରିହାତି ମୂଲ୍ୟରେ ପରିବହନ ସୁବିଧା, ସାମ୍ବାଦିକ ସୁରକ୍ଷା ଆଇନ ମାଧ୍ୟମରେ ବୃତ୍ତିଗତ ଅଭୟତା ଭଳି ନାନାଦି ଆର୍ଥିକ ଓ ସାମାଜିକ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି । ମାତ୍ର ଓଡ଼ିଶା ସରକାର ପକ୍ଷରୁ କିଛି ସୀମିତ ଯୋଜନା ବ୍ୟତୀତ ଆବଶ୍ୟକ ମୌଳିକ ସୁବିଧାରୁ ସାମ୍ବାଦିକବର୍ଗଙ୍କୁ ବଞ୍ଚିତ କରାଯାଇଛି । ଏହା ଦର୍ଶାଉଛି ଯେ, ରାଜ୍ୟ ସରକାର ସାମ୍ବାଦିକମାନଙ୍କ ଦାବି ପ୍ରତି ଆବଶ୍ୟକୀୟ ସମ୍ବେଦନଶୀଳତା ପ୍ରଦର୍ଶନ କରୁନାହାଁନ୍ତି । ଉପରୋକ୍ତ ଦାବି ଗୁଡିକୁ ବିଚାରକୁ ନେଇ ଅନ୍ୟ ରାଜ୍ୟ ଭଳି ଆମ ରାଜ୍ୟ ରେ ସାମ୍ବାଦିକ ମାନଙ୍କୁ ସୁରକ୍ଷା ପ୍ରଦାନ ସହ ଅନ୍ୟ ଦାବି ଗୁଡିକୁ ପୂରଣ କରିବାକୁ ଦାବି ଜୋର ଧରିଛି । ଆଗାମୀ ମେ ଏକ ତାରିଖ ଦିନ ଜ଼ିଲ୍ଲା ସମସ୍ତ ସାମ୍ବାଦିକ କଳା ବ୍ୟାଚ ପରିଧାନ କରିବେ ବୋଲି ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଖାଡ଼ଙ୍ଗା ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟ ନାରାୟଣ ପାଇକରାୟ, ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଦିଲ୍ଲୀପ କୁମାର ପାଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଉମା ଶଙ୍କର ପ୍ରସାଦ, ଈଶ୍ୱର ମଙ୍ଗରାଜ, ସଂଘ କୋଷାଧକ୍ଷ ପ୍ରଭାତ ପାଣିଗ୍ରାହୀ,ଉପ ସଭାପତି ପ୍ରଦୀପ ପ୍ରଧାନ, ପ୍ରବୀଣ ଭଞ୍ଜ, ରଞ୍ଜିତ ସାମନ୍ତରାୟ, ସୂର୍ଯ୍ୟନାରାୟଣ ମହାନ୍ତି,ପ୍ରଦୀପ ବେହେରା, ସୁଶାନ୍ତ ବିଶ୍ୱାଳ, ଶୁଭକାନ୍ତ ମହାପାତ୍ର, ସତ୍ୟପ୍ରକାଶ ସାହୁ, ବିଶ୍ୱଜିତ୍ ଙ୍କ ସହ ଜ଼ିଲ୍ଲାର ବିଭିନ୍ନ ବ୍ଲକରୁ ବହୁ ସାମ୍ବାଦିକ ଯୋଗ ଦେଇଥିଲେ ।

## ଆଶାକର୍ମୀଙ୍କୁ ଚାପିଦେଲା ଟ୍ରକ

ଦାମନଯୋଡି,(ନିପ୍ର): ଦାମନଯୋଡି ଥାନା ଅନ୍ତର୍ଗତ ମାଥାଲପୁଟ ସହିଦ୍ ଲକ୍ଷ୍ମଣ ନାୟକ ଛକ ନିକଟରେ ଆଶାକର୍ମୀଙ୍କୁ ଏକ ଟ୍ରକ୍ ଚାପିଦେବା ଫଳରେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ଖବର ନେବାରେ ଜଣାପଡିଛି କି, କଳାହାଣ୍ଡି କଲୋନୀର କରିସ୍ମା ବାଘ ସକାଳୁ ନିଜ ଡିୟୁଟି ସାରି ଘରକୁ ଫେରୁଥିବା ସମୟରେ ସହିଦ୍ ଲକ୍ଷ୍ମଣ ନାୟକ ଛକ ନିକଟରେ ଏକ ୧୪ଚକିଆ ଟ୍ରକ୍ (ଓଡି ୦୭ ଟି ୭୦୭୫) ଧକ୍କା ଦେବା ଫଳରେ ସେହିଠାରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ ଦାମନଯୋଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିବା ବେଳେ ମୃତକ ପରିବାର ଓ କଲୋନୀ ଲୋକେ ରାସ୍ତା ଉପରେ ଶବ ରଖି ରାସ୍ତା ଅବରୋଧ କରି କ୍ଷତି ପୂରଣ ପାଇଁ ଅଡ଼ି ବସିଥିଲେ । ତେବେ ପୁଲିସ ଉପସ୍ଥିତିରେ ଟ୍ରକ୍ ମାଲିକ ଓ ମୃତକ ପରିବାର ଲୋକ ଙ୍କ ମଧ୍ୟରେ ବୁଝାସୁଝା ହେବା ପରେ ଶବ ଉଠା ଯାଇଥିଲା । ମୃତକ କରିସ୍ମା ଙ୍କ ଗୋଟିଏ ଲେଖାଏଁ ପୁଅ ଝିଅ ଅଛନ୍ତି ବୋଲି ସୂଚନା ମିଳିଛି । ଦାମନଯୋଡି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଟ୍ରକ ଜବତ କରିଛି ।

## ସରକାରୀ କ୍ୱାଟର୍ସରେ କର୍ମଚାରୀ ରହୁ ନାହାନ୍ତି: ବାହାର ଲୋକ ରହୁଛନ୍ତି !

ନିମାପଡ଼ା,(ନି.ପ୍ର.): ନିମାପଡ଼ା ଜଳ ସଂପଦ ଡ଼ିଭିଜନ୍ କାର୍ଯ୍ୟାଳୟ ପରିସରରେ ଥିବା ଅନେକ ସରକାରୀ କ୍ୱାଟର୍ସ ଗୁଡ଼ିକ କର୍ମଚାରୀମାନେ ନ ରହି ବାହାର ଲୋକ ରହୁଥିବା ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଛି । ଅନେକ ତଳିଆ କର୍ମଚାରୀ ଏଥିରେ ସଂପୃକ୍ତ ରହିଥିବା ସୂଚନା ମିଳିଛି । ବିଭାଗୀୟ ଅଧିକାରୀଙ୍କ ଜାଣତରେ ଏହା ହେଉଥିବାରୁ କାର୍ଯ୍ୟାଳୟ ପରିସରରେ ଚାପା ଗୁରଣ ସୃଷ୍ଟି ହୋଇଛି । ଜନୈକ ବ୍ୟକ୍ତି ୩ଟି କ୍ୱାର୍ଟର ବ୍ୟବହାର କରୁଥିବା ସଂପର୍କରେ କର୍ତ୍ତୃପକ୍ଷ ଜାଣି ନୀରବ ରହିବା ପ୍ରଶ୍ନବାଚୀ ସୃଷ୍ଟି କରିଛି । କେତେକ ଚତୁର୍ଥ ଶ୍ରେଣୀ କର୍ମଚାରୀ ୪ ଚକିଆ ଗାଡ଼ି ସହିତ ବହୁତଳ ପ୍ରାସାଦ କୋଠା ନିର୍ମାଣ କରିଥିବା ନେଇ ତଦନ୍ତ ଦାବି କରାଯାଇଛି ।

## ମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ସମସ୍ୟାର ସମାଧାନ ହିଁ ପ୍ରାଥମିକତା: ସୂର୍ଯ୍ୟବଂଶୀ

ଧାମନଗର,(ନିପ୍ର): ଧାମନଗର ବିଧାୟକ ତଥା ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅସୁରାଳି ଠାରେ ବୁଧବାର ଜନ ଅଭିଯୋଗ ଶୁଣାଣି କରିଛନ୍ତି । ସ୍ଥାନୀୟ ବାଜପେୟୀ ଭବନରେ ଦୀର୍ଘ ସମୟ ଧରି ମନ୍ତ୍ରୀ ସୂରଜ ନିଜର ସହଯୋଗୀଙ୍କ ସହିତ ଉପସ୍ଥିତ ରହି ବ୍ୟକ୍ତିଗତ ଏବଂ ସାମୁହିକ ଭାବେ ଆସିଥିବା ପାଖାପାଖି ୧୫୦ ଜଣଙ୍କ ଅଭିଯୋଗ ପତ୍ର ଗ୍ରହଣ କରିବା ସହ ସେମାନଙ୍କ ସମସ୍ୟା ଶୁଣିଥିଲେ । ଏ କ୍ଷେତ୍ରରେ ସକାରାତ୍ମକ ପଦକ୍ଷେପ ନେବାକୁ ସେ ପ୍ରତିଶ୍ରୁତି ଦେବା ସହ କିପରି ସମସ୍ୟାର ସମାଧାନ ହେବ ସେନେଇ ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ ପ୍ରତିକ୍ରିୟା ରଖି ମନ୍ତ୍ରୀ ସୂରଜ କହିଛନ୍ତି ଯେ ରାଜ୍ୟରେ ଲୋକଙ୍କ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ନିଜେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଯାହା ଏକ ଆଦର୍ଶ ଉଦାହରଣ ।ଏହି ଧାରା ଧାମନଗରରେ ଚାଲିଛି, ଯେଉଁଥିରେ ସମସ୍ୟାର ସମାଧାନ ହିଁ କେବଳ ପ୍ରାଥମିକତା ହୋଇଛି ।ଆଜିର ଏହି କାର୍ଯ୍ୟକ୍ରମରେ ଶିକ୍ଷା ସ୍ୱାସ୍ଥ୍ୟ ରାସ୍ତାଘାଟ ଡ୍ରେନେଜ ଭତ୍ତା ରାଜସ୍ୱ ବିଦ୍ୟୁତ ଆଦି ବିଭିନ୍ନ ବିଭାଗର ଅଭିଯୋଗ ହୋଇଥିଲା । ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ସାଂସଦ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ୍,,ବୁଦ୍ଧ ଦେବ ଜେନା, ରାଜେନ୍ଦ୍ର ସାହୁ,ବୈକୁଣ୍ଠ ନାଥ ସାହୁ,ଶ୍ରୀକାନ୍ତ ନାୟକ,ମିନତୀ ସାହୁ,ସୂରଜ ସାହୁ,ରମାକାନ୍ତ ସାହୁ,ହୃଷିକେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଗ୍ରାମାଞ୍ଚଳରେ ଅନେକ ଦୁର୍ନୀତି ହେଉଚି ଅନେକ ସାଧାରଣ ଲୋକ ନ୍ୟାୟ ପାଇ ପାରୁନାହାନ୍ତି । ତେବେ ମନ୍ତ୍ରୀ ଙ୍କର ଏପରି ପ୍ରୟାସରେ ସାଧାରଣ ଲୋକ ନିଶ୍ଚିତ ଉପକୃତ ହୋଇ ପାରିବେ ।

## ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟଶାଳା

ଭଦ୍ରକ(ନିପ୍ର): ପୁରୁଣାବଜାର ସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଡ଼ଭୋକେଟ୍ ଡଃ ରାଧାରାଣୀ ମହାପାତ୍ର ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡଃ କୃପାସିନ୍ଧୁ ନାୟକ, ସମ୍ମାନିତ ଅତିଥି ବସୁମିତ୍ରା ସାହୁ, ବିଶିଷ୍ଟ ଅତିଥି ଅକ୍ଷୟ କୁମାର ପାଣିଗ୍ରାହୀ ଓ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷିକା ମନୋରମା ରାଉତ୍ ପ୍ରମୁଖ ଯୋଗଦାନ କରି ଶକ୍ତିଶ୍ରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ନାରୀ ସଶକ୍ତି କରଣ ଓ ଆତ୍ମରକ୍ଷା କୌଶଳ ମାଧ୍ୟମରେ କିପରି ନାରୀ ସଶକ୍ତ ହୋଇପାରିବ ବୋଲି ଅତିଥିମାନେ ନିଜର ପୃଥକ ପୃଥକ ବକ୍ତବ୍ୟ ରଖିଥିଲେ । ଛାତ୍ରୀମାନେ ମହାବିଦ୍ୟାଳୟ ପରିସରରୁ ପୁରୁଣାବଜାର ପର୍ଯ୍ୟନ୍ତ ସ୍ଲୋଗାନ ଦେଇ ପରିକ୍ରମା କରିଥିଲେ । ପରିଶେଷରେ ଶକ୍ତିଶ୍ରୀ ସଂଯୋଜିକା ପ୍ରଭାତୀ ନାୟକ ଧନ୍ୟବାଦ ଦେଇଥିବା ବେଳେ ରଘୁନାଥ ନାୟକ, ଆଶୁତୋଷ ସିଂ ଓ ଗୌରାଙ୍ଗ ଦାସ ପ୍ରମୁଖ ମଞ୍ଚ ପରିଚଳନା କରିଥିଲେ ।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା

ଭଦ୍ରକ (ନିପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଶାନ୍ତି ଆଶ୍ରମ, ତିହିଡ଼ି, ଭଦ୍ରକ ଠାରେ ମହିଳା ମାନଙ୍କ ପାଇଁ ଥିବା ଯୌନ ଉତ୍ପୀଡ଼ନ ଆଇନ ଏବଂ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ନିମନ୍ତେ ଥିବା ଯୋଜନା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଲୋକ ରଥ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ, ଡ. ତାପସ କୁମାର ମହାନ୍ତି ତଥା ଆଶ୍ରମର ସମସ୍ତ ସଦସ୍ୟ ଏବଂ ଛାତ୍ର ଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ର କର୍ମୀ ଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଆସିକା ଶିଶୁ ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସାତଦିନ ବ୍ୟାପୀ ଅକ୍ଷୟ ତୃତୀୟା ସପ୍ତାହ ଉଦ୍‌ଯାପିତ

ଆସିକା(ନିପ୍ର): ଆସିକା ଶିଶୁ ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସାତଦିନ ବ୍ୟାପି ଅକ୍ଷୟ ତୃତୀୟା ସପ୍ତାହର ଆଜି ଉଦଯାପନୀ ଉତ୍ସବ ଆସିକା ମିଶନ ଶକ୍ତି ସମ୍ମିଳନି କକ୍ଷ ଠାରେ ଶିଶୁ ମଙ୍ଗଳ ଅଧିକାରିଣୀ ଶାନ୍ତି କରସୁଧା ପଟ୍ଟନାୟକଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଆସିକା ବ୍ଲକ ଶିକ୍ଷା ଅଧିକାରୀଣି ମୁନ ରାଣୀ ମହାନ୍ତି ବାଲ୍ୟ ବିବାହ ଦ୍ୱାରା କିପରି ଶିଶୁ ମାନଙ୍କର ପାଠ ପଢାରେ ପୁର୍ଣଛେଦ ପଡିବା ସହିତ, ଶାରୀରିକ ଓ ମାନସିକ ଅବସାଦରେ ଶିଶୁ ଓ ପରିବାରର ମେରୁଦଣ୍ଡ ଭାଙ୍ଗି ଯାଏ,ତାହାର ବିକଳ ଚିତ୍ର ତାଙ୍କ ବକ୍ତବ୍ୟରେ ବର୍ଣ୍ଣନା କରିଥିଲେ । ବିଧାୟକ ନିଜ ବକ୍ତବ୍ୟରେ କୂଳ ସମାଜ ମୁଖିଆ, ଗ୍ରାମର ମୁଖିଆ ଓ ପଣ୍ଡିତ ମାନଙ୍କୁ ବାଲ୍ୟ ବିବାହ ରୂପକ ବ୍ୟାଧି କୁ ଆସିକା ବ୍ଲକରେ ସମ୍ପୂର୍ଣ ରୂପେ ବନ୍ଦ କରିବାକୁ ପଦକ୍ଷପ ନେବାକୁ ନିବେଦନ କରିଥିଲେ । ସମ୍ମାନିତ ଅତିଥିଭାବେ ବିଧାୟକ ପ୍ରତିନିଧି ସଂଗୀତ ପାଢ଼ୀ ନିଜ ବକ୍ତବ୍ୟରେ ଶିଶୁ ମାନଙ୍କର ଶିକ୍ଷା ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ଧ୍ୟାନ ଦେବା ଆମ ସମସ୍ତଙ୍କର କର୍ତବ୍ୟ ବୋଲି ଉପସ୍ଥାପନ କରିଥିଲେ । ପରିଶେଷରେ ଆସିକା ଶିଶୁମଙ୍ଗଳ ଅଧିକାରୀ ବାଲ୍ୟ ବିବାହ ବନ୍ଦ କରିବା ନିମନ୍ତେ ଉପସ୍ଥିତ ୫୦ ରୁ ଉର୍ଦ୍ଧ ଲୋକଙ୍କୁ ଶପଥ ପାଠ କରାଇ ଥିଲେ । ଏବଂ ବି ପି ସି ମିଶନ ଶକ୍ତି ଉପସ୍ଥିତ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର କାର୍ଯ୍ୟରେ ପ୍ରକଳ୍ପର ସମସ୍ତ ପରିଦର୍ଶିକା ,ବ୍ଲକ ପୋଷଣ ସଂଯୋଜିକ ଓ ଅଫିସର ସମସ୍ତ କର୍ମଚାରି ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସଫଳ ରୂପାୟନ କରିଥିଲେ ।

CMYK

CMYK



ତିଥି :(ଚତୁର୍ଦ୍ଦଶୀ): (ଚିତ୍ରା କନ୍ୟା )
ଅମୃତ ବେଳା: ଦିବା ଘ ୫।୨୨ ଗତେ ଘ ୬।୦୬ ମଧ୍ୟେ

## ଆଜିର ଅନୁଚିନ୍ତନ

ସମସ୍ତ ପ୍ରାଣୀ ହୃଦେ ମୁହିଁ, ଜୀବ ସ୍ୱରୂପେ ବିରାଜଇ
ବେଦାନ୍ତ ଜ୍ଞାନ ଜାତ ମୁହିଁ, ବେଦାର୍ଥ ମୁଁ ଅଟଇ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଆରମ୍ଭ ହେଉ

କେବଳ ଓଡ଼ିଶା ନୁହେଁ,ଓଡ଼ିଶା ବାହାରେ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ ଡିଆନାଳୀ ଗାଁ'ର ୫୦ ବର୍ଷୀୟ ଜିତୁ ମୁଣ୍ଡା, ମୃତ ୫୬ ବର୍ଷୀୟ ଭଉଣୀର ଗଳିତ କଙ୍କାଳ ଧରି ଭଉଣୀର ଜମାଟଙ୍କା ପାଇବା ପାଇଁ ଏକ ଶାଖା ବ୍ୟାଙ୍କ ସାମ୍ନାରେ ପହଞ୍ଚିବା ଘଟଣା ଅଭାବନୀୟ ତଥା ସମ୍ବେଦନଶୀଳ ଥିଲା। ଘଟଣା ଗଣମାଧ୍ୟମରେ ଚର୍ଚ୍ଚା ଓ ଆଲୋଡ଼ନ ସୃଷ୍ଟି କରିବା ପରେ ତତ୍କାଳ ପ୍ରଶାସନର ନିଦ୍ରାଭଙ୍ଗ ହୋଇଥିଲା। ରେଡ୍କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା, ସୁଧସହ ବ୍ୟାଙ୍କ ଜମା ୧୯,୪୦୨ଟଙ୍କା ଜିତୁଙ୍କୁ ମିଳିବା ଏବଂ ମୃତ୍ୟୁ ପ୍ରମାଣ ପତ୍ର ଓ ଉତ୍ତରାଧିକାରୀ ପ୍ରମାଣପତ୍ର ଆବେଦନରେ ଖୋଦ୍ ଜିଲ୍ଲା ପ୍ରଶାସନ ସହାୟତାର ହାତ ବଢ଼ାଇଦେଲା।

ଏସବୁ କ'ଣ ସୂଚାଉଛି ? ସୂଚାଉଛି ଯେ ଗାଁ ଗହଳ ବିଶେଷ କରି ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ବହୁ ଜିତୁ ମୁଣ୍ଡା ଅଛନ୍ତି ସେମାନେ ମୃତ୍ୟୁ ପ୍ରମାଣ ପତ୍ର ଅବା ଉତ୍ତରାଧିକାରୀ ପ୍ରମାଣ ପତ୍ର ହେଉ କି ଅନ୍ୟାନ୍ୟ ଆବଶ୍ୟକ ପ୍ରମାଣ ପତ୍ର ଯୋଗାଡ଼ କରିବାରେ ସମର୍ଥ କି ନା ତାହା ଯଦି ସର୍ବେକ୍ଷଣ ହୁଅନ୍ତା ସତ ସାମ୍ନାକୁ ଆସିପାରନ୍ତା । ବହୁ ସରକାରୀ ଯୋଜନାର ପ୍ରଚାରପ୍ରସାର ଯେତେ ହେଉଛି ତାହାର ଉପଯୋଗିତା ଜିତୁମୁଣ୍ଡା ଭଳି ଲୋକେ ଶିକ୍ଷା ଓ ସଚେତନତା ଅଭାବରୁ ଜାଣିବା ମୁସ୍କିଲ। ଏକ ପଞ୍ଚାୟତ ବ୍ୟବସ୍ଥାରେ ୱାର୍ଡ ମେମ୍ବର, ସରପଞ୍ଚ ଓ ଉପରକୁ ଉପର ବହୁ କର୍ମକର୍ତ୍ତା ଓ ଅଧିକାରୀମାନେ ଅଛନ୍ତି ସେମାନଙ୍କ ମଧ୍ୟରୁ ଆଲୋଚ୍ୟ ସମସ୍ୟା କ୍ଷେତ୍ରରେ କେହି ଜଣେ ଆଗେଇ ଆସିଲେ ନାହିଁ। ସରକାରୀ ଦଳର ନେତା ହୁଅନ୍ତୁ କି କର୍ମୀ କାହାରି କାନରେ ଅଭାବନୀୟ ଘଟଣାର ପ୍ରାକ୍ ସମସ୍ୟା ପଡିଲା ନାହିଁ,କେହି ବି ସମୟ ଦେଲେ ନାହିଁ। କେହି ବି ଘଟଣା ପରେ ଉତ୍ତରଦାୟୀ ହେଲେ ନାହିଁ। ମାତ୍ର ମତ,ପ୍ରତିକ୍ରିୟା ଅବା ପରାମର୍ଶ କିଛି କମ୍ ନୁହେଁ। କିଏ କହିଲେ ଅଧିକାରୀମାନେ ଅଧିକ ସମ୍ବେଦନଶୀଳ ହୁଅନ୍ତୁ, ଅନ୍ୟ କେହି କହିଲେ ମାନବୀୟ ସହାୟତାର ଅଭାବ। ପୁଣି ପ୍ରତିକ୍ରିୟା ଆସିଲା- ଅକଳ୍ପନୀୟ, ନିଷ୍ଠୁରତା ସମସ୍ତ ସୀମା ଅତିକ୍ରମ କରିଗଲା। କିଏ କହିଲା, ବାସ୍ତବରେ ଏହା ଦୁର୍ଭାଗ୍ୟଜନକ। ବ୍ୟାଙ୍କ ଅଧିକାରୀଙ୍କ ଦ୍ୱାରା ଏଭଳି ଉତ୍ପୀଡ଼ନ ନିଶ୍ଚିତ ଭାବରେ ବନ୍ଦ କରାଯାଉ। ପୁଣି କୁହାଗଲା, ଜମାରାଶି ଉଠାଣ ପାଇଁ ମୃତକ ଖାତାଧାରୀଙ୍କ ଉପସ୍ଥିତି ବ୍ୟାଙ୍କ ଅଧିକାରୀମାନେ ଚାହିଁ ନଥିଲେ, ବରଂ ମୃତ୍ୟୁ ପ୍ରମାଣପତ୍ର ସହ ଆବଶ୍ୟକ କାଗଜାତ ଚାହିଁଥିଲେ।

କଥା ହେଉଛି ଏବେ ବି ବହୁ ମହିଳା ଅଛନ୍ତି ସୁଭଦ୍ରା ଆବେଦନ କିଭଳି କରିବାକୁ ହୁଏ ଜାଣନ୍ତି ନାହିଁ, ଜାଣନ୍ତି ନାହିଁ ଅନ୍ତ୍ୟୋଦୟ ଯୋଜନା ହେଉ କି ପିଏମ ଆବାସ ଯୋଜନାରେ ହେଉ କିପରି ଘର ମିଳେ ଅବା ସିଏମ କିଷାନ ଯୋଜନାରେ କିପରି ଆବେଦନ କରିବାକୁ ହୁଏ, କିପରି ମିଳେ ବାର୍ଦ୍ଧକ୍ୟ ବା ବିଧବା ଭତ୍ତା, ମୋ ସେବା କେନ୍ଦ୍ର ପର୍ଯ୍ୟନ୍ତ ସୁଦ୍ଧା ସମସ୍ତେ ପହଞ୍ଚି ପାରି ନଥାନ୍ତି। ସହରାଞ୍ଚଳ ହେଉ କି ଗ୍ରାମାଞ୍ଚଳ ହେଉ ସୋସିଆଲ ମିଡିଆରେ ଲୋକେ ଅନାବଶ୍ୟକ ବହୁ କଥା ଶୁଣିଥାଆନ୍ତି ବା ଦେଖିଥାଆନ୍ତି ମାତ୍ର ଜାଣନ୍ତି ନାହିଁ କିପରି ଘର ପାଖ ଦିବ୍ୟାଙ୍ଗ ପିଲାଟିକୁ ପ୍ରମାଣପତ୍ର ମିଳିବ ବା ତିନିଚକିଆ ସାଇକେଲ ମିଳିବ। ଏ ବାବଦେ ସଚେତନତା ତଥା ସୁବିଧା ପହଞ୍ଚାଇବା ପାଇଁ କେତେ ସଂଖ୍ୟକ ସରକାରୀ ବଡବାବୁ, ସାନବାବୁ ଓ କର୍ମଚାରୀ,ସରକାରୀ/ବିରୋଧୀ ଦଳ ନେତା କି କର୍ମୀ ନିପଟ ମଫସଲ ଅବା ଜନଜାତି , ଅନୁସୂଚିତ ଜାତି ଅଧ୍ୟୁଷିତ ଅଞ୍ଚଳରେ ପହଞ୍ଚୁଛନ୍ତି ?

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକାଧିକ ସମାବେଶରେ କହିଛନ୍ତି ଶିକ୍ଷା ହେଉଛି ସବୁଠୁ ବଡ଼ ଅସ୍ତ୍ର । ମାତ୍ର ଏହି ଅସ୍ତ୍ର ତଥାକଥିତ ସୁବିଧାବାଦୀ ଗୋଷ୍ଠୀ ହାତରେ ଅନେକ ସମୟରେ ରହିବା ତଥା ସେମାନେ ଫାଇଦା ହାସଲ କରି ଚାଲିଥିବା ହେତୁ ଗାଁ ଅଞ୍ଚଳ କେତେ ଉନ୍ନତ ତାହା ଗାଁ ଗୁଡ଼ିକ ହିଁ ବଖାଣିବେ। ଲୋକଙ୍କ ସରକାର ସ୍ଲୋଗାନ ଅପେକ୍ଷା ଅଧିକ ବାସ୍ତବବାଦୀ ପଦକ୍ଷେପ ଲୋଡା ପଡୁଛି। ଜିତୁ ମୁଣ୍ଡା ଆଖ୍ୟାନ ଏଣିକି ନିଦ୍ରାଭଙ୍ଗ କରୁ।

# ନକ୍ସଲବାଦର ଅନ୍ତ

## ଡାକ୍ତର ରାଜକିଶୋର ପଣ୍ଡା

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗତ ତିରିଶ ମାର୍ଚ୍ଚରେ ସଂସଦ ମାଧ୍ୟମରେ ଦେଶକୁ ସୂଚନା ପ୍ରଦାନ କରିଛନ୍ତି ଯେ , ଛତିଶଗଡ଼ର ବସ୍ତର ଜିଲ୍ଲାରେ ମାଓବାଦ ବା ନକ୍ସଲବାଦର ଅନ୍ତ ଘଟିଛି। ଶ୍ରୀ ଶାହ ଦେଶରୁ ନକ୍ସଲବାଦର ବିଲୁପ୍ତିର ଯୋଜନାକୁ ୩୧ ମାର୍ଚ୍ଚ ୨୦୨୬ ମଧ୍ୟରେ ସମାପନ କରିବା ପାଇଁ ଯୋଜନା କରିଥିଲେ। ମଇ ୧୮, ୧୯୬୭ ମସିହାରେ ଦାର୍ଜିଲିଂର ସିଲିଗୁଡ଼ିସ୍ଥିତ ନକ୍ସଲବାରିରେ ଆରମ୍ଭ ହୋଇଥିବା ମାଓବାଦୀ ଆନ୍ଦୋଳନ, ଭବିଷ୍ୟତ ଭାରତର ଅନ୍ତରୀଣ ସୁରକ୍ଷା ପାଇଁ ଯେ ଏକ କାଳଗ୍ରହ ସଦୃଶ ହେବ, ସେତେବେଳେ ଏକଥା କେହି କଳନା କରିପାରିନଥିଲେ। ପ୍ରକାଶଯୋଗ୍ୟ ଯେ, ସତର ବର୍ଷ ତଳେ (୨୦୦୯ ମସିହାରେ) ତତ୍କାଳୀନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ ନକ୍ସଲବାଦ ବିଷୟରେ କହିଥିଲେ, ଯେ ଏହା ଭାରତର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ସବୁଠାରୁ ବଡ଼ ସମସ୍ୟା। ହେଲେ ଆଜି ଏହା ଆମ ପାଇଁ ଏକ ସମସ୍ୟା ହୋଇ ରହିନାହିଁ। ୬

୧୯୬୭ ମସିହାର ଶୀତଳ ଯୁଦ୍ଧ ସମୟରେ, ଯେତେବେଳେ ବାମପନ୍ଥୀ ବିଚାରଧାରାକୁ ନେଇ ରଷିଆ ଓ ଚୀନ ମଧ୍ୟରେ ବିବାଦ ଚରମରେ ପହଞ୍ଚିଥିଲା, ସେତେବେଳେ "ଚାରୁ ମଜୁମ୍‌ଦାର"ଙ୍କ ନେତୃତ୍ୱରେ ସିଲିଗୁଡ଼ିଠାରେ ସଂଗଠିତ ହୋଇଥିଲା ନକ୍ସଲ ଆନ୍ଦୋଳନ। ମଜୁମ୍‌ଦାରଙ୍କୁ ହିଁ ଏହି ଆନ୍ଦୋଳନର ମୁଖ୍ୟ ଖଳନାୟକ ବା କାର୍ପଟଦାର କହିଲେ ଅତ୍ୟୁକ୍ତି ହେବନାହିଁ। ରଷିଆ ଓ ଚୀନ ବିବାଦ ସମୟକୁ "ଚାଇନାର କମ୍ୟୁନିଷ୍ଟ ଆନ୍ଦୋଳନ", "ଭିଏତନାମ ଯୁଦ୍ଧ" ତଥା "କ୍ୟୁବା ବିଦ୍ରୋହ" ସମ୍ପନ୍ନ ହୋଇସାରିଥାଏ। ତେଣୁ ଚାରୁ ମଜୁମ୍‌ଦାର ଏହି ସମୟକୁ ଉପଯୁକ୍ତ ଭାବି ଭାରତରେ ଏକ ସଶସ୍ତ୍ର ଜନ ଆନ୍ଦୋଳନ କରିବା ନିମନ୍ତେ ଯୋଜନା କଲେ ଓ ଏହା ହିଁ ନକ୍ସଲବାଦକୁ ଜନ୍ମ ଦେଲା। ମଜୁମଦାରଙ୍କୁ ଛାଡ଼ିଦେଲେ ମାଓବାଦୀ ଆନ୍ଦୋଳନର ଅନ୍ୟ ପ୍ରାରମ୍ଭିକ ନେତାଗଣ ଥିଲେ, "କାନୁ ସାନ୍ୟାଲ", "ଜଙ୍ଗଲ ସାନ୍ତାଲ" ଓ "କୋଣ୍ଡାପଲ୍ଲୀ ସୀତାରାମେୟା" ପ୍ରମୁଖ। ଏମାନେ ସମସ୍ତେ ଚୀନର ଏକଛତ୍ରବାଦୀ ନେତା "ମାଓ ସେତୁଙ୍ଗ"ଙ୍କ ନୀତି ଓ ଆଦର୍ଶଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ମାଓଙ୍କ ନୀତି ଥିଲା "ଜମିଦାର ଗୋଷ୍ଠୀର ସମୂହ ଧ୍ୱଂସ ସାଧନ" ଓ "ସଶସ୍ତ୍ର ଜନ ଆନ୍ଦୋଳନଦ୍ୱାରା କ୍ଷମତା ପ୍ରାପ୍ତି"। ଉପରୋକ୍ତ ସମସ୍ତ ନେତା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ଥିଲେ ପ୍ରାଥମିକ ସମୟରେ ଏବଂ ଦଳର ବିଚାରଧାରାକୁ ବିରୋଧ କରି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଗଠନ କଲେ ପରବର୍ତ୍ତୀ ସମୟରେ। ଚାଇନାର କମ୍ୟୁନିଷ୍ଟ ପାର୍ଟି (ସିସିପି)ମଧ୍ୟ ଏମାନଙ୍କୁ ସମର୍ଥନ କରିଥିଲା ସେ ସମୟରେ।

ଏହି ମାଓବାଦୀ ଚିନ୍ତାଧାରାକୁ ନେଇ ଚାରୁ ମଜୁମ୍‌ଦାର ଲେଖିଥିବା ତାଙ୍କର ପ୍ରସିଦ୍ଧ ପୁସ୍ତକ ହେଉଛି "ହିଷ୍ଟୋରିକ୍ ଏଇଟ୍ ଡକ୍ୟୁମେଣ୍ଟ"। ଏହା ଆଠ ଭାଗରେ ବିଭକ୍ତ। ନକ୍ସଲବାଦର ଚିନ୍ତାଧାରା ଏହି ପୁସ୍ତକଦ୍ୱାରା ହିଁ ବହୁଳ ଭାବରେ ପ୍ରଭାବିତ। ନକ୍ସଲବାରିର ବିଦ୍ରୋହରେ, ୧୧ ଜଣ ଆନ୍ଦୋଳନକାରୀଙ୍କର ମୃତ୍ୟୁ ଘଟିଥିବା ବେଳେ, ଜଣେ ପୋଲିସ ମଧ୍ୟ ନିହତ ହୋଇଥିଲେ। ଏହାକୁ କେନ୍ଦ୍ର କରି ୧୬ ଜୁଲାଇ ୧୯୭୨ରେ ଚାରୁ ମଜୁମ୍‌ଦାରଙ୍କୁ ଗିରଫ କରାଯାଇଥିଲା। ସେହି ବର୍ଷ ୨୮ ଜୁଲାଇରେ ସେ ମୃତ୍ୟୁବରଣ କରିଥିଲେ। ସରକାରୀ ସୂତ୍ରରୁ ତାଙ୍କର ମୃତ୍ୟୁର କାରଣ ହୃଦ୍‌ଘାତ ବୋଲି ଦର୍ଶାଯାଇଥିବା ବେଳେ, ମାଓ ସଙ୍ଗଠନ ଦାବି କରନ୍ତି ଯେ ମଜୁମଦାରଙ୍କୁ ପୋଲିସ ହେପାଜତରେ ଔଷଧ ନ ମିଳିବାରୁ ତାଙ୍କର ମୃତ୍ୟୁ ଘଟିଲା। ନିକଟରେ ଏପ୍ରିଲ ତିନିରେ ନକ୍ସଲବାଦର ଆଉ ଜଣେ ତୁଙ୍ଗ ନେତା ପ୍ରଶାନ୍ତ ବୋଷଙ୍କର ବୟସାଧିକ୍ୟ କାରଣରୁ ରାଞ୍ଚିଠାରେ ପରଲୋକ ଘଟିଛି। ଶେଷବେଳକୁ ସେ କାରାଗାରରେ ଥିଲେ। ଦକ୍ଷିଣ ଏସିଆରେ ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ସବିଶେଷ ବିବରଣୀ ରଖୁଥିବା ୱେବସାଇଟ "ସାଉଥ୍ ଏସିଆନ୍ ଟେରୋରିଜିମ୍ ପୋର୍ଟାଲ୍" (ଏସ.ଏ.ଟି.ପି) ତରଫରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୦୦ ରୁ ୨୦୨୫ ମଧ୍ୟରେ ନକ୍ସଲ ହିଂସା ଯୋଗୁଁ ୧୨୦୦୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଛି। ଏଥିମଧ୍ୟରୁ ୪୧୩୪ ଜଣ ସାଧାରଣ ଜନତା, ୨୭୨୨ ଜଣ ସୁରକ୍ଷାକର୍ମୀ ଓ ୫୦୦୦ ପାଖାପାଖି ନକ୍ସଲବାଦୀ । ସେହିପରି ଆନ୍ତର୍ଜାତିକ ସମାଚାର ସଂସ୍ଥା "ଅଲ ଜଜୀରା" ଅନୁଯାୟୀ ୧୯୮୦ରୁ ୨୦୧୧ ମଧ୍ୟରେ ମାଓ ହିଂସା ଦଶହଜାର ଲୋକଙ୍କର ପ୍ରାଣ ନେଇଛି।(ପ୍ରଥମ ଭାଗ)

ମୋ- ୮୧୪୪୦୪୨୯୯୭

# ରାଷ୍ଟ୍ର ବିକାଶରେ ଗଣମାଧ୍ୟମର ଭୂମିକା ମହତ୍ତ୍ୱପୂର୍ଣ୍ଣ

## ଗୋଲଖ ଚନ୍ଦ୍ର ଦାସ

> ଭାରତରେ ଗଣମାଧ୍ୟମ ସର୍ବଦା ଏକ ସୁସ୍ଥ ସମାଜ ଏବଂ ଏକ ଦୃଢ଼ ଗଣତନ୍ତ୍ରର ମୂଳଦୁଆ ହୋଇଆସିଛି। ଏହାକୁ ବିନା କାରଣରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଏ ନାହିଁ। ଗଣତାନ୍ତ୍ରିକ ବ୍ୟବସ୍ଥାର ଅନ୍ୟ ତିନୋଟି ଅଙ୍ଗ ନ୍ୟାୟପାଳିକା, ବିଧାୟିକା ଏବଂ କାର୍ଯ୍ୟପାଳିକାଠାରୁ ଗଣମାଧ୍ୟମ ସମ୍ପୂର୍ଣ୍ଣ ଭିନ୍ନ, ଏହା ହେଉଛି ବ୍ୟବସ୍ଥାର ଏକମାତ୍ର ଅଂଶ ଯାହା ସମାଜର ଶେଷ ସୋପାନରେ ଠିଆ ହୋଇଥିବା ବ୍ୟକ୍ତି ନିକଟରେ ପହଞ୍ଚିବା ପାଇଁ ପଦକ୍ଷେପ ନିଏ। ବ୍ୟକ୍ତି ଯେତେବେଳେ ଚାହିଁବ ଏହା ସହିତ ଯୋଗାଯୋଗ କରିପାରିବ, କାରଣ ସେ ନିଶ୍ଚିତ ଯେ ଏଠାରେ ତାଙ୍କର କଥା ଶୁଣାଯିବ, ତାକୁ ସଠିକ୍ ସ୍ଥାନକୁ ନେଇ ସମାଧାନ ପାଇବାରେ ପୂର୍ଣ୍ଣ ସହାୟତା ମିଳିପାରିବ । ଗଣମାଧ୍ୟମ ତାର ଏହି ଆତ୍ମବିଶ୍ୱାସକୁ କେବେ କ୍ଷୀଣ ହେବାକୁ ଦେଇନାହିଁ।

ବର୍ତ୍ତମାନ ଭାରତ ସରକାରଙ୍କ ତରଫରୁ ଜନଗଣନା ସାରା ଦେଶରେ ଚାଲିଛି। ଓଡିଶାରେ ମଧ୍ୟ ଚାଲିଛି । ଜନଗଣନା କର୍ମୀମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଛନ୍ତି । ତଥାପି ଜନତା ସଚେତନ ନାହାନ୍ତି ନିଜର ଜନ ଗଣନା କରିବାକୁ । କେଉଁଠି ଜନଗଣନା କର୍ମୀଙ୍କୁ ମାଡ ମାରୁଛନ୍ତି ଓ କେଉଁଠି ଖରାପ ବ୍ୟବହାର କରୁଛନ୍ତି । କେଉଁଠି ତଥ୍ୟ ଦେବାକୁ ମନା କରୁଛନ୍ତି। କିଏ କହୁଛନ୍ତି ଆମ ଘର ଚଟାଣ ମାର୍ବଲରେ ହୋଇଛି ବୋଲି କାହିଁକି ଲେଖିବ, କିଏ କହୁଛନ୍ତି ଆମ ଘର ପଥରରେ ହୋଇଛି ବୋଲି କାହିଁକି ଲେଖିବ, ଆମ ବିଲ୍ଡିଂରେ କେତୋଟି ଘର ଅଛି କାହିଁକି ଲେଖିବ, ଆମ ବିଲ୍ଡିଂରେ କେତେ ଜଣ ଭଡାରେ ରହୁଛନ୍ତି କାହିଁକି ଲେଖିବ, ଲାପଟପ, କମ୍ପ୍ୟୁଟର, ଦୁଇ ଚକିଆ ଯାନ, ଚାରି ଚକିଆ ଯାନ, ଆମ ଘରକୁ ପାଣି କେଉଁଠୁ ଆସୁଛି, ଆମ ଘରେ ଗାଧୁଆ ଘର, ପାଇଖାନା, ରୋଷାଇ ଘର , ଗ୍ୟାସ କନେକସନ ଅଛି କି ନାହିଁ କାହିଁକି ଲେଖିବେ । ଆମେ ରୋଷାଇ କିପରି କରୁଛୁ ? କାଠ ଜାଳି କରୁଛୁ କି ଇଲେକ୍ଟ୍ରି ଚୁଲାରେ କରୁଛୁ ..ଇତ୍ୟାଦି ଇତ୍ୟାଦି ୩୨ଟି ପ୍ରଶ୍ନର ଉତ୍ତର ଆମେ କାହିଁକି ଦେବୁ। ଏସବୁ କ'ଣ ପାଇଁ ଆମେ ଜଣାଇବୁ ? ଏଥିରୁ ଜଣାପଡୁଛି ଜନଗଣନା ପାଇଁ ଜନତା ସଚେତନ ନାହାନ୍ତି । ଏଥିପାଇଁ ଜନଜାଗରଣ ଦରକାର ।

ଜନସଚେତନତା ପାଇଁ ମୁଖ୍ୟ ଭୂମିକା ହେଉଛି ଗଣମାଧ୍ୟମର । ଗଣମାଧ୍ୟମରେ ଜନଗଣନା ବିଷୟରେ ଯେତେ ଚର୍ଚ୍ଚା ଆଲୋଚନା ହେବ ଜନତା ସେତେ ସଚେତନ ହେବେ। ସମୟ ସହିତ ଜଗତୀକରଣର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ବିଂଶ ଶତାବ୍ଦୀର ଶେଷ ଦଶନ୍ଧି ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଦେଶକୁ ଦ୍ରୁତ ପ୍ରଗତି ପଥରେ ଆଗକୁ ବଢ଼ିବାକୁ ହୁଏ, ତେବେ ତାକୁ ବିଶ୍ୱର ଅନ୍ୟ ଦେଶ ସହିତ ସଂଯୋଗ ସ୍ଥାପନ କରିବା ଆବଶ୍ୟକ। ଏବଂ ଏହି ସଂଯୋଗ ସେତେବେଳେ ସମ୍ଭବ ଯେତେବେଳେ ସମସ୍ତ ପ୍ରକାରର ପ୍ରାସଙ୍ଗିକ ଏବଂ ଉପଯୋଗୀ ସୂଚନା ଏବଂ ତଥ୍ୟ ସମସ୍ତ ଲୋକଙ୍କ ପାଖରେ ନିରବଚ୍ଛିନ୍ନ ଭାବରେ ପହଞ୍ଚିବ। ସୂଚନା ବିନା ସମାଜ ନୂତନ ଯୁଗର ଚାହିଦା ପୂରଣ କରିବାରେ ସମ୍ପୂର୍ଣ୍ଣ ଅସହାୟ ହୋଇଯାଏ। ବିକାଶର ପ୍ରତିଯୋଗିତାରେ ସେ ପଛରେ ପଡ଼ିଯିବା ଆରମ୍ଭ କରେ। ସୌଭାଗ୍ୟବଶତଃ ଭାରତରେ ଏହା ଘଟି ନାହିଁ। ଏଠାରେ ଦଶନ୍ଧି ପୂର୍ବରୁ ସୂଚନା ଏବଂ ଜ୍ଞାନର ଏକ ବ୍ୟବସ୍ଥା ବିକଶିତ ହୋଇସାରିଛି, ଯାହା ଦେଶର ଅବସ୍ଥା ଏବଂ ଦିଗ ନିର୍ଣ୍ଣୟ କରିବାରେ ଏକ ବଡ଼ ଅବଦାନ ରଖିଛି। ଏହି ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଗଣମାଧ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଶକ୍ତିଶାଳୀ ଭୂମିକା ଗ୍ରହଣ କରିଛି ଏବଂ ଆମ ସରକାର ଗଣମାଧ୍ୟମକୁ ଏହି ଭୂମିକା ଗ୍ରହଣ କରିବା ପାଇଁ ପ୍ରଚୁର ସ୍ୱାଧୀନତା ଏବଂ ଅଧିକାର ପ୍ରଦାନ କରିଛି। ଗଣମାଧ୍ୟମ କିମ୍ବା ସାମାଜିକ ଗଣମାଧ୍ୟମ ସାଧାରଣ ଲୋକଙ୍କ ପ୍ରତିନିଧି ଭାବରେ କାର୍ଯ୍ୟ କରେ। ସରକାର ଏବଂ ଲୋକଙ୍କ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରି, ଗଣମାଧ୍ୟମ ଉଭୟ ପକ୍ଷର ମତାମତ ପରସ୍ପର ନିକଟରେ ପହଁଚାଏ ଏବଂ ସେମାନଙ୍କ ମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ବିକଶିତ କରେ। ସ୍ୱାଧୀନ ଭାରତର ଆର୍ଥିକ, ସାମାଜିକ ଏବଂ ଗଣତାନ୍ତ୍ରିକ ଉନ୍ନତିରେ ଗଣମାଧ୍ୟମର ଅବଦାନ ରହିଛି। ଭାରତରେ ଗଣମାଧ୍ୟମ ସର୍ବଦା ଏକ ସୁସ୍ଥ ସମାଜ ଏବଂ ଏକ ଦୃଢ଼ ଗଣତନ୍ତ୍ରର ମୂଳଦୁଆ ହୋଇଆସିଛି। ଏହାକୁ ବିନା କାରଣରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଏ ନାହିଁ। ଗଣତାନ୍ତ୍ରିକ ବ୍ୟବସ୍ଥାର ଅନ୍ୟ ତିନୋଟି ଅଙ୍ଗ ନ୍ୟାୟପାଳିକା, ବିଧାୟିକା ଏବଂ କାର୍ଯ୍ୟପାଳିକାଠାରୁ ଗଣମାଧ୍ୟମ ସମ୍ପୂର୍ଣ୍ଣ ଭିନ୍ନ, ଏହା ହେଉଛି ବ୍ୟବସ୍ଥାର ଏକମାତ୍ର ଅଂଶ ଯାହା ସମାଜର ଶେଷ ସୋପାନରେ ଠିଆ ହୋଇଥିବା ବ୍ୟକ୍ତି ନିକଟରେ ପହଞ୍ଚିବା ପାଇଁ ପଦକ୍ଷେପ ନିଏ। ବ୍ୟକ୍ତି ଯେତେବେଳେ ଚାହିଁବ ଏହା ସହିତ ଯୋଗାଯୋଗ କରିପାରିବ, କାରଣ ସେ ନିଶ୍ଚିତ ଯେ ଏଠାରେ ତାଙ୍କର କଥା ଶୁଣାଯିବ, ତାକୁ ସଠିକ୍ ସ୍ଥାନକୁ ନେଇ ସମାଧାନ ପାଇବାରେ ପୂର୍ଣ୍ଣ ସହାୟତା ମିଳିପାରିବ । ଗଣମାଧ୍ୟମ ତାର ଏହି ଆତ୍ମବିଶ୍ୱାସକୁ କେବେ କ୍ଷୀଣ ହେବାକୁ ଦେଇନାହିଁ। ଗତ କିଛି ଦଶନ୍ଧି ମଧ୍ୟରେ ଆମେ ସମୟ ସମୟରେ ଦେଖିଛୁ ଯେ ଦେଶର ଗଣମାଧ୍ୟମ ସାଧାରଣ ଲୋକଙ୍କ ଶକ୍ତି ପାଲଟିଛି। ତାଙ୍କୁ ଶୋଷଣ ଏବଂ ଅନ୍ୟାୟଚକ୍ରରୁ ମୁକ୍ତି ଦେଉଥିବାର ଦେଖିଛୁ। ଯେତେବେଳେ କୌଣସି ସରକାର ସାଧାରଣ ଲୋକଙ୍କୁ ଅଣଦେଖା କରି ମନମୁଖୀ କାର୍ଯ୍ୟ କରିଛନ୍ତି, ସେତେବେଳେ ଗଣମାଧ୍ୟମ ଏହାର ଜନବିରୋଧୀ ନୀତିରୁ ମୁକ୍ତି ପାଇବାରେ ଲୋକଙ୍କୁ ସାହାଯ୍ୟ କରିଛି। ଏପରି ଅନେକ ଘଟଣା ଘଟିଛି ଯେତେବେଳେ ଗଣମାଧ୍ୟମ କେତେବେଳେ ଜନସାଧାରଣଙ୍କ ସ୍ୱର ପାଲଟିଛି, କେତେବେଳେ ଆଖି ପାଲଟିଛି, ଆଉ କେତେବେଳେ ମସ୍ତିଷ୍କ ପାଲଟିଛି ଏବଂ ସମସ୍ତଙ୍କୁ ସଠିକ୍ ପଥ ଦେଖାଇଛି। ସ୍ୱାଧୀନତାଠାରୁ ଜରୁରୀକାଳୀନ ପରିସ୍ଥିତି ପର୍ଯ୍ୟନ୍ତ, ଆନ୍ଦୋଳନଠାରୁ ଯୁଦ୍ଧ ସମୟ ପର୍ଯ୍ୟନ୍ତ, ଆଧୁନିକ ଯୁଗରେ ମଧ୍ୟ ଆମେ ଗଣମାଧ୍ୟମର ଏହି ଅବିଶ୍ୱସନୀୟ ଶକ୍ତିକୁ ବାରମ୍ବାର ଦେଖିଛୁ। ଭାରତୀୟ ଗଣମାଧ୍ୟମ ସବୁବେଳେ ସମାଜ ଏବଂ ଦେଶର ପ୍ରତ୍ୟେକ ଛୋଟ ୟୁନିଟର ଉନ୍ନତି ଏବଂ ସଶକ୍ତିକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଯଦି ଆଜି ଭାରତ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଗଣତନ୍ତ୍ର, ତେବେ ଏଥିରେ ଗଣମାଧ୍ୟମର ମଧ୍ୟ ଏକ ବଡ଼ ଭୂମିକା ରହିଛି। ପୂର୍ବରୁ ଆମେ ଆମର ଭୁଲରୁ ଶିଖୁଥିଲୁ, ଏବେ ଆମେ ଅନ୍ୟମାନଙ୍କ ଅଭିଜ୍ଞତାରୁ ଶିଖି ଆଗକୁ ବଢୁଛୁ। ଯଦି ବିହାରର ଜଣେ ଚାଷୀ ଏକ ସ୍ୱତନ୍ତ୍ର କୌଶଳ ବ୍ୟବହାର କରି ତାଙ୍କର ଫସଲ ଅମଳକୁ ଚାରିଗୁଣ କରନ୍ତି, ତେବେ ଗଣମାଧ୍ୟମ ଦେଶର ପ୍ରତ୍ୟେକ କୋଣରେ ଥିବା ଚାଷୀମାନଙ୍କ ପାଖରେ ଏହି ଖବର ପହଁଚାଏ। ଯଦ୍ଦ୍ୱାରା ଚାଷୀମାନେ ଏଥିରୁ ପ୍ରେରଣା ପାଇପାରିବେ ଏବଂ ନିଜ ସ୍ତରରେ ସମାନ ପରୀକ୍ଷଣ କରିପାରିବେ। ଧୀରେ ଧୀରେ ଜଣେ ବ୍ୟକ୍ତିଙ୍କ ସଫଳତା ସମଗ୍ର ଜାତିର ସଫଳତାରେ ପରିଣତ ହୁଏ। ଏକବିଂଶ ଶତାବ୍ଦୀର ଆରମ୍ଭରୁ ବିଶ୍ୱ, ସମାଜ ଏବଂ ଆମର ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି। ଗଣମାଧ୍ୟମ ମଧ୍ୟ ଏହି ପରିବର୍ତ୍ତନର ପ୍ରଭାବରୁ ଅସ୍ପୃଶ୍ୟ ରହିନାହିଁ। ଗଣମାଧ୍ୟମର ଭୂମିକା ମଧ୍ୟ ପରିବର୍ତ୍ତନ ହେଉଛି। ଏହି ନୂତନ ଭୂମିକା ତାଙ୍କୁ ତାଙ୍କର ମୂଳ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟରୁ ବିଚଳିତ କରୁଛି। ତେଣୁ ଲୋକମାନେ ଏବେ ଗଣମାଧ୍ୟମ ଉପରୁ ବିଶ୍ୱାସ ହରାଉଛନ୍ତି। ଆଜିରଯୁଗ ସୂଚନା ବିପ୍ଳବର ଯୁଗ ହୋଇଥିବାରୁ ଏହା ଗଣମାଧ୍ୟମର ଶକ୍ତି ଏବଂ ଗତି ଉଭୟକୁ ବୃଦ୍ଧି କରିଛି। ଏବେ ଆମେ ପୂର୍ବ ଅପେକ୍ଷା ବହୁତ ଶୀଘ୍ର ସୂଚନା ପାଇପାରୁଛୁ, ଏବଂ ସେହି ସୂଚନାକୁ ଆହୁରି ଦ୍ରୁତ ଗତିରେ ଜନସାଧାରଣଙ୍କ ନିକଟରେ ପହଁଚାଇପାରୁଛୁ। ପ୍ରଯୁକ୍ତିବିଦ୍ୟା ବିକାଶର ପରିବର୍ତ୍ତନ ଯୋଗୁଁ ଆମକୁ ମିଳିଥିବା ଏହି ନୂତନ ଶକ୍ତିକୁ ଆମେ ଚିହ୍ନି ପାରିଛୁ, କିନ୍ତୁ ଆମେ ଏପର୍ଯ୍ୟନ୍ତ ଏହାକୁ ସଠିକ୍ ଭାବରେ ବ୍ୟବହାର କରିପାରୁନାହୁଁ।

ପାରମ୍ପରିକ ଧାରଣା ଅନୁଯାୟୀ ଗଣମାଧ୍ୟମର ତିନୋଟି ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସୂଚନା, ଶିକ୍ଷା ଏବଂ ମନୋରଞ୍ଜନ। କିନ୍ତୁ ବର୍ତ୍ତମାନ ସମୟରେ ଅନ୍ୟମାନଙ୍କଠାରୁ ଆଗରେ ରହିବାର ଦୌଡ଼ରେ ଆମେ ଖବରକୁ ମନୋରଞ୍ଜନର ଏକମାତ୍ର ମାଧ୍ୟମ କରିଚାଲିଛୁ। ଏହା ଯୋଗୁଁ ସବୁଠାରୁ ବଡ଼ କ୍ଷତି ସାଧାରଣ ଲୋକଙ୍କର ହୋଇଛି, ଯାହାଙ୍କ ଉନ୍ନତି ଏବଂ କଲ୍ୟାଣ ଆମର ପ୍ରାଥମିକ ଦାୟିତ୍ୱ। ଆଜି ପ୍ରତିଯୋଗିତାର ଚକ୍ରରେ ଖବରକୁ ମସଲାଯୁକ୍ତ କରି, ଏହାର ମୂଳ ସଂରଚନା ପରିବର୍ତ୍ତେ, ଏହାକୁ ଏକ ନୂତନ ରୂପରେ ବିକୃତ କରାଯାଉଛି। ଏପରିକି ମନୋରଞ୍ଜନ ସାମଗ୍ରୀରେ ପରିଣତ କରାଯାଉଛି, ଯାହା ଫଳରେ ସେଗୁଡ଼ିକ ସେମାନଙ୍କର ମୂଳ ଉଦ୍ଦେଶ୍ୟରୁ ବିଚ୍ୟୁତ ହେଉଛନ୍ତି ଏବଂ ସାଧାରଣ ଲୋକଙ୍କୁ ପ୍ରେରଣା ଦେଇପାରୁ ନାହାଁନ୍ତି। ଗଣମାଧ୍ୟମ କେବଳ ଖବର ଭାବରେ ଖବରକୁ ଉପସ୍ଥାପନ କରିବା ଉଚିତ, ଯାହା ଦ୍ୱାରା ଏହା ପାଠକ କିମ୍ବା ଦର୍ଶକଙ୍କୁ ଚିନ୍ତା କରିବାକୁ ପ୍ରେରଣା ଦେବ ଏବଂ ସେମାନଙ୍କୁ ମାର୍ଗଦର୍ଶନ କରିବ।

ସାଧାରଣ ଲୋକଙ୍କ ପ୍ରତିନିଧି ଭାବରେ ସେ ତାଙ୍କର ମତାମତ, ଆବଶ୍ୟକତା ଏବଂ ସମସ୍ୟା ସରକାରଙ୍କ ନିକଟରେ ପହଁଚାଇପାରିବେ ଏବଂ ଜନ କଲ୍ୟାଣ ନୀତି ପ୍ରଣୟନରେ ସରକାରଙ୍କ ମାର୍ଗଦର୍ଶକ ପରାମର୍ଶଦାତା ଭାବରେ କାର୍ଯ୍ୟ କରିପାରିବେ। ସେହି ସମୟରେ ସେ ସରକାରଙ୍କ ପ୍ରସ୍ତାବିତ ଯୋଜନା ଏବଂ କାର୍ଯ୍ୟକ୍ରମ ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରିପାରିବେ। ଏହା ମଧ୍ୟ ଜରୁରୀ କାରଣ ଅନେକ ସମୟରେ ସରକାର ଯୋଜନା ଆରମ୍ଭ କରନ୍ତି, କିନ୍ତୁ ସେଗୁଡ଼ିକ ବିଷୟରେ ସୂଚନା ସାଧାରଣ ଲୋକଙ୍କ ପାଖରେ ପହଁଚି ପାରେ ନାହିଁ ଏବଂ ଅଧିକାଂଶ ଲୋକ ଏହାର ଲାଭ ଉଠାଇବାରୁ ବଞ୍ଚିତ ହୁଅନ୍ତି। ଗଣମାଧ୍ୟମ ସିଧାସଳଖ ଜନସାଧାରଣଙ୍କ ସହିତ ଜଡିତ ହୋଇଥିବାରୁ, ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ କିମ୍ବା ସମୁଦାୟ ପାଇଁ ଯୋଜନା ପ୍ରସ୍ତୁତ କରିବା ସମୟରେ ଗଣମାଧ୍ୟମରୁ ମିଳୁଥିବା ପରାମର୍ଶ ସରକାରଙ୍କୁ ଅଧିକ ପ୍ରଭାବଶାଳୀ ଯୋଜନା ପ୍ରସ୍ତୁତ କରିବାରେ ସାହାଯ୍ୟ କରିପାରିବ। ଆଜି ପ୍ରଯୁକ୍ତିବିଦ୍ୟା ଗଣମାଧ୍ୟମର ପରିସରକୁ ଏତେ ବିସ୍ତାର କରିଛି ଯେ ଯେକୌଣସି ସୂଚନା କିମ୍ବା ଖବର ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ପାଖରେ ଗଣମାଧ୍ୟମ ଦ୍ୱାରା ମୁହୂର୍ତ୍ତକ ମଧ୍ୟରେ ପହଞ୍ଚିପାରୁଛି। ଏହି ସୁବିଧାକୁ ଏକ ଶକ୍ତିଶାଳୀ, ବିକଶିତ ଏବଂ ଆତ୍ମନିର୍ଭରଶୀଳ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ବ୍ୟବହାର କରାଯାଇପାରିବ। ସାମାଜିକ ଗଣମାଧ୍ୟମ ସହିତ ମିଳିତ ଭାବରେ ଗଣମାଧ୍ୟମ ଏହି ଦିଗରେ ବୈପ୍ଳବୀକ ପରିବର୍ତ୍ତନ ଆଣିପାରିବ। ଆମକୁ କେବଳ ନିଶ୍ଚିତ କରିବାକୁ ପଡିବ ଯେ ଏପରି ସୂଚନା କେବଳ ସଠିକ୍ ଏବଂ ନିର୍ଭରଯୋଗ୍ୟ ଯୋଗାଯୋଗ ମାଧ୍ୟମରେ ପ୍ରସାରିତ ହେବ।

ଭୁବନେଶ୍ୱର , ମୋ-୯୮୬୧୦୬୯୫୫୩

# ଆୟାରାମ ଗୟାରାମ ରାଜନୀତି

## ଡକ୍ଟର ପ୍ରମୋଦ କୁମାର ପଣ୍ଡା

> "ଆୟା ରାମ ଗୟା ରାମ" ଯାହା ଆଜିକାଲି ଖୁବ୍ ପରିଚିତ ଓ ଲୋକପ୍ରିୟ। ୧୯୮୫ ମସିହାରେ ସମ୍ବିଧାନ ସଂଶୋଧନ କରି ଦଳବଦଳ ବିରୋଧୀ କାନୁନ ଲାଗୁକରାଗଲା। ଏହି କାନୁନର ବିଶେଷତ୍ୱ ହେଲା କୌଣସି ବିଧାୟକ କିମ୍ବା ସାଂସଦ ଦଳବଦଳ କଲେ ତାଙ୍କର ପଦ ପଦବୀ ଯିବ। ସେ ତାଙ୍କ ସଦସ୍ୟତା ହରେଇବେ। ଅଯୋଗ୍ୟ ଘୋଷିତ ହେବେ। କିନ୍ତୁ ସଂସଦୀୟ କିମ୍ବା ବିଧାୟକ ଦଳର ଏକ ତୃତୀୟାଂଶ କିମ୍ବା ତଦୁର୍ଦ୍ଧ୍ୱ ସଦସ୍ୟ ପାର୍ଟି ପରିବର୍ତ୍ତନ କରି ଅନ୍ୟ ଦଳରେ ମିଶିଲେ ସେମାନେ ତାଙ୍କର ପଦ ହରେଇବେ ନାହିଁ। ତାଙ୍କ ସଦସ୍ୟତା ଯିବ ନାହିଁ କିମ୍ବା ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇପାରିବନାହିଁ। ଏହାକୁ ଦଳବଦଳ ନୁହଁ, ବିଳୟ କୁହାଯିବ। ଏହା ବିଧାନସଭା, ବିଧାନପରିଷଦ, ଲୋକସଭା ଓ ରାଜ୍ୟସଭା ପାଇଁ ସମପରିମାଣରେ ପ୍ରଯୁଜ୍ୟ, ଲାଗୁହେବ। ଦଳବଦଳ ପ୍ରଥା ନିୟନ୍ତ୍ରଣ କରିବା ଏହି କାନୁନର ମୁଖ୍ୟ ଉଦ୍ଦେଶ୍ୟ।

'ଦଳବଦଳ' ରାଜନୀତିରେ ଏକ ସାଧାରଣ ଓ ସ୍ୱାଭାବିକ ପ୍ରକ୍ରିୟା। ଏହା ରାଜନେତାଙ୍କ ଇଚ୍ଛାଧୀନ ବ୍ୟାପାର। ଯିଏ ଯେବେ ଚାହିଁବ ସେବେ ଦଳ ପରିବର୍ତ୍ତନ କରିପାରିବ। ଅନ୍ୟ ରାଜନୈତିକ ଦଳରେ ମିଶିପାରିବ କିମ୍ବା ନିଜର ସ୍ୱତନ୍ତ୍ର ଦଳ ଗଠନ କରିପାରିବ। କେବଳ ଭାରତୀୟ ରାଜନୀତି ନୁହଁ, ବିଶ୍ୱର ସବୁ ଦେଶ, ରାଜ୍ୟ ଓ ଦଳ ଏହି ପ୍ରଥାର ଅନୁଯାୟୀ। ତାହା ବିକଶିତ, ବିକାଶଶୀଳ କିମ୍ବା ଅବିକଶିତ ରାଷ୍ଟ୍ର ହେଉ ଅଥବା ଜାତୀୟ କିମ୍ବା ଆଞ୍ଚଳିକ ଦଳ।

ଦଳବଦଳ ପଛରେ ଅନେକ କାରଣ ରହିଥାଏ। କିଛି ଲୋକ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପୂରଣ ନହେଲେ କିମ୍ବା ଦଳ ତାଙ୍କୁ ଅଣଦେଖା କଲେ ଦଳବଦଳ କରିଥାନ୍ତି। କିଛି ଲୋକ ଦଳ ତାର ମୂଳ ଲକ୍ଷ୍ୟ, ସିଦ୍ଧାନ୍ତ ଓ ନୈତିକତାରୁ ବିଚ୍ୟୁତ ହେଲେ ଅନ୍ୟ ଦଳ ସହ ମିଶିଥାନ୍ତି। ଅନ୍ୟ କିଛି ଲୋକ ଦଳୀୟ କାର୍ଯ୍ୟକ୍ରମରେ କିମ୍ବା ଶୀର୍ଷ ନେତୃତ୍ୱର ପରିଚାଳନାଗତ ତ୍ରୁଟି ବିଚ୍ୟୁତିରେ ଅସନ୍ତୁଷ୍ଟ ହୋଇ ଅନ୍ୟ ଦଳକୁ ଡିଆଁ ମାରିଥାନ୍ତି। ତେବେ କ୍ରମାଗତ ଦଳବଦଳ ଏକ ସୁସ୍ଥ, ସବଳ ଓ ସୁଦୃଢ଼ ଗଣତନ୍ତ୍ରର ପରିପନ୍ଥୀ।

ଦଳବଦଳ ସମ୍ପୃକ୍ତ ଦଳକୁ ଦୁର୍ବଳ କରେ। ମିଶିଥିବା ଦଳକୁ ବଳ ଦିଏ। ବେଳେବେଳେ ସରକାରର ପତନ ଘଟେ। ବିଚାରଧାରା ପରିବର୍ତ୍ତନ ପାଇଁ ଦଳବଦଳ ଶୁଭଙ୍କର। କିନ୍ତୁ ବ୍ୟକ୍ତିଗତ ସ୍ୱାର୍ଥ ସିଦ୍ଧି ପାଇଁ ଦଳବଦଳ ଦେଇ ଅବସର ଚୟନ ଖୁବ୍ ବିପଜ୍ଜନକ।

ପୂର୍ବରୁ ଦଳବଦଳ ବିରୋଧୀ କାନୁନ ନଥିଲା। ନେତା ଓ କର୍ମୀ ମନଇଚ୍ଛା ଏଦଳରୁ ସେଦଳକୁ ଡିଆଁ ମାରୁଥିଲେ। ସ୍ପଷ୍ଟ ନୀତି ଓ ନିୟମ ଅଭାବରୁ ୧୯୬୭ ମସିହାରେ ହରିୟାଣାର ଜଣେ ବିଧାୟକ ଗୋଟିଏ ଦିନରେ ତିନୋଟି ଦଳ ବଦଳ କରିଥିଲେ। ତାଙ୍କ ନାମ ଗୟା ଲାଲ। ସେହିଦିନଠୁ ଭାରତୀୟ ରାଜନୀତି କ୍ଷେତ୍ରରେ ଏକ ଢଗର ପ୍ରଚଳନ ଆରମ୍ଭ ହେଲା; "ଆୟା ରାମ ଗୟା ରାମ" ଯାହା ଆଜିକାଲି ଖୁବ୍ ପରିଚିତ ଓ ଲୋକପ୍ରିୟ। ୧୯୮୫ ମସିହାରେ ସମ୍ବିଧାନ ସଂଶୋଧନ କରି ଦଳବଦଳ ବିରୋଧୀ କାନୁନ ଲାଗୁକରାଗଲା। ଏହି କାନୁନର ବିଶେଷତ୍ୱ ହେଲା କୌଣସି ବିଧାୟକ କିମ୍ବା ସାଂସଦ ଦଳବଦଳ କଲେ ତାଙ୍କର ପଦ ପଦବୀ ଯିବ। ସେ ତାଙ୍କ ସଦସ୍ୟତା ହରେଇବେ। ଅଯୋଗ୍ୟ ଘୋଷିତ ହେବେ। କିନ୍ତୁ ସଂସଦୀୟ କିମ୍ବା ବିଧାୟକ ଦଳର ଏକ ତୃତୀୟାଂଶ କିମ୍ବା ତଦୁର୍ଦ୍ଧ୍ୱ ସଦସ୍ୟ ପାର୍ଟି ପରିବର୍ତ୍ତନ କରି ଅନ୍ୟ ଦଳରେ ମିଶିଲେ ସେମାନେ ତାଙ୍କର ପଦ ହରେଇବେ ନାହିଁ। ତାଙ୍କ ସଦସ୍ୟତା ଯିବ ନାହିଁ କିମ୍ବା ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇପାରିବନାହିଁ। ଏହାକୁ ଦଳବଦଳ ନୁହଁ, ବିଳୟ କୁହାଯିବ। ଏହା ବିଧାନସଭା, ବିଧାନପରିଷଦ, ଲୋକସଭା ଓ ରାଜ୍ୟସଭା ପାଇଁ ସମପରିମାଣରେ ପ୍ରଯୁଜ୍ୟ, ଲାଗୁହେବ। ଦଳବଦଳ ପ୍ରଥା ନିୟନ୍ତ୍ରଣ କରିବା ଏହି କାନୁନର ମୁଖ୍ୟ ଉଦ୍ଦେଶ୍ୟ।

ଭାରତୀୟ ରାଜନୀତିରେ ଏବେ ରାଘବ ଚଡ଼ାଙ୍କ ସମେତ ସାତ ଜଣ ଆମ ଅଦମୀ ପାର୍ଟିର ରାଜ୍ୟସଭା ସଦସ୍ୟଙ୍କ ବିଜେପିରେ ଯୋଗଦାନ ଚର୍ଚ୍ଚାର ବିଷୟ ପାଲଟିଛି। ରାଜ୍ୟସଭାରେ ଆମ ଆଦମୀ ପାର୍ଟିର ଦଶ ଜଣ ସାଂସଦ ଥିଲେ। ସାତ ଜଣ ପଞ୍ଜାବରୁ ଓ ତିନିଜଣ ଦିଲ୍ଲୀରୁ। ସମ୍ପ୍ରତି ପଞ୍ଜାବର ଛଅ ଜଣ ରାଘବ ଚଡ଼୍ହା, ସନ୍ଦୀପ ପାଠକ, ଅଶୋକ ମିତ୍ତଲ, ହରଭଜନ ସିଂ, ରାଜେନ୍ଦ୍ର ଗୁପ୍ତା ଓ ବିକ୍ରମଜିତ ସାହାନୀ ଓ ଦିଲ୍ଲୀର ସ୍ୱାତୀ ମାଲେୱାଲ ବିଜେପିରେ ଯୋଗ ଦେଇଛନ୍ତି। ୩୭ ବର୍ଷୀୟ ରାଘବ ଚଡ଼୍ହା ରାଜ୍ୟସଭାରେ ଆମ ଅଦମୀ ପାର୍ଟିର ଉପନେତା ଥିଲେ। ପୂର୍ବରୁ ସେ ଦିଲ୍ଲୀର ବିଧାୟକ ଥିଲେ। ଆମ ଆଦମୀ ପାର୍ଟିର ପଞ୍ଜାବ ବିଜୟର ଶ୍ରେୟ ମୁଖ୍ୟତଃ ତାଙ୍କୁ ଯାଏ। ଦଳର ଅନେକ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀ ଓ ମହତ୍ୱପୂର୍ଣ୍ଣ ନିଷ୍ପତ୍ତି ସହିତ ସେ ଜଡ଼ିତ ଥିଲେ। ଅରବିନ୍ଦ କେଜ୍ରିୱାଲଙ୍କ ସହିତ ତାଙ୍କର ନିବିଡ଼ ସମ୍ପର୍କ ଥିଲା। ଚଳଚିତ୍ର ଅଭିନେତ୍ରୀ ପରିଣିତୀ ଚୋପ୍ରା ଓ ରାଘବ ଚଡ଼ାଙ୍କ ପରିଣୟ ସମୟରେ ଅରବିନ୍ଦ କେଜ୍ରିୱାଲଙ୍କୁ ତାଙ୍କ ଭାଇ ଭୂମିକାରେ ଦେଖିବାକୁ ମିଳିଥିଲା। ଧୀରେ ଧୀରେ ଉଭୟଙ୍କ ମଧ୍ୟରେ ମତାନ୍ତର ଏବଂ ପରେ ମନାନ୍ତର ସୃଷ୍ଟି ହେଲା। ଫାଟ ଦେଖାଦେଲା। ଦୂରତା ବଢିଲା। ବିଶ୍ୱସନୀୟତା କମିବାକୁ ଲାଗିଲା। ଦିଲ୍ଲୀ ମଦ ଘୋଟାଲାରେ ଅରବିନ୍ଦ କେଜ୍ରିୱାଲଙ୍କୁ ଜେଲ ଯିବାକୁ ପଡିଲା। ଆମ ଆଦମୀ ପାର୍ଟି ପ୍ରତିବାଦ ଓ ଆନ୍ଦୋଳନ କଲେ। କିନ୍ତୁ ରାଘବ ଚଡ଼ା ନିଜକୁ ଏସବୁରୁ ଦୂରେଇ ରଖିଲେ। ଜେଲରୁ ଫେରିବା ପରେ ମଧ୍ୟ ସେ କେଜ୍ରିୱାଲଙ୍କୁ ଦେଖା କରିବାକୁ ଯାଇ ନଥିଲେ। ରାଘବ ଚଡ଼ା ରାଜ୍ୟସଭାରେ ଆମ ଆଦମୀଙ୍କ ପ୍ରସଙ୍ଗରେ ପ୍ରଶ୍ନ ଉଠାଉଥିଲେ, ଆମ ଆଦମୀ ପାର୍ଟି ସମ୍ପର୍କିତ ପ୍ରସଙ୍ଗ ନୁହଁ। ଇତି ମଧ୍ୟରେ ସେ ଆମ ଆଦମୀ ପାର୍ଟିର ଖାସ୍ ନେତାରୁ ଜନତାଙ୍କ ଆମ ବ୍ୟକ୍ତିରେ ପରିବର୍ତ୍ତିତ ହୋଇସାରିଥିଲେ। ତାଙ୍କୁ ରାଜ୍ୟସଭାର ଉପନେତା ପଦରୁ ହଟେଇ ଦିଆଗଲା। ରାଜ୍ୟସଭା ସଦସ୍ୟ ଅଶୋକ ମିତ୍ତଲଙ୍କୁ ଉପନେତା ଦାୟିତ୍ୱ ପ୍ରଦାନ କରାଗଲା।

ଦଳ ଛାଡ଼ିବା ପରେ ରାଘବ ଚଡ଼ା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଭୂୟସୀ ପ୍ରଶଂସା କରିଛନ୍ତି। ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଓ ଅମିତ ଶାହାଙ୍କ ସଂକଳ୍ପ ଶକ୍ତିର ପ୍ରେରଣାରେ ବିନା ଥକେ ଓ ବିନା ରୁକେ ଜନତାଙ୍କ ସେବା କରିବାର ପ୍ରେସ ବାର୍ତ୍ତା ପ୍ରଦାନ କରିଛନ୍ତି। ଆଉ ପାଦେ ଆଗକୁ ଯାଇ କହିଛନ୍ତି ଯେ ସେ ଯେଉଁ ପାର୍ଟିକୁ ନିଜ ଜୀବନ ଓ ଯୌବନର ପନ୍ଦର ବର୍ଷ ଦେଇ ଗଢ଼ିଥିଲେ ତାଠୁ ଦୂରକୁ ଓ ଜନତାଙ୍କ ନିକଟକୁ ଯାଉଛନ୍ତି। ନିଜକୁ ରାଇଟ ମେନ ଇନ ରଙ୍ଗ ପାର୍ଟି କହିଛନ୍ତି।

ଭ୍ରଷ୍ଟାଚାର ବିରୁଦ୍ଧରେ ଆନ୍ନା ଆନ୍ଦୋଳନରୁ କେଜ୍ରିୱାଲଙ୍କ ପରିଚୟ ସୃଷ୍ଟି ହୋଇଥିଲା। ତେର ବର୍ଷ ପୂର୍ବରୁ ୨୦୧୨ ମସିହାରେ ଆମ ଆଦମୀ ପାର୍ଟି ଗଠିତ ହୋଇଥିଲା। ଦିଲ୍ଲୀ ଓ ପଞ୍ଜାବରେ ଏହି ପାର୍ଟି ସରକାର ଗଢିବାକୁ ସକ୍ଷମ ହୋଇଥିଲା। ରାଘବ ଚଡ଼ା ଆମ ଆଦମୀ ପାର୍ଟିର ସଂସ୍ଥାପକ ସଦସ୍ୟ। ପଞ୍ଜାବ ନିର୍ବାଚନ ବିଜୟରେ ତାଙ୍କର ହାତ ରହିଥିଲା। ତାଙ୍କୁ ପଞ୍ଜାବର ସୁପର ସିଏମ କୁହାଯାଉଥିଲା। କିନ୍ତୁ ସମୟର ଚକ୍ର ଦେଖନ୍ତୁ ଏବେ ସିଏ ତାଙ୍କ ଅନ୍ୟ ଛଅ ଜଣ ସାଥୀ ସାଂସଦଙ୍କ ସହିତ ଭାରତୀୟ ଜନତା ପାର୍ଟିରେ ବିଲୀନ। ବିଜେପିର ସମର୍ଥକ। ଏଏପିର ବିରୋଧୀ। ପଳାତକ ବାଗୀ ନୁହନ୍ତି, ରାଜନୀତିର ଏକ ଅଭେଦ୍ୟ ରଣନୀତିକାର।

ବିଜେପିରେ ଯୋଗଦେବା ପରେ କିଛି ତାଙ୍କୁ ସମର୍ଥନ କରିବେ ଆଉ କିଛି ବିରୋଧ। କିଛି ଲୋକ କୃତଜ୍ଞ କହିଲେ ଅନ୍ୟ କିଛି କୃତଘ୍ନ। କିନ୍ତୁ ରାଜନୀତି ଏକ ସଂଖ୍ୟା ଖେଳ। ଆମ ଆଦମୀ ପାର୍ଟିରୁ ସାତ ସାତ ଜଣ ରାଜ୍ୟସଭା ସଦସ୍ୟଙ୍କ ବିଜେପିରେ ଏକାକାଳୀନ ଯୋଗଦାନ କିଛି ଛୋଟ କଥା ନୁହଁ। ଆମ ଆଦମୀ ପାର୍ଟି କେବଳ ନିଜର ସଂଖ୍ୟା ହରାଇନାହିଁ। ତା'ସହିତ ତାର ଛବି ଓ ବିଶ୍ୱାସ ମଧ୍ୟ ହରାଇଛି। ତେର ବର୍ଷ ଭିତରେ ୨୦ ରୁ ୨୫ ସଦସ୍ୟ ଆମ ଆଦମୀ ପାର୍ଟି ଛାଡି ସାରିଲେଣି। ଏଥିରେ ଆମ ଆଦମୀ ପାର୍ଟି ଯେତିକି କ୍ଷତି ସହୁଛି ତା' ଅପେକ୍ଷା ଅଧିକ ଲାଭରେ ରହୁଛି ବିଜେପି। ରାଜ୍ୟସଭାର ସମୁଦାୟ ସାଂସଦ ସଂଖ୍ୟା ୨୪୫। ଗୋଟିଏ ସ୍ଥାନ ରିକ୍ତ ରହିଛି। ସାତ ଜଣ ଆମ ଆଦମୀ ପାର୍ଟିର ବିଜେପିରେ ବିଳୟ ପରେ ରାଜ୍ୟସଭାରେ ବିଜେପିର ୧୧୩, ଏନଡ଼ିଏର ୧୪୭, ଇଣ୍ଡି ଗଠବନ୍ଧନର ୭୮ ଓ ଅନ୍ୟାନ୍ୟ ଦଳର ୧୯ ସାଂସଦ ଅଛନ୍ତି। ରାଜ୍ୟସଭାରେ ଏନଡ଼ିଏ ସଂଖ୍ୟାଗରିଷ୍ଠତା ସରକାରଙ୍କୁ ଅଧିକ ବଳ ଯୋଗାଇଛି। ଅନୁମାନ, ଏସବୁ ଅଚାନକ ହୋଇନାହିଁ। ସଠିକ ପୂର୍ବପ୍ରସ୍ତୁତି ଏବଂ ନିର୍ଭୁଲ ରଣନୀତି ଅନୁସାରେ ପଦକ୍ଷେପ ନିଆଯାଇଛି। ବର୍ତ୍ତମାନ ୱେଟ ଆଣ୍ଡ ୱାଚର ବେଳ। ଆଗକୁ ରାଜନୈତିକ ସମୀକରଣ କେଉଁ ରୂପ ନେବ, ଦେଖିବା କଥା।

ମୋ- ୭୯୭୮୨୮୩୧୯୦

CMYK

30 .04.2026.pmd 1 4/29/2026, 5:56 PM

# ଅବକାରୀ ବିଭାଗର ବଡ଼ ସଫଳତା

## ୧୮କୁଇଣ୍ଟାଲ ଭାଙ୍ଗ ସହ ପିକଅପ୍ ଜବତ, ଜଣେ ଗିରଫ

ପାରଳାଖେମୁଣ୍ଡି,୨୯।୪ (ନିପ୍ର): ରା.ଉଦୟଗିରି ଗଜପତି ଜିଲ୍ଲା ରା.ଉଦୟଗିରି ଅବକାରୀ ବିଭାଗକୁ ମିଳିଛି ବଡ଼ ସଫଳତା ୧୮କୁଇଣ୍ଟାଲ ଭାଙ୍ଗ ସହ ଏକ ପିକଅପ ଭ୍ୟାନ ଜବତ କରିଛି ଅବକାରୀ ବିଭାଗ । ସୂଚନା ପ୍ରକାରେ ଜିଲ୍ଲା ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଏକ ବିଶେଷ ସୂତ୍ରରୁ ରା.ଉଦୟଗିରି ଅବକାରୀ ବିଭାଗ ଖବର ପାଇ ରା.ଉଦୟଗିରି ଥାନା ଅନ୍ତର୍ଗତ ମହେନ୍ଦ୍ରଗଡ଼ ଠାରେ ଥିବା ନୟାରା



ପେଟ୍ରୋଲ ପମ୍ପ ନିକଟରେ ଯାଞ୍ଚ କରୁଥିବା ବେଳେ ଅଶୋକ ଲିୟଲାଣ୍ଡ ଓଡି୦୨ବିକେ୩୯୯୪ ନାମକ ଏକ ପିକ ଅପ ଭ୍ୟାନ ଛେଲାଗଡ ରୁ ବାହାରି ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ମାଡି ବସିଲା ଅବକାରୀ ବିଭାଗ । ଗାଡି କୁ ଯାଞ୍ଚ କଲା ପରେ ସେଥିରେ ୧୮ କୁଇଣ୍ଟାଲ ଭାଙ୍ଗ ଥିବା ସହ ଏବଂ ଚାଳକ ଅଡବା ଥାନା ଅନ୍ତଗତ କେଶରୀ ଗୁଡା ଗ୍ରାମର ମହେନ୍ଦ୍ର କରାଡ଼ (୨୬) ଙ୍କୁ ଗିରଫ କରିବା ସହ ଜବତ ଭାଙ୍ଗର ଆନୁମାନିକ ମୂଲ୍ୟ ପ୍ରାୟ ୨୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅବକାରୀ ଓ୍ୱାଇସି ଏନ ତିରୁପତି ରାଓ ସୂଚନା ଦେଇଛନ୍ତି । ଏହି ଚଢ଼ାଉରେ ଅବକାରୀ ବିଭାଗର ଓ୍ୱାଇସି ଏନ ତିରୁପତି ରାଓ , ଏଏସଆଇ ଅଞ୍ଜନ କୁମାର ଜେନା , କନେଷ୍ଟବଳ ଦେବେନ୍ଦ୍ର ପାଇକ, କୁମାର ପାଇକ ଏବଂ ଜିଲ୍ଲା ଭ୍ରାମ୍ୟମାଣ ଟିମ ପ୍ରମୁଖ ଏହି ଚଢ଼ାଉରେ ଉପସ୍ଥିତ ଥିଲେ ।

# ଗବେଷକ ନିରଞ୍ଜନ ମେକାପଙ୍କ ପରଲୋକ

କେନ୍ଦ୍ରାପଡ଼ା,୨୯।୪ (ନିପ୍ର); ଗତକାଲି ମଧ ରାତ୍ରରେ କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ଇଚ୍ଛାପୁର ସ୍ଥିତ ଏକ ନମ୍ବର ଓ୍ୱାର୍ଡର ସ୍ଥାୟୀ ବାସିନ୍ଦା ବିଶିଷ୍ଟ ଲେଖକ, ଗବେଷକ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ମେକାପଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି । ତାଙ୍କ ବିୟୋଗ ବେଳକୁ ୬୬ ବର୍ଷ ବୟସ ହୋଇଥିଲା । ସେ ଖାଲି ଜଣେ ଭଲ ମଣିଷ ନଥିଲେ ସେ ଜଣେ ପରଉପକାରୀ ମଣିଷ ଟିଏ ଥିଲେ । ସେ ଏକାଧାରରେ ଜଣେ ଉଚ୍ଚ କୋଟିର ଶିକ୍ଷକ, ଲେଖକ ଓ କେନ୍ଦ୍ରାପଡ଼ା ମାଟି ତୁଳସୀ କ୍ଷେତ୍ରର ଗବେଷକ ମଧ ଥିଲେ । ସେ ବହୁ ଅନୁଷ୍ଠାନ ସହିତ ଓତପ୍ରୋତ ଭାବେ ଜଡିତ ରହି କାମ କରି ଅନେକ ପ୍ରତିଭା ସୃଷ୍ଟି କରିବା ସହିତ ମାନ ସମ୍ମାନର ଅଧିକାରୀ ହୋଇ ପାରିଥିଲେ । କେନ୍ଦ୍ରାପଡ଼ା ଆରାଧ ଦେବ ପ୍ରଭୁ ବଳଦେବଜୀଉଙ୍କ ରସାବଳୀ ଜି.ଆଇ ଟ୍ୟାଗର ମାନ୍ୟତା ପାଇବା ପଛରେ ତାଙ୍କର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଥିଲା । କେନ୍ଦ୍ରାପଡ଼ାର ଆରାଧ ଦେବ ପ୍ରଭୁ ସିଦ୍ଧ ବଳଦେବଜୀଉ ପୀଠକୁ ନେଇ ଅନେକ କିଛି ରଚନା ଓ ଗବେଷଣା ମଧ କରିଥିଲେ । ସେ ତାଙ୍କ ଜୀବନ କାଳ ମଧରେ କେନ୍ଦ୍ରାପଡ଼ା ମାଟି ଏବଂ ଜିଲ୍ଲା ପାଇଁ ଅନେକ କିଛି ସ୍ୱପ୍ନ ଦେଖିବା ସହିତ ଜିଲ୍ଲାକୁ କିପରି ସରସ ସୁନ୍ଦର ଭାବେ ଗଢି ତୋଳାଯାଇ ପାରିବ ସେଥିପ୍ରତି ଅନବରତ ଚେଷ୍ଟା ମଧ କରି ଆସୁଥିଲେ । ତାଙ୍କ କଲମ ମୁନରୁ ସୃଷ୍ଟି ହୋଇଥିବା ଅନେକ କିଛି ରଚନାବଳୀ ଓ ଲେଖନୀ ନିଶ୍ଚିତ ରୂପେ କେନ୍ଦ୍ରାପଡ଼ା ମାଟିର ଆଗାମୀ ଯୁବପିଢ଼ି ଓ ପାଠକ, ପାଠିକା, ଛାତ୍ର, ଛାତ୍ରୀ ମାନଙ୍କ ପାଇଁ ପ୍ରେରଣାର ଉତ୍ସବ ହୋଇ ରହିବା ଓ ନିରଞ୍ଜନ ମେକାପଙ୍କ ବିୟୋଗରେ ଇଚ୍ଛାପୁର ସମେତ ସମଗ୍ର ସହର ଆଜି ଶୋକାକୁଳ ପରିବେଶରେ ପରିଣତ ହୋଇଥିଲା । ଖବର ପାଇ ଜିଲ୍ଲା ଓ ଜିଲ୍ଲା ବାହାରୁ ମଧ ଅନେକ ବୁଦ୍ଧିଜୀବୀ, ଆଇନଜୀବୀ, ଶିକ୍ଷାବିତ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷମାନେ ତାଙ୍କ ବାସଭବନ ନିକଟରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ସମସ୍ତ ବନ୍ଧୁ ବାନ୍ଧବ, ସାହି ପଡିଶା ଏବଂ ଜ୍ଞାତି କୁଟୁମ୍ବ, ପରିଜନମାନଙ୍କ ଗ୍ରହଣରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା ।

# ଏଚ.ଏନ୍.ଏସ ମହାବିଦ୍ୟାଳୟ ୨୦୦୫ବ୍ୟାଚ୍‌ର ବନ୍ଧୁମିଳନ

ଭୁବନେଶ୍ୱର,୨୯।୪ (ନିପ୍ର): ଏଚ.ଏନ୍.ଏସ ମହାବିଦ୍ୟାଳୟ, ଚାନ୍ଦୋଳର ୨୦୦୫ ମସିହା (କଳା) ବିଭାଗର ବନ୍ଧୁମିଳନ ଅନୁଆପଡାସ୍ଥିତ ମାତୃବାଟିକାଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ପୂର୍ବତନ ଅଧାପକ ଅବନି ରଞ୍ଜନ ନାୟକ, ରମାକାନ୍ତ ଦାସ ବର୍ତ୍ତମାନର ସଂସ୍କୃତ ବିଭାଗ ଅଧାପିକା ଶ୍ରୀମତି ଦାସ, ଇଂରାଜୀ ବିଭାଗର ପ୍ରଭାକର ଦାସ ଓ



ଶିକ୍ଷା ବିଭାଗର ସୁକନ୍ୟା ମହାନ୍ତିଙ୍କ ସହିତ ଦିନଲିପି ଖବର କାଗଜ ବ୍ୟୁରୋ ଚିଫ୍ ଦୀପକ କୁମାର ପ୍ରମୁଖ ଯୋଗଦେଇଥିଲେ । ସେମାନେ ସମସ୍ତେ ଗୁରୁ ଓ ଛାତ୍ରଛାତ୍ରୀ ସମ୍ପର୍କ ତଥା ବନ୍ଧୁତ୍ୱକୁ ଗୁରୁତ୍ୱ ଦେଇ କେମିତି ପ୍ରତିବର୍ଷ ଏହିପରି ଭାବେ କାର୍ଯ୍ୟକ୍ରମ କରି ପିଲାମାନଙ୍କ ମଧରେ ଏକଜୁଟତାର ସୂତ୍ର ମଜଭୁତ କରିବା ତଥା ସମୟ, ଶକ୍ତି ଓ ସମ୍ପତ୍ତିକୁ କେମିତି ସୁବିନିଯୋଗ କରିହେବ ତାହା ଉପରେ ଆଲୋକପାତ କରିଥିଲେ । ଏକୋଇଶି ବର୍ଷର ବ୍ୟବଧାନ ପରେ ଏହିଭଳି କାର୍ଯ୍ୟକ୍ରମ ପାଇଁ ପୁରାତନ ପିଲାମାନଙ୍କ ମଧରେ ଖୁସିର ଲହରି ଖେଳିଯାଇଥିଲା । ବହୁ ଦୁରଦୂରାନ୍ତରୁ ପୁରୁଣା ଛାତ୍ରଛାତ୍ରମାନେ ଯୋଗଦେଇଥିଲେ । ଏଥିରେ ସମସ୍ତ ପୁରୁଣା ସ୍ମୃତିମାନ ନିଜନିଜ ମଧରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ସଭାପତି ଉତ୍ତମ ଦାସଙ୍କ ନେତୃତ୍ୱରେ ପରିଚାଳନା ସୁଚାରୁରୂପେ ସମ୍ପାଦିତ ହୋଇଥିଲା । ଏଥିରେ ସମ୍ପାଦକ ସ୍ମୃତି ରଞ୍ଜନ ସ୍ୱାଇଁ ଓ ଉପଦେଷ୍ଟା ଡ.ମନୋରଞ୍ଜନ ପଣ୍ଡା ସହଯୋଗ କରିଥିଲେ । ଆଗାମୀ ବର୍ଷରେ ଅନୁପସ୍ଥିତ ରହିଥିବା ବନ୍ଧୁମାନଙ୍କୁ ଯୋଡିବା ଓ ସମୟକୁ ସଠିକ୍ ଭାବେ ପରିଚାଳନା କରାଯିବ ବୋଲି ସଭାପତି ଉତ୍ତମ ଦାସ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ।

# ଫତେଗଡ଼ ପୀଡ଼ିତାଙ୍କ ନାମରେ ଅପପ୍ରଚାର

## ପୂର୍ବତନ ଏସ୍‌ଡିପିଓଙ୍କ ସମେତ ୫ ଜଣଙ୍କ ନାମରେ ମାମଲା

ଭାପୁର,୨୯।୪ (ନିପ୍ର):ଖଣ୍ଡପଡ଼ାର ପୂର୍ବତନ ଏସ୍‌ଡିପିଓ ମଦମ ମୋହନ ପ୍ରଧାନଙ୍କ ନାମରେ ପୁଣି ଏକ ମାମଲା ରୁଜୁ ହୋଇଛି । ଫତେଗଡ଼ ଗ୍ରାମର ପୀଡ଼ିତା ରଶ୍ମିତା କହଁରଙ୍କ ବିରୁଦ୍ଧରେ ଅପପ୍ରଚାର କରାଇବାକୁ ନେଇ ମାମଲା ହୋଇଛି । ଏସ୍‌ଡିପିଓଙ୍କ ପ୍ରରୋଚନାରେ ସୋସିଆଲ ମିଡିଆରେ ପୀଡ଼ିତାଙ୍କୁ ବଦନାମ କରୁଥିବା ଅନ୍ୟ ୪ ଜଣଙ୍କ ନାମରେ ମଧ ମାମଲା ହୋଇଛି । ଏହି ଅଭିଯୁକ୍ତମାନେ ହେଲେ ଓଡ଼ଗାଁ ଥାନା ଦଣ୍ଡୋର ଗ୍ରାମର ସୁବାସ ବିଶୋଇଙ୍କ ପୁଅ ଶାନ୍ତନୁ ବିଶୋଇ, ନୟାଗଡ଼ ଟାଉନଥାନା ରାଜବଗିଚା ଅନ୍ତର୍ଗତ ଦାମ ସାହୁଙ୍କ ପୁଅ ଜିତେନ୍ଦ୍ର ସାହୁ, ଫତେଗଡ଼ ଥାନା ବିଜିପୁର ଗ୍ରାମର ଟୁଲୁ ରାଉତରାୟ ଏବଂ ରଘୁଆ ପ୍ରଧାନ । ଏସ୍‌ଡିପିଓଙ୍କ ପ୍ରରୋଚନାରେ ଏହି ବ୍ୟକ୍ତିମାନେ ପୀଡ଼ିତାଙ୍କ ବିରୋଧରେ ଅପପ୍ରଚାର କରିବା ସହ ତାଙ୍କୁ ବଦାନମ କରୁଥିଲେ । ପୀଡ଼ିତାଙ୍କ ପ୍ରତି ଅସଭ୍ୟ ଶବ୍ଦ ପ୍ରୟୋଗ କରିବା, ସେ ହନିଟ୍ରାପ କରି ଏସ୍‌ଡିପିଓଙ୍କୁ ଫସାଇଥିବା ପ୍ରଚାର କରୁଥିଲେ । ଯାହାକୁ ନେଇ ପୀଡ଼ିତା ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାମଲା ୧୨୮/୨୬ରେ ରୁଜୁ ହୋଇଥିବା ସୂଚନା ମିଳିଛି । ରଶ୍ମିତାଙ୍କ ଅଭିଯୋଗ ଅନୁସାରେ, ପୂର୍ବତନ ଏସ୍‌ଡିପିଓ ମଦନ ମୋହନ ପ୍ରଧାନଙ୍କ ଦ୍ୱାରା ପ୍ରାୟୋଜିତ ସାମାଜିକ ଗଣମାଧମରେ ଅଭିଯୁକ୍ତମାନେ ଚରିତ୍ରହାନି କରିବାରେ ଲାଗିଛନ୍ତି ଯାହା ତାଙ୍କୁ ମାନସିକ ଆଘାତ ଦେଉଛି । ତାଙ୍କର ସମ୍ମାନ ଓ ଇଜ୍ଜତକୁ ସାମାଜିକ ଗଣମାଧମରେ ଦୁଷ୍କର୍ମ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ଯାହାକୁ ନେଇ ସେ ମାନସିକ ସ୍ତରରେ ଦୁର୍ବଳ ହୋଇ ଆତ୍ମହତ୍ୟା କରିବା ଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହୋଇଛି ।

# ସାମ୍ବାଦିକଙ୍କୁ ସୁରକ୍ଷା ଓ ଆର୍ଥିକ ସହାୟତା ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ରାଉରକେଲା,୨୯।୪ (ନିପ୍ର): ରାଜ୍ୟର ସାମ୍ବାଦିକମାନଙ୍କ ସୁରକ୍ଷା ଓ ଆର୍ଥିକ ସହାୟତା ଭଳି ୬ ଦଫା ଦାବିରେ ଉତ୍କଳ ସାମ୍ବାଦିକ ସଂଘ ସହବନ୍ଧିତ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଅପେକ୍ଷାକୃତ ଦୁର୍ବଳ । ଦେଶର ସଂଖ୍ୟାଧିକ ରାଜ୍ୟ ଏବଂ ସେହି ରାଜ୍ୟର ହଜାର ହଜାର ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ପ୍ରଦାନ କରୁଥିବା ବେଳେ ଆମ ରାଜ୍ୟରେ ଏ ସଂଖ୍ୟା ମାତ୍ର ୨୦୦ରେ ସୀମିତ ରହିଛି । ସେଥିମଧ୍ୟରେ ଉତ୍ତର ପ୍ରଦେଶ, ବିହାର, ଆସାମ, ହରିୟାଣା, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ଅରୁଣାଚଳ ପ୍ରଦେଶ ସମେତ ଦେଶର ୨୦ରୁ ଅଧିକ ରାଜ୍ୟରେ ସାମ୍ବାଦିକମାନଙ୍କୁ ୧୦,୦୦୦ ଟଙ୍କାରୁ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ପେନସନ, ରିହାତି ମୂଲ୍ୟରେ ପରିବହନ ସୁବିଧା, ସାମ୍ବାଦିକ ସୁରକ୍ଷା ଆଇନ ମାଧ୍ୟମରେ ବୃତ୍ତିଗତ ଅଭୟତା ଭଳି ନାନାଦି ଆର୍ଥିକ ଓ ସାମାଜିକ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି । ମାତ୍ର ଓଡ଼ିଶା ସରକାରଙ୍କ ପକ୍ଷରୁ କିଛି ସୀମିତ ଯୋଜନା ବ୍ୟତୀତ ଆବଶ୍ୟକ ମୌଳିକ ସୁବିଧାରୁ ସାମ୍ବାଦିକବର୍ଗଙ୍କୁ ବଞ୍ଚିତ କରାଯାଇଛି । ଏଥିରୁ ଏହା ପ୍ରତୀୟମାନ ହେଉଛି ଯେ, ରାଜ୍ୟ ସରକାର ସାମ୍ବାଦିକମାନଙ୍କ ଦାବି ପ୍ରତି ଆବଶ୍ୟକୀୟ ସମ୍ବେଦନଶୀଳତା ପ୍ରଦର୍ଶନ କରୁନାହାନ୍ତି । ଏହି ସନ୍ଦର୍ଭରେ ପୂର୍ବ ସରକାରଙ୍କ ସମୟରେ "ଉତ୍କଳ ସାମ୍ବାଦିକ ସଂଘ" ପକ୍ଷରୁ ନିରନ୍ତର ଧାରଣା, ପ୍ରତିବାଦ ଓ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ୨୦୨୪ ଫେବୃୟାରୀ ମାସରେ ବିଧାନସଭା ସମ୍ମୁଖରେ ତତ୍କାଳୀନ ସରକାର ବିରୋଧରେ



ସାମ୍ବାଦିକମାନଙ୍କୁ ନେଇ ଏକ ବିଶାଳ ବିକ୍ଷୋଭ ଓ ସମାବେଶ ଅନୁଷ୍ଠିତ ହୋଇଥିଲା । ସେହି ସମାବେଶ ସମୟରେ ତତକାଳୀନ ବିରୋଧୀ ଦଳର ମୁଖ୍ୟ ପାଞ୍ଚଜଣ ସହଯୋଗୀ ବିଧାୟକଙ୍କ ସହ ବିକ୍ଷୋଭସ୍ଥଳରେ ପହଞ୍ଚି ସମବେତ ତିନି ହଜାରରୁ ଉର୍ଦ୍ଧ୍ୱ ସାମ୍ବାଦିକଙ୍କୁ ଉଦ୍‌ବୋଧନ ମାଧ୍ୟମରେ ଆଶ୍ୱାସନା ଦେଇଥିଲେ ଯେ, ସରକାରକୁ ଆସିଲେ ସାମ୍ବାଦିକମାନଙ୍କ ନାର୍ଯ୍ୟ ଦାବିକୁ ଛଅମାସ ମଧ୍ୟରେ ପୂରଣ କରଯିବ" । ଉଲ୍ଲେଖଯୋଗ୍ୟ ଯେ, ସରକାରକୁ ଆସିବା ପରେ ଏବଂ ବିଶେଷକରି ମୁଖ୍ୟମନ୍ତ୍ରୀ ଭାବେ ଗାଦିସୀନ ହେବା ପରେ ସାମ୍ବାଦିକଙ୍କ ମୌଳିକ ଦାବି ପୂରଣ ନେଇ ଆମ୍ଭମାନଙ୍କ ମଧ୍ୟରେ ବିପୁଳ ଆଶା ସଞ୍ଚାର ହୋଇଥିଲା । କିନ୍ତୁ ଦୁଃଖର ସହ ବ୍ୟକ୍ତ କରିବାକୁ ପଡୁଛି କି, ଆପଣଙ୍କ ସରକାର ପ୍ରାୟ ଦୁଇବର୍ଷ ପୂର୍ତ୍ତି କରିବାକୁ ଯାଉଥିବା ବେଳେ ସାମ୍ବାଦିକମାନଙ୍କ ଦୀର୍ଘଦିନର ମୁଖ୍ୟ ଦାବିଗୁଡ଼ିକ ଉପରେ ଆବଶ୍ୟକ ପଦକ୍ଷେପ ନିଆଯାଇ ନାହିଁ । ଅଧିକନ୍ତୁ ବିଗତ ବିଧାନସଭାରେ ସରକାରଙ୍କ ନିରାଶା ସୂଚକ ଉତ୍ତର ସାମ୍ବାଦିକମାନଙ୍କ ମଧ୍ୟରେ ଘୋର ନୈରାଶ୍ୟ ସୃଷ୍ଟି କରିଛି । ଏହି ପରିପ୍ରେକ୍ଷୀରେ ରାଜ୍ୟର ସର୍ବ ପୁରାତନ ତଥା ସର୍ବବୃହତ ସାମ୍ବାଦିକ ୟୁନିୟନ "ଉତ୍କଳ ସାମ୍ବାଦିକ ସଂଘ" ପକ୍ଷରୁ ନିମ୍ନଲିଖିତ ନାର୍ଯ୍ୟ ଦାବିଗୁଡ଼ିକ ପ୍ରତି ଆପଣଙ୍କ ସଦୟ ଦୃଷ୍ଟି ଆକର୍ଷଣ କରୁଅଛୁ । ପ୍ରଦାନ କରାଯାଇଥିବା ଦାବି ମଧ୍ୟରେ ରହିଛି, ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହିତ ପ୍ରଚଳିତ ଆଇନରେ ସଂଶୋଧନ ପୂର୍ବକ ଜିଲ୍ଲା ଓ ରାଜ୍ୟସ୍ତରରେ ଯୋଗ୍ୟ ସାମ୍ବାଦିକମାନଙ୍କୁ ବ୍ୟାପକ ଭାବେ ମାନ୍ୟତା ପ୍ରଦାନ କରାଯିବା । କ୍ରମାଗତ ଭାବେ ସାମ୍ବାଦିକମାନଙ୍କ ଉପରେ ବୃଦ୍ଧି ପାଉଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବା । ୬୦ ବର୍ଷ ବୟସରୁ ଅଧିକ ବୟସ୍କ ସାମ୍ବାଦିକମାନଙ୍କ ପାଇଁ ମାସିକ ଅନ୍ୟୂନ ୧୫ ହଜାର ଟଙ୍କାର ପେନସନ୍ ବ୍ୟବସ୍ଥା କରାଯିବା । ଓଡ଼ିଶା ପ୍ରେସ୍ ଏକାଡ଼େମୀ ଗଠନ ପୂର୍ବକ ଭୁବନେଶ୍ୱରରେ ଭବନ ନିର୍ମାଣ କରି ବୃତ୍ତିଗତ କାର୍ଯ୍ୟରେ ରାଜଧାନୀ ଆସୁଥିବା ସାମ୍ବାଦିକଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ରହଣି ସୁବିଧା ଦେବା । ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ପରିସରରେ ଅବସରପ୍ରାପ୍ତ ସାମ୍ବାଦିକ, ହିତାଧୀକାରୀଙ୍କ ମାତା-ପିତା ଏବଂ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନମାନଙ୍କୁ ସାମିଲ୍ କରାଯିବା । ରାଜ୍ୟର ହଜାର ହଜାର ସାମ୍ବାଦିକଙ୍କ ଏହି ମୌଳିକ ଦାବି ପ୍ରତି ବର୍ତ୍ତମାନର ସରକାର ଧ୍ୟାନ ଦେବାକୁ ଦାବି କରାଯାଇଛି । ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ସମୟରେ ସାମ୍ବାଦିକ ଶିବଶରଣ ମିଶ୍ର, ଜଗବନ୍ଧୁ ଗାୟନ, ଉମେଶ ଚନ୍ଦ୍ର ସାହୁ, ଜ୍ୟୋତି କୃଷ୍ଣ ମିଶ୍ର, ବିଭୂତି ଭୂଷଣ କର, ଧୀରେନ୍ଦ୍ର କୁମାର ମାହାନ୍ତ, ଦାଶରଥି ପାତ୍ର, ପଞ୍ଚାନନ କର, ହବିବ୍ ଖାନ୍, ସନ୍ତୋଷ କୁମାର ପ୍ରଧାନ, ଦାମୋଦର ସାହୁ, ସୁଜିତ୍ ମହାପାତ୍ର, ଝସକେତନ ମାହାନ୍ତ, ଦିନେଶ କୁମାର ମିଶ୍ର, ଦିଲ୍ଲୀପ ଶର୍ମା, ଚିନ୍ମୟ ତ୍ରିପାଠୀ, ଗାନ୍ଧୁର ଓରାମ, ସୁବାସ ବର୍ମା, ଶୈଳେନ୍ଦ୍ର କୁମାର ସାହୁ, ବିରେନ କୁମାର ପତି, ମଳୟ ରାୟ, ମଳୟ ରଞ୍ଜନ ସାହୁ ପ୍ରମୁଖ ସାମ୍ବାଦିକମାନେ ଉପସ୍ଥିତ ଥିଲେ ।

# ଆଠଗଡ଼ ବ୍ଲକ ଶିକ୍ଷା ମଣ୍ଡଳୀରେ ଶିକ୍ଷକ ବଦଳି ନିୟମ କାମ କରୁନି

## ଦୀର୍ଘ ଦିନ ଧରି ଶିକ୍ଷକ ଗୋଟିଏ ସ୍କୁଲରେ ରହି ନିଜ ମନମାନି କରୁଥିବା ଅଭିଯୋଗ

ଆଠଗଡ,୨୯।୪ (ନିପ୍ର); କଟକ ଜିଲ୍ଲାର ଏକ ପ୍ରମୁଖ ଶିକ୍ଷା ମଣ୍ଡଳ ଆଠଗଡ଼ । ଏଠାରେ ଜିଲ୍ଲା ଶିକ୍ଷାଧିକାରୀ କିମ୍ବା ବ୍ଲକ ଶିକ୍ଷାଧିକାରୀଙ୍କ ନିୟମ ଅନୁସାରେ ଶିକ୍ଷକ ବଦଳି ନିୟମ କାମ କରୁନି ।ଆଠଗଡ ବ୍ଲକର ୩୪ ଟି ପଂଚାୟତ ସହିତ ଗୋଟିଏ ଏନଏସି ଅବସ୍ଥାପିତ । ଆଠଗଡ ବ୍ଲକ ଶିକ୍ଷା ମଣ୍ଡଳ ଅଧୀନରେ ଥିବା ୮୨ ଟି ପ୍ରାଇମେରୀ ସ୍କୁଲ, ୫୮ ଟି ଅପରପ୍ରାଇମେରୀ ସ୍କୁଲ , ୩୪ ଟି ହାଇସ୍କୁଲ, ଓ ଗୋଟିଏ ଆଦର୍ଶ ବିଦ୍ୟାଳୟକୁ ମିଶାଇ ମୋଟ ୧୭୫ଟି ସ୍କୁଲ ଅଛି । ପ୍ରାଇମେରୀ ସ୍କୁଲ ଓ ଅପରପ୍ରାଇମେରୀ ସ୍କୁଲ ପାଇଁ ୬୪୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଆବଶ୍ୟକ ଥିବାବେଳେ ଅଛନ୍ତି ୫୫୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଆଉ ଅବଶିଷ୍ଟ ୯୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀ କମ ଅଛନ୍ତି । ଏଥିପାଇଁ ଗୋଟିଏ ଗୋଟିଏ ସ୍କୁଲରେ ଜଣେ ଦୁଇଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିବାବେଳେ ପାଠ ପଢ଼ାଇବା ପରିବର୍ତ୍ତେ କ୍ଲାସ ଜଗିବା ମଧାହ୍ନ ଭୋଜନ କରାଇବାରେ ସମୟ ବିତାଉଛନ୍ତି ।ଏପଟେ ୩୪ ଟି ହାଇସ୍କୁଲରେ ଅଛନ୍ତି ୨୨୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଗୋଟିଏ ମାତ୍ର ଆଦର୍ଶ ବିଦ୍ୟାଳୟରେ ୨୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି ବୋଲି ଆଠଗଡ ବ୍ଲକ ଶିକ୍ଷା ଅଧିକାରୀ କବିରାଜ ରାଜ ଜେନାଙ୍କ ସୂତ୍ରରୁ ପ୍ରକାଶ । ଆଠଗଡ଼ ବ୍ଲକ ଶିକ୍ଷା ମଣ୍ଡଳ ଅଧୀନରେ ଥିବା ସ୍କୁଲ ମାନଙ୍କରେ ଶିକ୍ଷକ ବଦଳି ନିୟମ ପ୍ରକ୍ରିୟା ଦୀର୍ଘ ବର୍ଷ ଧରି କାମ କରୁ ନାହିଁ ବୋଲି ବାରମ୍ବାର ଅଭିଯୋଗ ଓ ବିଭିନ୍ନ ଗଣମାଧମରେ ପ୍ରକାଶ ପରେ ଫଳ ଶୂନ । ଫଳରେ ଗୋଟିଏ ଗୋଟିଏ ସ୍କୁଲରେ ଆବଶ୍ୟକତା ଠାରୁ ଅଧିକ ଶିକ୍ଷକ ଥିବା ବେଳେ ଆଉ ଗୋଟିଏ ଗୋଟିଏ ସ୍କୁଲରେ ଛାତ୍ରଛାତ୍ରୀଙ୍କ ତୁଳନାରେ ଶିକ୍ଷକ ଶିକ୍ଷୟିତ୍ରୀ ନଥିବା ଅଭିଭାବକ ମହଲରେ ବାରମ୍ବାର ଅଭିଯୋଗ ହୋଇ ଆସୁଅଛି ।ଜିଲ୍ଲା ଶିକ୍ଷାବିଭାଗ ଓ ବ୍ଲକ ଶିକ୍ଷାକାରୀଙ୍କୁ ହାତ କରି ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ନିଜ ମନମୁତାବକ ସ୍ଥାନରେ ଅତି ଆରାମରେ ସମୟ ବିତାଉଥିବା ଅଭିଯୋଗ ହେଉଛି ।ଆଠଗଡ ବ୍ଲକ ଶିକ୍ଷା ମଣ୍ଡଳ ଅଧୀନରେ ଥିବା ପ୍ରାଥମିକ ବିଦ୍ୟାଳୟ ଠାରୁ ଆରମ୍ଭ କରି ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଏହି ସମସ୍ୟା ଲାଗିରହିଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଭାବକଙ୍କ ତରଫରୁ ଗୋଟିଏ ଗୋଟିଏ ସ୍କୁଲରେ ଦଶରୁ ପନ୍ଦର ବର୍ଷ ଗାଦି ମାଡି ବସିଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି ପାଇଁ ବାରମ୍ବାର ଦାବି କରି ଆସୁଛନ୍ତି, ହେଲେ ମଧ ଜିଲ୍ଲା ଶିକ୍ଷାଅଧିକାରୀଙ୍କ ନୀରବତା ଅଞ୍ଚଳରେ ଥିବା ଶିକ୍ଷାବିତ ଓ ଅଭିଭାବକ ମହଲରେ ସନ୍ଦେହ ସୃଷ୍ଟି କରୁଛି ।ଗତ କିଛି ବର୍ଷ ଧରି କେବଳ ଡେପୁଟେସନ ନୀତିରେ କାମ ଚାଲିଥିବା ଦେଖାଯାଇଛି । ଅନ୍ୟ ପକ୍ଷରେ ନିଜର ମନମୁତାବକ ସ୍ଥାନକୁ କେତେକ ଶିକ୍ଷକ ଓ ଶିକ୍ଷୟିତ୍ରା ନିଜର ବିଭିନ୍ନ ସମସ୍ୟା ଏବଂ ଏକାଧିକ ଆଳ ଦେଖାଇ ଶିକ୍ଷାବିଭାଗରେ ମୋଟା ଅଙ୍କର ହାତଗୁଞ୍ଜା ଦେଇ ଡେପୁଟେସନରେ ପଳାଇ ଯାଉଛନ୍ତି । ଆଠଗଡ ବ୍ଲକର ୩୪ ଗୋଟି ଗୋଟି ଗ୍ରାମପଞ୍ଚାୟତ ଓ ଆଠଗଡ ବିଜ୍ଞାପିତ ଅଂଚଳ ପରିଷଦରେ ଥିବା ବିଭିନ୍ନ ବିଦ୍ୟାଳୟରେ ଏହି ସମସ୍ୟା ଲାଗିରହିଥିବା ବେଳେ ଶିକ୍ଷା ବ୍ୟବସ୍ଥା ଏହା ଦ୍ୱାରା ପ୍ରଭାବିତ ହେଉଛି ବୋଲି ଅଭିଯୋଗ ହେଉଛି । ଜିଲ୍ଲା ଶିକ୍ଷାବିଭାଗ ଶିକ୍ଷକଙ୍କୁ ସୁହାଇବା ଭଳି କାର୍ଯ୍ୟପନ୍ଥା ଆପଣାଉଥିବା ବେଳେ କେତେକ ଶିକ୍ଷକ ଲାଞ୍ଚଖୋର କିରାଣୀ ଓ ଅଧିକାରୀଙ୍କୁ ହାତକରି ନିଜ ମନମୁତାବକ ସ୍ଥାନରେ ବର୍ଷ ବର୍ଷ ଧରି ଅୟାସରେ ଜୀବନ ବିତାଉଛନ୍ତି । ରାଜ୍ୟ ସରକାର, ଶିକ୍ଷା ବିଭାଗ ମନ୍ତ୍ରୀ ଓ କଟକ ଜିଲ୍ଲାପାଳ ଏଦିଗରେ ଦୃଷ୍ଟି ଦେଇ ଗୋଟିଏ ସ୍ଥାନରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଧରି ଗାଦି ମାଡି ବସିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି ପାଇଁ ଅଭିଭାବକ ମହଲରେ ଦାବି ଜୋର ଧରିଛି ।

# ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ପ୍ରସ୍ତୁତି

ପୁରୀ,୨୯।୪ (ନିପ୍ର): ଅସ୍ତରଙ୍ଗ ବ୍ଲକର ଐତିହାସିକ ଲବଣ ସତ୍ୟାଗ୍ରହ ପୀଠ କୁହୁଡି ଠାରେ ପ୍ରତି ବର୍ଷ ମଇ ମାସ ୨୧ ତାରିଖ କୁ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଭାବେ ଅନୁଷ୍ଠିତ ହୋଇଥାଏ ।ଚଳିତ ବର୍ଷ ୯୬ ତମ ରାଜ୍ୟସ୍ତରୀୟ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହକୁ ଶାନ୍ତି ଶୃଙ୍ଖଳାର ସହ ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା । ସ୍ୱାଧୀନତା ସଂଗ୍ରାମରେ ଲବଣ ସତ୍ୟାଗ୍ରହର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ମହାତ୍ମାଗାନ୍ଧୀ ଙ୍କ ଡାକରାରେ ଲକ୍ଷ ଲକ୍ଷ ସଂଗ୍ରାମୀ ଏଥିରେ ସ୍ୱତଃ ପୂତଃ ଭାବେ ଯୋଗ ଦେଇଥିଲେ ।ସେମାନଙ୍କ ତ୍ୟାଗ ଓ ବଳିଦାନ ର ଫଳ ଆମର ଦେଶର ସ୍ୱାଧୀନତା, ଯାହା ଆମେ ଉପଭୋଗ କରୁଛନ୍ତି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା କହିବା ସହ ଏହି ଦିବସ କୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱକୁ ସୁଚାରୁ ରୁପେ ନିର୍ବାହ ପାଇଁ ସେ ପରାମର୍ଶ ଦେଇଥିଲେ ।

ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ମିଳିତ ସହଯୋଗରେ ଏହା ପ୍ରତ୍ୟେକ ବର୍ଷ କୁହୁଡି ଠାରେ ପାଳିତ ହୋଇଥାଏ ।ଚଳିତ ବର୍ଷ ଏହାକୁ ଅନୁରୂପ ଭାବେ ସମସ୍ତ ଙ୍କ ସହଯୋଗରେ ପାଳନ କରାଯିବାର ବ୍ୟବସ୍ଥା ହେଉଛି ବୋଲି ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମୀୟ କୁମାର ପଟ୍ଟନାୟକ କହିଥିଲେ । ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ । ନିଷ୍ପତ୍ତି ଅନୁସାରେ ମଇ ୨୧ ତାରିଖ ପୂର୍ବାହ୍ନ ୭ ଘଟିକା ସମୟରେ ବ୍ଲକ ନିକଟରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି, ବ୍ଲକ ପରିସରରେ ଥିବା ସ୍ମୃତିସ୍ତମ୍ଭଠାରେ ମାଲ୍ୟାର୍ପଣ ପରେ ଏକ ଶୋଭାଯାତ୍ରା କୁହୁଡି ଠାରେ ପହଞ୍ଚିବ ।

# ତୁରକେଲ ସେତୁ ନିର୍ମାଣ ଦାବିରେ କଂଗ୍ରେସର ଗଣଧାରଣା

ଭବାନୀପାଟଣା,୨୯।୪ (ନିପ୍ର):ଭବାନୀପାଟଣା ଠାରୁ ଖଡ଼ିଆଳ ରାସ୍ତାର ତୁରକେଲ ତେଲ ନଦୀ ଉପରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ସେତୁ ନିର୍ମାଣ ଦାବିରେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇଛି । ସଦର ବିଧାୟକ ସାଗର ଚରଣ ଦାସଙ୍କ ଆହ୍ୱାନ କ୍ରମେ ଗତକାଲି ଠାରୁ କଂଗ୍ରେସ ସଭାପତି ଜଳନ୍ଧର ନାୟକଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ । ଆଜି ଏହି ଧାରଣା ର ଦ୍ୱିତୀୟ ଦିବସରେ ପୂର୍ବତନ ବିଧାୟକ ତଥା ଜିଲା ସଭାପତି ଭାରତ ଭୂଷଣ ବେମାଲ, ପୂର୍ବତନ ଜିଲା ସଭାପତି ଜୟଦେବ ନାୟକ ବରିଷ୍ଠ କଂଗ୍ରେସ ନେତା ଉଚ୍ଛବ ସାହୁ, ଧନୁର୍ଦ୍ଧର ଗହୀର, ବ୍ରଜ ସାହୁ, ଶୃଙ୍ଖଳା କମିଟି ରାଜ୍ୟ ସଦସ୍ୟ ଇନ୍ଦ୍ରଜିତ୍ ମହାକୁଡ, ସୁଦର୍ଶନ ବିଶ୍ୱାଳ, ସାଧାରଣ ସମ୍ପାଦକ ନୀମାଞ୍ଚଳ ନାୟକ , ଗଣପତି ନାୟକ, ପୂର୍ବତନ ଟାଉନ ସଭାପତି ସିଦ୍ଧାର୍ଥ ନାୟକ,ଯୁବ ନେତା ମହମ୍ମଦ୍ ସାହେବ୍,ଜୁନାଗଡ ବ୍ଲକ ସଭାପତି ଚିତରଞ୍ଜନ ନିଆଲ, ସଦର ବ୍ଲକ ସଭାପତି ସୁବାସ ପ୍ରଧାନ, ଭାଗବତ୍ ଲାଲ, ବାବା ଖାନ ଲିଙ୍ଗରାଜ ନାୟକ, ଟାଉନ ସଭାପତି




ସୁକାନ୍ତ ବିଶି, ମହିଳା ନେତ୍ରୀ ଦ୍ରୌପଦୀ ମାଝୀ, ମନ୍ଦାକିନି ବାଣୁଆ, ଶୁକାନ୍ତି ସରାଫ, ଗଣ ମାଧ୍ୟମ ସଂଯୋଜକ ସନ୍ତୋଷ ପ୍ରଧାନ ପ୍ରମୁଖ ସମେତ ଶତାଧିକ କଂଗ୍ରେସ କର୍ମୀ ଧାରଣାରେ ଉପସ୍ଥିତ ଥିଲେ । ଏହା ପୂର୍ବରୁ ଗତ ଡିସେମ୍ବର ମାସରେ ଏହି ସେତୁ ନିର୍ମାଣ ତୁରନ୍ତ ଆରମ୍ଭ କରିବା ଦାବି ନେଇ କଂଗ୍ରେସ ପକ୍ଷରୁ ତୁରକେଲ ଗାଁ ଠାରେ ଧାରଣା ଦିଆଯାଇଥିଲା ସେ ସମୟରେ ସାତ ଦିନ ମଧ୍ୟରେ ନିର୍ମାଣ କାମ ଆରମ୍ଭ ହେବ ବୋଲି ଜିଲା ପ୍ରଶାସନ ଓ ପୂର୍ତ୍ତ ବିଭାଗ ପ୍ରତିଶ୍ରୁତି ଦେଇଥିଲେ । ଇତି ମଧ୍ୟରେ ଚାରି ମାସ ଶେଷ ହେବାକୁ ଯାଉଥିଲେ ବି ସେତୁ ନିର୍ମାଣର ନାମ ଗନ୍ଧ ନାହିଁ । ଯାହା ଫଳରେ ଏହି ଅଞ୍ଚଳ ଲୋକେ ହଇରାଣ ହରକତ ହେଉଛନ୍ତି । ତେଣୁ ସଦର ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲା କଂଗ୍ରେସର ନେତା ମାନେ ଗଣ ଧାରଣା ରେ ବସିଛନ୍ତି । ଏହି ସେତୁ ନିର୍ମାଣ କରିବା ପାଇଁ ବିଧାୟକ ଶ୍ରୀ ଦାସ ମୁଖ୍ୟମନ୍ତ୍ରୀ ଙ୍କ ଠାରେ ବି ଅନେକଥର ଦାବି କରିଛନ୍ତି ।

## ଓଡ଼ିଶା କ୍ଷେତ ଓ ଗ୍ରାମୀଣ ମଜଦୁର ୟୁନିୟନ ସମ୍ମିଳନୀ

# ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ ଦାବି

ଭଦ୍ରକ,୨୯।୪ (ନିପ୍ର): ଭିବିଜିରାମଜିକୁ ବାତିଲ କରି ପୂର୍ବପରି ଏମଜିଏନ୍‌ଆରଇଜିଏ କୁ କାର୍ଯ୍ୟକାରୀ କରିବା, କେରଳ ସରକାରଙ୍କ ପରି ଆମ ରାଜ୍ୟର ଘରଡିହ ଶୂନ୍ୟ କ୍ଷେତ ଓ ଗ୍ରାମୀଣ ଶ୍ରମିକମାନଙ୍କୁ ସାଢେ ସାତ ଲକ୍ଷ ଟଙ୍କା ମୂଲ୍ୟରେ ଗୋଟିଏ ଗୋଟିଏ ପକ୍କା ଘର ଯୋଗାଇ ଦେବା, ଭାଗଚାଷୀମାନଙ୍କ ପାଇଁ ସଂସଦରେ ଓ ଓଡିଶା ବିଧାନସଭା ଭିତରେ ଆଇନ ପ୍ରଣୟନ କରିବା, ସମସ୍ତ କ୍ଷେତ ଓ ଗ୍ରାମୀଣ ଶ୍ରମିକମାନଙ୍କୁ ଦୈନିକ ମଜୁରୀ ୭୦୦ ଟଙ୍କା ପ୍ରଦାନ କରିବା, ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ଦର ନିୟନ୍ତ୍ରଣ କରିବା, କେନ୍ଦ୍ର ଓ ରାଜ୍ୟ ସରକାର ଜାତୀୟ ସଂପତ୍ତି ବିକ୍ରି ବଂଦ କରିବା, ଏସ୍ ଆଇ ଆର ନାମରେ ଭୋଟର ତାଲିକାରୁ କ୍ଷେତ ଓ ଗ୍ରାମୀଣ ଶ୍ରମିକମାନଙ୍କ ନାମ କାଟିବା ବନ୍ଦ କରିବା ଆଦି ଦାବି ନେଇ ଓଡିଶା କ୍ଷେତ ଓ ଗ୍ରାମୀଣ ମଜଦୂର



ୟୁନିୟନର ୭ ମ ଭଦ୍ରକ ଜିଲ୍ଲା ସମ୍ମିଳନୀ ସଂଗଠନର ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢୀଙ୍କ ସଭାପତିତ୍ୱରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି ।

ଏହି ସମ୍ମିଳନୀର ଅଧିବେଶନ ପୂର୍ବରୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢୀ ସଂଗଠନର ଲାଲ୍ ପତାକା ଉତ୍ତୋଳନ କରିଥିଲେ । ସଂଗଠନର ରାଜ୍ୟ ସଂପାଦକ ନିର୍ମଳ ନାୟକ ଉଦ୍ଘାଟକ ଭାବେ ଯୋଗଦେଇ ତାଙ୍କ ଉଦ୍‌ଘାଟନୀ ବକ୍ତବ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଜଦୁର ମାରଣ ନୀତି ବିରୁଦ୍ଧରେ ଆଲୋଚନା କରିଥିଲେ । ସଂଗଠନର ଜିଲ୍ଲା ସଂପାଦକ ଗିରିଧାରୀ ନାଥ ଗତ ୩ ବର୍ଷର ସାଂଗଠନିକ ରିପୋର୍ଟ ଉପସ୍ଥାପନ କରିଥିଲେ । ସମ୍ମିଳନୀରେ ଜିଲ୍ଲାର ୧୪ ଜଣ ପ୍ରତିନିଧି ରିପୋର୍ଟ ଉପରେ ଆଲୋଚନା କରିଥିଲେ । ଏହି ସମ୍ମିଳନୀରେ ଏକ ନୂତନ ୧୬ ଜଣିଆ କମିଟି ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲା । ସଭାପତି ଭାବେ ପ୍ରଫୁଲ୍ଲ ପାଢୀ ଓ ସଂପାଦକ ଭାବେ ଗିରିଧାରୀ ନାଥ ପୁନଃ ନିର୍ବାଚିତ ହୋଇଥିଲେ । ଆଗାମୀ ମେ ମାସ ୨୨ ଓ ୨୩ ତାରିଖରେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ସଂଗଠନର ରାଜ୍ୟ ସମ୍ମିଳନୀର ସାଧାରଣ ସଭାରେ ଶହ ଶହ ସଂଖ୍ୟାରେ କ୍ଷେତମଜଦୂର ଓ ଗ୍ରାମୀଣ ଶ୍ରମିକ ମାନେ ଯୋଗ ଦେବାକୁ ନିଷ୍ପତ୍ତି ହୋଇଥିଲା । ଏହି ସମ୍ମିଳନୀରେ ଯୋଗଦେଇଥିବା ପ୍ରତିନିଧି ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ସମ୍ମିଳନୀର ସଫଳତା କାମନା କରି ପୂର୍ବତନ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ଓଡିଶା କୃଷକ ସଭା ଭଦ୍ରକ ଜିଲ୍ଲା ସଭାପତି ଚନ୍ଦ୍ରଶେଖର ନାୟକ,ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ ଜିଲ୍ଲା ଆବାହକ ବିକାଶ ନାଥ, ଭଦ୍ରକ ଓକିଲ ସଂଘ କାର୍ଯ୍ୟକାରିଣୀ ସଭ୍ୟ ବିଚିତ୍ରାନନ୍ଦ ଯେନା ପ୍ରମୁଖ ଯୋଗଦେଇ ସେମାନଙ୍କ ବକ୍ତବ୍ୟ ରଖିବା ସହ ଏସଆଇଆର ନାମରେ ଭୋଟର ତାଲିକାରୁ ଲକ୍ଷ ଲକ୍ଷ କ୍ଷେତମଜଦୂର, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ମାନଙ୍କୁ ବାଦ ଦେଇ ଆମ ଦେଶରେ ଗଣତନ୍ତ୍ରକୁ ହତ୍ୟା କରୁଥିବା ଭାରତର ମୁଖ୍ୟ ନିର୍ବାଚନ କମିଶନର ବିରୁଦ୍ଧରେ ଲଢେଇ କରିବା ସହ ମୋଦି ସରକାରଙ୍କ ଏକଛତ୍ରବାଦୀ ଜନବିରୋଧି କର୍ପୋରେଟ ସପକ୍ଷବାଦୀ ଆର୍ଥିକ ନୀତି ଓ କର୍ପୋରେଟ- ସାଂପ୍ରଦାୟିକ କୁଚକ୍ର ବିରୁଦ୍ଧରେ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ । ଏହି ସମ୍ମିଳନୀରେ ଜିଲ୍ଲାର ଶତାଧିକ କ୍ଷେତ ମଜଦୁର ଓ ଗ୍ରାମୀଣ ଶ୍ରମିକ ଯୋଗ ଦେଇଥିଲେ ।

## ଗଙ୍ଗା ଏକ୍ସପ୍ରେସୱେର ଲୋକାର୍ପଣ କଲେ ମୋଦି

# ଏହା ବିକାଶର ନୂଆ ଜୀବନ ରେଖା




ନୂଆଦିଲ୍ଲୀ, ୨୯।୪: ଉତ୍ତର ପ୍ରଦେଶର ଭିତ୍ତିଭୂମି ଏବଂ ଆର୍ଥିକ ପ୍ରଗତି କ୍ଷେତ୍ରରେ ଆଜି ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ରାଜ୍ୟର ସବୁଠାରୁ ଲମ୍ବା 'ଗଙ୍ଗା ଏକ୍ସପ୍ରେସୱେ'ର ଲୋକାର୍ପଣ କରିଛନ୍ତି । ହରଦୋଇ ଜିଲ୍ଲାର ମଲ୍ଲୱାଁଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ପୂର୍ବାହ୍ନ ୧୧ଟାରେ ପ୍ରଧାନମନ୍ତ୍ରୀ ଏହି ୩୬,୨୩୦ କୋଟି ଟଙ୍କାର ମହତ୍ୱାକାଂକ୍ଷୀ ପ୍ରକଳ୍ପକୁ ଦେଶବାସୀଙ୍କୁ ଉତ୍ସର୍ଗ କରିଛନ୍ତି । ୧୨ଟି ଜିଲ୍ଲା ଓ ୫୧୯ଟି ଗାଁକୁ ଯୋଡ଼ିବ ଏହି ମହାପଥ। ୫୯୪ କିଲୋମିଟର ଲମ୍ବା ଏହି ଏକ୍ସପ୍ରେସୱେ ପଶ୍ଚିମ ୟୁପିର ମେରଠକୁ ପୂର୍ବ ୟୁପିର ପ୍ରୟାଗରାଜ ସହିତ ସିଧାସଳଖ ଯୋଡ଼ିବ । ଏହା ଦ୍ୱାରା ପ୍ରଦେଶର ୧୨ଟି ଜିଲ୍ଲା ଏବଂ ପ୍ରାୟ ୫୧୯ଟି ଗ୍ରାମ ଉପକୃତ ହେବେ । କେବଳ ଯାତାୟାତ ନୁହେଁ, ଏହି ମାର୍ଗରେ ୧୨ଟି ଶିଳ୍ପ କରିଡର (ଇଣ୍ଟିଗ୍ରେଟେଡ୍ ମାନୁଫାକ୍ଚରିଂ ଏବଂ ଲଜିଷ୍ଟିକ୍ କ୍ଲଷ୍ଟର) ବିକଶିତ କରାଯାଉଛି, ଯାହା ଉତ୍ତର ପ୍ରଦେଶର ଅର୍ଥନୀତି ପାଇଁ ଏକ ବଡ଼ ପରିବର୍ତ୍ତନ ଆଣିବ । ଗଙ୍ଗା ଏକ୍ସପ୍ରେସୱେର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଶାହାଜାହାନପୁରର ଜଲାଲାବାଦ ନିକଟରେ ନିର୍ମିତ ୩.୫ କିଲୋମିଟର ଲମ୍ବା ଏୟାରଷ୍ଟ୍ରିପ୍ । ଦେଶର ଏହା ହେଉଛି ପ୍ରଥମ ଏକ୍ସପ୍ରେସୱେ ଯେଉଁଠାରେ ଜରୁରୀକାଳୀନ ପରିସ୍ଥିତି କିମ୍ବା ରାତି ସମୟରେ ମଧ୍ୟ ବାୟୁସେନାର ଲଢୁଆ ବିମାନ ଅବତରଣ କରିପାରିବ । ସୁରକ୍ଷା ଦୃଷ୍ଟିକୋଣରୁ ଏହା ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପ୍ରକଳ୍ପ ମାଧ୍ୟମରେ ହରଦୋଇ, ମିରଟ, ହାପୁଡ଼ ଏବଂ ରାୟବରେଲି ଭଳି ଜିଲ୍ଲାରେ ଶିଳ୍ପ କ୍ଲଷ୍ଟର ଗଢ଼ାଯାଉଛି । ଏହାଦ୍ୱାରା ସ୍ଥାନୀୟ କୃଷି ଓ ବ୍ୟାପାରକୁ ପ୍ରୋତ୍ସାହନ ମିଳିବା ସହ ଲକ୍ଷ ଲକ୍ଷ ଯୁବକଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ରାଜନୈତିକ ଦୃଷ୍ଟିକୋଣରୁ ମଧ୍ୟ ଏହା ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି ସରକାରଙ୍କ 'ବିକାଶବାଦ' ଏଜେଣ୍ଡାକୁ ଆହୁରି ମଜବୁତ କରିବ । ଏହି ଲୋକାର୍ପଣ ସହିତ ଭାରତର ସମୁଦାୟ ଏକ୍ସପ୍ରେସୱେ ନେଟୱାର୍କରେ ଉତ୍ତର ପ୍ରଦେଶର ଅଂଶଧନ ୬୦ ପ୍ରତିଶତକୁ ବୃଦ୍ଧି ପାଇଛି । ରାଜ୍ୟରେ ୧୯୧୦ କିଲୋମିଟର ଏକ୍ସପ୍ରେସୱେ ନେଟୱାର୍କ ପ୍ରସ୍ତୁତ ହୋଇସାରିଛି । ୨୦୨୯ ସୁଦ୍ଧା ୩୨୦୦ କିଲୋମିଟର ପର୍ଯ୍ୟନ୍ତ ସଂଯୋଗୀକରଣ କରିବାକୁ ୟୁପିର ଲକ୍ଷ୍ୟ ରଖିଛି । ଏହି ଏକ୍ସପ୍ରେସୱେ ମିରଟ, ହାପୁଡ଼, ବୁଲନ୍ଦସହର, ଅମରୋହା, ସମ୍ଭଲ, ବଦାୟୁଁ, ଶାହାଜାହାନପୁର, ହରଦୋଇ, ଉନ୍ନାଓ, ରାୟବରେଲି, ପ୍ରତାପଗଡ଼ ଏବଂ ପ୍ରୟାଗରାଜକୁ ପରସ୍ପର ସହ ଯୋଡ଼ିବ ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରାଣସୀର କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରି ଆଶୀର୍ବାଦ ନେଉଛନ୍ତି।

## ଆଇଆଇଟି ଖଡ଼ଗପୁରରେ ପୁଣି ଛାତ୍ରଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୨୯।୪: ଆଇଆଇଟି ଖଡ଼ଗପୁର କ୍ୟାମ୍ପସର ପଣ୍ଡିତ ମଦନମୋହନ ମାଳବ୍ୟ ହଷ୍ଟେଲରୁ ଉଦ୍ଧାର ହୋଇଛି ଛାତ୍ରଙ୍କ ମୃତଦେହ । ମୃତ ଛାତ୍ର ଜଣକ ଏମ୍. ଟେକ୍ କରୁଥିବା ଜଣାପଡ଼ିଛି । ତେବେ ଦୁର୍ଭାଗ୍ୟର କଥା ହେଉଛି କି, ୧୦ ଦିନ ମଧ୍ୟରେ ଦ୍ୱିତୀୟ ଛାତ୍ରଙ୍କ ଆତ୍ମହତ୍ୟା ଖବର ଆସିଛି । ସେପଟେ ମୃତ ଛାତ୍ର ଜଣକ ହେଲେ ୨୨ ବର୍ଷୀୟ ସୋହମ ହାଲଦର । ୧୦ ଦିନ ମଧ୍ୟରେ ଦ୍ୱିତୀୟ ଘଟଣା ହୋଇଥିବାବେଳେ ଏବେ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ଜଣେ ଅଧିକାରୀ କହିଛନ୍ତି ଯେ, ମୃତ ଛାତ୍ରଙ୍କ ମୃତଦେହ ହଷ୍ଟେଲରୁ ଉଦ୍ଧାର କରାଯାଇଛି । ଖବର ପାଇବା ପରେ ପୁଲିସକୁ ସୂଚନା ଦିଆଯାଇଥିଲା । ପୁଲିସର କହିବା ଅନୁଯାୟୀ, ପ୍ରାରମ୍ଭିକ ତଦନ୍ତରୁ ଜଣାପଡୁଛି ଯେ ମାମଲାଟି ଆତ୍ମହତ୍ୟା ବୋଲି ଜଣାପଡୁଛି । ଖଡ଼ଗପୁର ଟାଉନ୍ ପୋଲିସ ଷ୍ଟେସନ ଛାତ୍ରଙ୍କ ମୃତଦେହକୁ ହେପାଜତକୁ ନେଇ ତଦନ୍ତ ଆରମ୍ଭ କରିଛି । ପୋଲିସ ପୋଷ୍ଟମର୍ଟମ୍ ରିପୋର୍ଟକୁ ଅପେକ୍ଷା କରିଛି । ପୋଷ୍ଟମର୍ଟମ୍ ପରେ ହିଁ ମୃତ୍ୟୁର ସଠିକ୍ କାରଣ ନିର୍ଣ୍ଣୟ କରାଯିବ। ଏକ ବିବୃତ୍ତିରେ, ପ୍ରତିଷ୍ଠାନ ଛାତ୍ରଙ୍କ ମୃତ୍ୟୁ ପାଇଁ ଗଭୀର ଶୋକ ପ୍ରକାଶ କରିଛି ଏବଂ କହିଛି ଯେ ତଦନ୍ତ ଆରମ୍ଭ କରାଯାଇଛି । ମୃତ ଛାତ୍ରଙ୍କ ପରିବାରକୁ ଏସମ୍ପର୍କରେ ଅବଗତ କରାଯାଇଛି । ପରିବାରରେ ଖେଳିଯାଇଛି ଶୋକର ଛାୟା ।

## ୨୭ ଦିନ ଡିଜିଟାଲ ଆରେଷ୍ଟରେ ରହିବା ପରେ ୮୪.୫ ଲକ୍ଷ ଟଙ୍କା ହରାଇଲେ ଲକ୍ଷ୍ନୌର ବୃଦ୍ଧ

ଲକ୍ଷ୍ନୌ, ୨୯।୪: ଲକ୍ଷ୍ନୌର ଜଣେ ୮୫ ବର୍ଷୀୟ ବୃଦ୍ଧ ସାଇବର ଠକେଇର ଶିକାର ହୋଇ ପ୍ରାୟ ୮୫ ଲକ୍ଷ ଟଙ୍କା ହରାଇଛନ୍ତି। ପୁଲିସ ଓ ଏଟିଏସ୍ ଅଧିକାରୀ ଭାବରେ ସ୍କାମରମାନେ ତାଙ୍କୁ ଦୀର୍ଘ ଦିନ ଧରି 'ଡିଜିଟାଲ୍ ଆରେଷ୍ଟ'ରେ ଫସାଇ ୮୪.୫ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି ।ପୀଡିତ ଜାନକୀପୁରମର ସେକ୍ଟର-ଜି ବାସିନ୍ଦା ବଦରୁଦ୍ଦିନ ଅନସାରୀ ରିପୋର୍ଟ କରିଛନ୍ତି ଯେ ମାର୍ଚ୍ଚ ୭ରେ ଲକ୍ଷ୍ନୌ ପୁଲିସ ମୁଖ୍ୟାଳୟର ଜଣେ ବରିଷ୍ଠ ଇନ୍ସପେକ୍ଟର ବୋଲି ଦାବି କରୁଥିବା ଜଣେ ବ୍ୟକ୍ତିଙ୍କ ଫୋନ୍ କଲ୍ ସହିତ ଏହା ଆରମ୍ଭ ହୋଇଥିଲା। ପୁଣେରେ ମନିଲଣ୍ଡରିଂ ମାମଲାରେ ତାଙ୍କ ନାମ ସାମ୍ନାକୁ ଆସିଛି ବୋଲି କଲ୍ କରିଥିବା ବ୍ୟକ୍ତି ତାଙ୍କୁ ଚେତାବନୀ ଦେଇଥିଲେ ଏବଂ ବେଆଇନ କାରବାର ପାଇଁ ତାଙ୍କ ନାମରେ ଏକ ନକଲି ଏଚଡିଏଫସି ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଥିବା ଅଭିଯୋଗ କରିଥିଲେ। ଏହା ପରେ ପ୍ରାୟ ଏକ ମାସ ଧରି ନିରନ୍ତର ମାନସିକ ଚାପ ରହିଥିଲା। ଠକମାନେ ହ୍ୱାଟ୍ସଆପ୍ ଓ ସିଗନାଲ୍ ମାଧ୍ୟମରେ ନକଲି ଡକ୍ୟୁମେଣ୍ଟ୍ ପଠାଇଥିଲେ, ଯେଉଁଥିରେ ଏନ୍ଆଇଏ, ସୁପ୍ରିମକୋର୍ଟ ଓ ଆର୍ବିଆଇ ପରି ଏଜେନ୍ସିର ନାମ ଥିଲା। ଏକାଧିକ କଲ୍ କରିଥିବା ବ୍ୟକ୍ତି, ନିଜକୁ ଏଟିଏସ୍ ଅଧିକାରୀ ବୋଲି ପରିଚୟ ଦେଇ କ୍ରମାଗତ ଯୋଗାଯୋଗରେ ରହିଥିଲେ ଏବଂ ଗିରଫଦାରୀ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଦେଇଥିଲେ। ଭୟଭୀତ ହୋଇ ବୃଦ୍ଧ ଜଣକ ଏହାକୁ ମାନିଥିଲେ। ମାର୍ଚ୍ଚ ୧୧ରୁ ଏପ୍ରିଲ ୪ ମଧ୍ୟରେ ସେ ଠକେଇକାରୀଙ୍କ ଦ୍ୱାରା ନିୟନ୍ତ୍ରିତ ବିଭିନ୍ନ ଆକାଉଣ୍ଟକୁ ୮୪.୫ ଲକ୍ଷ ଟଙ୍କା ଟ୍ରାନ୍ସଫର କରିଥିଲେ। ଅନସାରୀ ୨୭ ଦିନ ପରେ ସାଇବର ପୁଲିସ ନିକଟକୁ ଯାଇଥିଲେ। ଏକ ମାମଲା ରୁଜୁ ହୋଇଛି ଏବଂ ଅନୁସନ୍ଧାନକାରୀମାନେ ଏପର୍ଯ୍ୟନ୍ତ ୨୭ ଲକ୍ଷ ଟଙ୍କା ଫ୍ରିଜ୍ କରିବାରେ ସଫଳ ହୋଇଛନ୍ତି। ଅବଶିଷ୍ଟ ରାଶିକୁ ଖୋଜିବା ଓ ପୁନରୁଦ୍ଧାର ପାଇଁ ଉଦ୍ୟମ ଚାଲିଛି।

## ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ, ଦିଲ୍ଲୀରେ ମେ' ୧୧ରୁ ସ୍କୁଲ ଛୁଟି

ନୂଆଦିଲ୍ଲୀ, ୨୯/୪: ସମଗ୍ର ଦେଶରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଦିଲ୍ଲୀର ସ୍କୁଲଗୁଡ଼ିକରେ ଆସନ୍ତା ମେ' ୧୧ ତାରିଖରୁ ଜୁନ୍ ୩୦ ପର୍ଯ୍ୟନ୍ତ ଗ୍ରୀଷ୍ମକାଳୀନ ଛୁଟି ଘୋଷଣା କରାଯାଇଛି । ଜୁଲାଇ ୧ ତାରିଖରୁ ପୁଣିଥରେ ପାଠପଢ଼ା ଆରମ୍ଭ ହେବ। ଅସହ୍ୟ ଗରମ ସତ୍ତ୍ୱେ ଦିଲ୍ଲୀ ସରକାର ବର୍ତ୍ତମାନ ସୁଦ୍ଧା ଆଗୁଆ ଛୁଟି ପାଇଁ କୌଣସି ନିଷ୍ପତ୍ତି ନେଇନାହାନ୍ତି, ଯଦିଓ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା, ପଶ୍ଚିମବଙ୍ଗ ଓ ଛତିଶଗଡ଼ ଭଳି ରାଜ୍ୟଗୁଡ଼ିକରେ ଏପ୍ରିଲ ମାସରୁ ହିଁ ସ୍କୁଲ ଛୁଟି କରିଦିଆଯାଇଛି। ଦିଲ୍ଲୀ ସମେତ ନୋଏଡା ଏବଂ ଗାଜିଆବାଦରେ ମଧ୍ୟ ପ୍ରାୟ ସମାନ ସମୟରେ ଛୁଟି ଆରମ୍ଭ ହେଉଥିବା ବେଳେ ଗରମରୁ ରକ୍ଷା ପାଇବା ପାଇଁ ଅନେକ ସ୍ଥାନରେ ସ୍କୁଲ ସମୟକୁ ସକାଳ ୭ଟାରୁ ୧୨ଟା ମଧ୍ୟରେ ସୀମିତ ରଖାଯାଇଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆସନ୍ତା ସପ୍ତାହରେ ସାମାନ୍ୟ ବର୍ଷା ଓ ପବନ ଯୋଗୁଁ ତାପମାତ୍ରା କିଛି ମାତ୍ରାରେ ହ୍ରାସ ପାଇପାରେ, ଯାହା ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେବ। ତେବେ ଗ୍ରୀଷ୍ମ ପ୍ରବାହ ଯଦି ଅଧିକ ଭୟଙ୍କର ରୂପ ନିଏ, ତେବେ ଶିକ୍ଷା ବିଭାଗ ପକ୍ଷରୁ ଛୁଟି ସୂଚୀରେ ପରିବର୍ତ୍ତନ କରାଯାଇପାରେ ବୋଲି ସଙ୍କେତ ମିଳିଛି।

## ଟ୍ରମ୍ପଙ୍କୁ କିଙ୍ଗ ଚାର୍ଲସଙ୍କ କଟାକ୍ଷ

# ଆମେ ନ ଥିଲେ ଆମେରିକୀୟ ଫ୍ରେଞ୍ଚ ଭାଷା କହୁଥାନ୍ତେ



ନୂଆଦିଲ୍ଲୀ, ୨୯।୪: ବ୍ରିଟେନର କିଙ୍ଗ ଚାର୍ଲ୍ସ ତୃତୀୟ ମଙ୍ଗଳବାର ହ୍ୱାଇଟ୍ ହାଉସ୍‌ରେ ଏକ ରାତ୍ରୀଭୋଜନରେ ଯୋଗ ଦେଇଥିଲେ। ଏହି ସମୟରେ ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ହାଲକା-ଫୁଲକା ଇତିହାସ ପାଠ ପଢାଇଥିଲେ। ସେ ଟ୍ରମ୍ପଙ୍କୁ ମଜାଳିଆ ଢଙ୍ଗରେ କହିଥିଲେ, ଯଦି ଉତ୍ତର ଆମେରିକାରେ ବ୍ରିଟେନର ପ୍ରଭାବ ନଥାନ୍ତା, ତେବେ ଆଜି ଆମେରିକୀୟମାନେ ଫ୍ରେଞ୍ଚ ଭାଷା କହୁଥାନ୍ତେ। ଏହି ଆଲୋଚନା ସେତେବେଳେ ହୋଇଛି ଯେତେବେଳେ ଇରାନ ଯୁଦ୍ଧକୁ ନେଇ ଚାଲିଥିବା ଆଭ୍ୟନ୍ତରୀଣ ଉତ୍ତେଜନା ସତ୍ତ୍ୱେ, ଉଭୟ ନେତା ପରସ୍ପରକୁ ଖୁବ୍ ଉତ୍ସାହର ସହ ଭେଟିଛନ୍ତି। ବ୍ରିଟେନ୍ କିଙ୍ଗ ଏହି ସମୟର ବ୍ୟବହାର ଟ୍ରମ୍ପଙ୍କୁ ସେହି ପୁରୁଣା କଥା ମନେପକାଇବା ପାଇଁ କହିଛନ୍ତି, ଯାହାକୁ ସେ ୟୁରୋପୀୟ ସହଯୋଗୀ ଏବଂ ପ୍ରତିରକ୍ଷା ଖର୍ଚ୍ଚକୁ ନେଇ କହିଥିଲେ। କିଙ୍ଗ ଚାର୍ଲ୍ସ କହିଥିଲେ, 'ମିଷ୍ଟର ପ୍ରେସିଡେଣ୍ଟ , ଆପଣ ବର୍ତ୍ତମାନ କହିଥିଲେ ଯେ ଯଦି ଆମେରିକା ନଥାନ୍ତା, ତେବେ ୟୁରୋପୀୟ ଦେଶମାନେ ଜର୍ମାନ ଭାଷାରେ କଥା ହେଉଥାନ୍ତେ। ଏହା ଶୁଣି ସେଠାରେ ଥିବା ଲୋକେ ହସିବାରେ ଲାଗିଥିଲେ। ଚାର୍ଲ୍ସ ଉତ୍ତର ଆମେରିକାରେ ବ୍ରିଟେନ ଏବଂ ଫ୍ରାନ୍ସ ମଧ୍ୟରେ ଦୀର୍ଘକାଳୀନ ଉପନିବେଶବାଦୀ ପ୍ରତିଦ୍ୱନ୍ଦ୍ୱିତାକୁ ଉଲ୍ଲେଖ କରୁଥିଲେ, ଯାହା ଆମେରିକୀୟ ସ୍ୱାଧୀନତାର ବହୁ ପୂର୍ବରୁ ଆରମ୍ଭ ହୋଇଥିଲା, ଯେତେବେଳେ ଏହି ଦୁଇ ଶକ୍ତି ମହାଦେଶରେ ଆଞ୍ଚଳିକ ଆଧିପତ୍ୟ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ତାଙ୍କର ଏହି ମନ୍ତବ୍ୟ ଜାନୁଆରୀରେ ବିଶ୍ୱ ଅର୍ଥନୈତିକ ଫୋରମର ବାର୍ଷିକ ବୈଠକରେ ଟ୍ରମ୍ପଙ୍କ ମନ୍ତବ୍ୟକୁ ନେଇଥିଲା। ଯେଉଁଥିରେ ଟ୍ରମ୍ପ କହିଥିଲେ ଯଦି ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆମେରିକାର ସମ୍ପୃକ୍ତି ନଥାନ୍ତା, ତେବେ ୟୁରୋପୀୟମାନେ ଜର୍ମାନ ଏବଂ କିଛି ଜାପାନୀ ଭାଷା କହୁଥାନ୍ତେ।

## ଇରାନକୁ ଟ୍ରମ୍ପଙ୍କ ଚେତାବନୀ

ୱାଶିଂଟନ୍, ୨୯।୪ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଇରାନକୁ ନୂଆ ଚେତାବନୀ ଦେଇଛନ୍ତି। ଟ୍ରୁଥ ସୋସିଆଲରେ ଏକ ପୋଷ୍ଟ କରି ଟ୍ରମ୍ପ କହିଛନ୍ତି ଯେ, ଇସଲାମିକ ଗଣରାଜ୍ୟକୁ ଆଉ 'ମିଷ୍ଟର ନାଇସ୍ ଗାଏ' ପରି ବ୍ୟବହାର କରାଯିବ ନାହିଁ। ଇରାନ ତା'ର କାର୍ଯ୍ୟ ଠିକ୍ ସେ କରିପାରୁନାହିଁ। ସେମାନେ ଜାଣନ୍ତି ନାହିଁ କିପରି ଏକ ଅଣ-ପରମାଣୁ ଚୁକ୍ତି ସ୍ୱାକ୍ଷର କରିବେ। ସେମାନେ ଶୀଘ୍ର ସ୍ମାର୍ଟ ହୋଇଯାଆନ୍ତୁ ବୋଲି ଟ୍ରମ୍ପ ଲେଖିଛନ୍ତି। ଟ୍ରମ୍ପ ଏହି ବାର୍ତ୍ତା ଦେବା ସହିତ ଆସଲ୍ଟ ରାଇଫଲ ଧରିଥିବାରୁ ନିଜର ଏକ ଫଟୋ ସେୟାର କରିଛନ୍ତି। ଇରାନ ପତନ ଦ୍ୱାରଦେଶରେ ବୋଲି ଟ୍ରମ୍ପ ଦାବି କରିବାର କିଛି ଘଣ୍ଟା ପରେ ଏହି ପୋଷ୍ଟ କରିଛନ୍ତି। ଟ୍ରମ୍ପ କହିଛନ୍ତି, ସେମାନେ ଚାହାନ୍ତି ଯେ ଆମେ ଯଥାଶୀଘ୍ର ହର୍ମୁଜ ପ୍ରଣାଳୀ ଖୋଲିବୁ। ଅନ୍ୟପକ୍ଷରେ ଇରାନ ଜାତିସଂଘରେ ଆମେରିକା ବିରୋଧରେ ଅଭିଯୋଗ ଦାଖଲ କରିଛି। ତେହେରାନ ଟାଇମ୍ସ ଅନୁଯାୟୀ, ଇରାନ ଚିଠିରେ ଆମେରିକା ବିରୋଧରେ ଅନେକ ଗମ୍ଭୀର ଅଭିଯୋଗ ଆଣିଛି। ଇରାନ ଦାବି କରିଛି ଯେ ଆମେରିକା ଏହାର ଜାହାଜ ଜବତ କରି ସାମୁଦ୍ରିକ ଡକାୟତି କରିଛି। ଜାତିସଂଘରେ ଇରାନର ରାଷ୍ଟ୍ରଦୂତ ଆମିର ସଇଦ ଇରାଭାନି କହିଛନ୍ତି ଯେ ଆମେରିକା ମ୍ୟାଜେଷ୍ଟିକ୍ ଓ ଟିଫାନି ନାମକ ଜାହାଜ ଜବତ କରିଛି ଏବଂ ପ୍ରାୟ ୩.୮ ନିୟୁତ ବ୍ୟାରେଲ ଇରାନୀ ତେଲ ମଧ୍ୟ ଜବତ କରିଛି। ଅନ୍ୟପକ୍ଷରେ ଇରାନ ଜାତିସଂଘରେ ଆମେରିକା ବିରୋଧରେ ଅଭିଯୋଗ ଦାଖଲ କରିଛି। ତେହେରାନ ଟାଇମ୍ସ ଅନୁଯାୟୀ, ଇରାନ ଚିଠିରେ ଆମେରିକା ବିରୋଧରେ ଅନେକ ଗମ୍ଭୀର ଅଭିଯୋଗ ଆଣିଛି। ଇରାନ ଦାବି କରିଛି ଯେ ଆମେରିକା ଏହାର ଜାହାଜ ଜବତ କରି ସାମୁଦ୍ରିକ ଡକାୟତି କରିଛି। ଜାତିସଂଘରେ ଇରାନର ରାଷ୍ଟ୍ରଦୂତ ଆମିର ସଇଦ ଇରାଭାନି କହିଛନ୍ତି ଯେ ଆମେରିକା ମ୍ୟାଜେଷ୍ଟିକ୍ ଓ ଟିଫାନି ନାମକ ଜାହାଜ ଜବତ କରିଛି ଏବଂ ପ୍ରାୟ ୩.୮ ନିୟୁତ ବ୍ୟାରେଲ ଇରାନୀ ତେଲ ମଧ୍ୟ ଜବତ କରିଛି।

## ବାଂଲାଦେଶରେ ମିଳିମିଳା ଆତଙ୍କ

ଢ଼ାକା, ୨୯।୪:ମିଳିମିଳାର ଘାତକ ଲହରୀର ସାମ୍ନା କରୁଛି ବାଂଲାଦେଶ। ଟିକାକରଣରେ ଚାମ୍ପିୟନ ବାଂଲାଦେଶ ଏବେ ମିଳିମିଳା ମହାମାରୀ ଗତି କରୁଛି। ମିଳିମିଳା ପାଇଁ ଦେଶରେ ରେକର୍ଡ ସଂଖ୍ୟକ ଲୋକଙ୍କ ଜୀବନ ଗଲାଣି। ମିଳିମିଳା ଯୋଗୁ ମାର୍ଚ୍ଚ ୧୫ରୁ ଇତି ମଧ୍ୟରେ ୨୫୦ ଜଣଙ୍କ ମୃତ୍ୟୁ ହୋଇ ସାରିଲାଣି ।ଏମାନଙ୍କ ମଧ୍ୟରେ ଅଧିକାଂଶ ଛୋଟ ପିଲା ରହିଛନ୍ତି। ସମସ୍ତେ ମିଳିମିଳା ଜନିତ ଲକ୍ଷଣ ଯୋଗୁ ଆଖି ବୁଜିଛନ୍ତି। ଦେଢ଼ ମାସରେ ୨୫୦ରୁ ଅଧିକ ଲୋକ ପ୍ରାଣ ହରାଇବା ବାଂଲାଦେଶ ଇତିହାସର ଦୁଇ ଦଶନ୍ଧି ମଧ୍ୟରେ ପ୍ରଥମ। ଏହାକୁ ଦୃଷ୍ଟିରେ ରଖି ବାଂଲାଦେଶର ପୂର୍ବତନ ଅନ୍ତରୀଣ ସରକାରର ମୁଖିଆ ମହମ୍ମଦ ୟୁନୁସଙ୍କ ବିରୋଧରେ ଜନଅସନ୍ତୋଷ ପ୍ରକାଶ ପାଇଛି।

## ପଶ୍ଚିମବଙ୍ଗ ଭୋଟ: ଇଭିଏମ୍ ତ୍ରୁଟି, ବିଭିନ୍ନ ସ୍ଥାନରେ ହିଂସା

କୋଲକାତା, ୨୯।୪: ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟରେ ଆଜି ୧୪୨ ଆସନରେ ଭୋଟ୍ ଗ୍ରହଣ ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ସମୟରେ ଆଜି ବିଭିନ୍ନ ସ୍ଥାନରେ ହିଂସା ଉପୁଜିଛି। ଛାପ୍ରା, ଶାନ୍ତିପୁର ଏବଂ ଭାଙ୍ଗର ସମେତ ବିଭିନ୍ନ ସ୍ଥାନରୁ ହିଂସା ଏବଂ ସମ୍ପତ୍ତି ଭଙ୍ଗାରୁଜା ହୋଇଥିବା ରିପୋର୍ଟ ହୋଇଛି। ବିଭିନ୍ନ ବୁଥ୍ରେ ମଧ୍ୟ ଇଭିଏମ୍ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ଆଜି ଅଭିଷେକ ବାନାର୍ଜୀ ପ୍ରତିନିଧିତ୍ୱ କରୁଥିବା ଡାଇମଣ୍ଡ ହାର୍ବର ଲୋକସଭା ନିର୍ବାଚନମଣ୍ଡଳୀରେ ଏକ ବିଧାନସଭା ଆସନ ଫାଲ୍ଟାରେ ଆଜି ଇଭିଏମରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ଫାଲଟାରେ ଅଭିଶେକ ବାନାର୍ଜୀଙ୍କ ସହଯୋଗୀ ଜାହାଙ୍ଗୀର ଖାନ୍ ନିର୍ବାଚନ ଲଢୁଛନ୍ତି। ଏଠାରେ ବିଭିନ୍ନ ବୁଥ୍ରେ ଇଭିଏମ୍ ଜାଲିଆତି ହୋଇଥିବା ଦାବି ହୋଇଛି। ବିଜେପି ପ୍ରାର୍ଥୀ ଦେବାଂଶୁ ପଣ୍ଡା ଅଭିଯୋଗ କରିଛନ୍ତି ଯେ ଟିଏମ୍ସି ଜାଣିଶୁଣି ବିଭିନ୍ନ ବୁଥ୍ରେ ତାଙ୍କ ସମର୍ଥନରେ ଭୋଟରଙ୍କୁ ଭୋଟ୍ ଦେବାପାଇଁ ବାଧା ଦେଇଛି। ନିର୍ବାଚନ କମିସନ୍ ଏହି ଅଭିଯୋଗକୁ ଅତି ସାଂଘାତିକ କହିଛନ୍ତି ଏବଂ ଉକ୍ତ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଇଭିଏମ୍ ଜାଲିଆତି ହୋଇଥାଏ ତେବେ ଏଠାରେ ପୁନଃ ନିର୍ବାଚନ ହେବ ବୋଲି ନିର୍ବାଚନ କମିସନ୍ କହିଛନ୍ତି। ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଳବ୍ୟ କହିଛନ୍ତି, କିଛି ବୁଥ୍ରେ ଶାସକ ଟିଏମ୍ସିର କର୍ମୀମାନେ ଇଭିଏମ୍ରେ ବିଜେପି ବଟନ୍ରେ ଟେପ୍ ଲଗାଇ ଦେଇଛନ୍ତି।

## ଗାଜିଆବାଦରେ ଭୟଙ୍କର ଅଗ୍ନିକାଣ୍ଡ

ନୂଆଦିଲ୍ଲୀ, ୨୯।୪: ଉତ୍ତରପ୍ରଦେଶ ଗାଜିଆବାଦର ଏକ ଆପାର୍ଟମେଣ୍ଟରେ ଭୟାବହ ଅଗ୍ନିକାଣ୍ଡ । ୮ଟି ଫ୍ଲାଟକୁ ବ୍ୟାପିଲା ନିଆଁ । ୧୩ ମହଲା ବିଶିଷ୍ଟ ଏକ ଆବାସିକ ଟାୱାରରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଇନ୍ଦିରାପୁରମ ସ୍ଥିତ 'ଗ୍ରୀନ ଏଭେନ୍ୟୁ ସୋସାଇଟି'ର ଏକ ଫ୍ଲାଟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଦେଖୁ ଦେଖୁ ଏହି ନିଆଁ ଏତେ ଭୟଙ୍କର ରୂପ ନେଇଥିଲା ଯେ, ଏହା ପାଖାପାଖି ୮ଟି ଫ୍ଲାଟକୁ ନିଆଁ ଚାହୁ ଚାହୁଁ ବ୍ୟାପିଥିଲା । ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ, ଏହାର କଳା ଧୂଆଁ ଦିଲ୍ଲୀ-ମିରଟ ଏକ୍ସପ୍ରେସୱେ ପର୍ଯ୍ୟନ୍ତ ସ୍ପଷ୍ଟ ଦେଖାଯାଉଥିଲା। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଜୋରଦାର ଚେଷ୍ଟା ଚଳାଇଛନ୍ତି। ସୋସାଇଟି ପରିସରରେ ଆମ୍ବୁଲାନ୍ସ ମଧ୍ୟ ମୁତୟନ କରାଯାଇଛି। ଅଗ୍ନିକାଣ୍ଡ ଘଟିବା ମାତ୍ରେ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ସୋସାଇଟିର ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଛି। ଉପର ମହଲାରେ ଫସି ରହିଥିବା ଲୋକମାନେ ଭୟରେ ଚିତ୍କାର କରିବାକୁ ଲାଗିଥିଲେ। ସୋସାଇଟି ପରିଚାଳନା କମିଟି ଏବଂ ଅଗ୍ନିଶମ ବାହିନୀ ମିଳିତ ଭାବେ ସେମାନଙ୍କୁ ଉଦ୍ଧାର କରିଛନ୍ତି ।

## ହମାସ ସାମରିକ ଗୁପ୍ତଚର ମୁଖ୍ୟ ଇୟାଦ ଅଲ-ଶାମ୍ବାରୀକୁ ନିପାତ କଲା ଇସ୍ରାଏଲ



ନୂଆଦିଲ୍ଲୀ, ୨୯।୪: ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ପକ୍ଷରୁ ଗାଜାରେ ଏକ ବଡ଼ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବୁଧବାର କରାଯାଇଥିବା ଏକ ଡ୍ରୋନ୍ ଆକ୍ରମଣରେ ହମାସର ସାମରିକ ଗୁପ୍ତଚର ୟୁନିଟର ଅପରେସନ୍ ବିଭାଗ ମୁଖ୍ୟ ଇୟାଦ ଅହମଦ ଅବ୍ଦ ଅଲ-ରହମାନ ଶାମ୍ବାରୀ ପ୍ରାଣ ହରାଇଛନ୍ତି। ଅକ୍ଟୋବର ୭ ତାରିଖରେ ଇସ୍ରାଏଲ ଉପରେ ହୋଇଥିବା ବର୍ବର ଆକ୍ରମଣର ସେ ଜଣେ ପ୍ରମୁଖ ଯୋଜନାକାରୀ ଥିଲେ ବୋଲି ଆଇଡିଏଫ୍ ଦାବି କରିଛି। ଗାଜାର ନାଗରିକ ପ୍ରତିରକ୍ଷା ସଂସ୍ଥା ଅନୁଯାୟୀ, ଗାଜା ସହରର ପଶ୍ଚିମ ଅଲ-ରିମାଲ ଅଞ୍ଚଳରେ ଏକ କାର୍ ଉପରେ ଦୁଇଟି କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଏହି ଘଟଣାରେ ଶାମ୍ବାରୀଙ୍କ ସମେତ ତାଙ୍କ ପୁଅ ସଲାହ ଓ ଅନ୍ୟ ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ଶାମ୍ବାରୀ ହମାସର ଏକ ମନୋନୀତ ଉଚ୍ଚପଦସ୍ଥ ଅଧିକାରୀ ଗୋଷ୍ଠୀର ସଦସ୍ୟ ଥିଲେ, ଯେଉଁମାନେ ଇସ୍ରାଏଲ ବିରୋଧରେ ରଣନୈତିକ ଆକ୍ରମଣ ଓ ଗୁପ୍ତ ସୂଚନା ସଂଗ୍ରହ ଦାୟିତ୍ୱରେ ରହୁଥିଲେ। ସାମରିକ ବିଶେଷଜ୍ଞଙ୍କ ମତରେ, ତାଙ୍କର ମୃତ୍ୟୁ ହମାସର ସୂଚନା ବ୍ୟବସ୍ଥା ଏବଂ ଯୁଦ୍ଧକ୍ଷେତ୍ରରେ ସମନ୍ୱୟ ରଖିବାର କ୍ଷମତାକୁ ଏକ ଶକ୍ତ ଧକ୍କା ଦେଇଛି।

## ହର୍ମୁଜ୍ ପ୍ରଣାଳୀକୁ ରାଜନୈତିକ ବିତର୍କର ମାଧ୍ୟମ ଭାବରେ ବ୍ୟବହାର କରାନଯାଉ: କତାର

ଦୋହା, ୨୯/୪: ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଉତ୍ତେଜନା ଏବେ ସାମୁଦ୍ରିକ ମାର୍ଗରେ ତୈଳ ପରିବହନ ନିୟନ୍ତ୍ରଣ ପାଇଁ ଏକ ଭୟଙ୍କର ସଂଘର୍ଷରେ ପରିଣତ ହୋଇଛି। ପାରସ୍ୟ ଉପସାଗରରେ ପ୍ରତ୍ୟେକ ଜାହାଜ ଏବେ ଦୁଇ ଦେଶ ମଧ୍ୟରେ ଏକ ନୂତନ ଏବଂ ବିପଦପୂର୍ଣ୍ଣ ମୁକାବିଲାର ସଙ୍କେତ ଦେଉଛି। କୂଟନୈତିକ ଆଲୋଚନା ସମ୍ପୂର୍ଣ୍ଣ ଭାବରେ ସ୍ଥଗିତ ରହିଛି। ଆରୋପପ୍ରତ୍ୟାରୋପର ଝଡ଼ ସମଗ୍ର ମଧ୍ୟପ୍ରାଚ୍ୟକୁ ଅସ୍ଥିର କରୁଛି। ବଢୁଥିବା ସଙ୍କଟ ମଧ୍ୟରେ, କାତର ଏକ କଠୋର ଚେତାବନୀ ଦେଇଛି ଯେ, ହର୍ମୁଜ୍ ପ୍ରଣାଳୀକୁ ରାଜନୈତିକ ବିତର୍କର ଏକ ମାଧ୍ୟମ ଭାବେ ବ୍ୟବହାର କରାନଯାଉ। ଏହା ବ୍ୟବସାୟର କୌଣସି ସାମଗ୍ରୀ ନୁହେଁ। କତାରର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଜିଦ ଅଲ୍-ଅନସାରି ପାରସ୍ୟ ଉପସାଗରରେ ଶାନ୍ତି ଏବଂ ସ୍ଥିରତାକୁ ସର୍ବୋପରି ଗୁରୁତ୍ୱପୂର୍ଣ୍ଣ ବୋଲି ଆହ୍ୱାନ କରିଛନ୍ତି। ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଆମେରିକା ଏବଂ ଇରାନ ମଧ୍ୟରେ ବନ୍ଦ ହୋଇଥିବା ଶାନ୍ତି ଆଲୋଚନାରେ ହର୍ମୁଜ୍ ପ୍ରଣାଳୀକୁ ଅଯଥାରେ ଟଣାଯିବା ଉଚିତ୍ ନୁହେଁ।

## କୋର୍ଟରେ ଏଲନ ମସ୍କଙ୍କ ଚେତାବନୀ

# 'ଏଆଇ' ମଣିଷ ଜାତିର ବିନାଶ କରିଦେବ




ନୂଆଦିଲ୍ଲୀ, ୨୯।୪: ବିଶ୍ୱର ସବୁଠୁ ପ୍ରଭାବଶାଳୀ ବ୍ୟକ୍ତି ତଥା ଟେସଲା ମୁଖ୍ୟ ଏଲନ ମସ୍କ କୃତ୍ରିମ ବୁଦ୍ଧିମତା(ଏଆଇ)ର ଭବିଷ୍ୟତକୁ ନେଇ ଏକ ଅତ୍ୟନ୍ତ ଚାଞ୍ଚଲ୍ୟକର ସଙ୍କେତ ଦେଇଛନ୍ତି। ବୁଧବାର କାଲିଫର୍ଣ୍ଣିଆର ଏକ କୋର୍ଟରେ ଓପନ ଏଆଇ ବିରୋଧରେ ଚାଲିଥିବା ଆଇନଗତ ଲଢ଼େଇ ସମୟରେ ସାକ୍ଷ୍ୟ ଦେଇ ମସ୍କ ସତର୍କ କରାଇଛନ୍ତି ଯେ, ଏଆଇ ମଣିଷ ଜାତି ପାଇଁ ସବୁଠୁ ବଡ଼ ବରଦାନ ସାବ୍ୟସ୍ତ ହୋଇପାରେ କିମ୍ବା ଏହା ସମଗ୍ର ମାନବ ସମାଜକୁ ଶେଷ କରିଦେଇପାରେ। ସେ ହଲିଉଡ୍ ଚଳଚିତ୍ର 'ଟର୍ମିନେଟର'ର ଉଦାହରଣ ଦେଇ କହିଛନ୍ତି, ଆମେ ଏପରି ଏକ ଅନ୍ଧକାରମୟ ଭବିଷ୍ୟତ ଆଡ଼କୁ ଗତି କରିବା ଅନୁଚିତ ଯେଉଁଠାରେ ମେସିନ୍ ମଣିଷକୁ ନିୟନ୍ତ୍ରଣ କରିବ, ବରଂ ଆମକୁ 'ଷ୍ଟାର୍ ଟ୍ରେକ୍' ଭଳି ଏକ ଆଶାବାଦୀ ଓ ସକାରାତ୍ମକ ଦୁନିଆକୁ ଗଢ଼ିବାକୁ ହେବ। ମସ୍କ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଓପନ୍ ଏଆଇ ପ୍ରତିଷ୍ଠା କରିବା ସମୟରେ ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ମଣିଷ ଜାତିର କଲ୍ୟାଣ ପାଇଁ ମାଗଣାରେ ଏବଂ ଖୋଲାଖୋଲି ଭାବେ ଏଆଇର ବିକାଶ କରିବା, କିନ୍ତୁ ବର୍ତ୍ତମାନ କମ୍ପାନି ସେହି ଆଦର୍ଶରୁ ଓହରି ଯାଇ କେବଳ ବ୍ୟବସାୟିକ ଲାଭ ଏବଂ କ୍ଷମତା ପଛରେ ଗୋଡ଼ାଉଛି। ମସ୍କ ଏହା ମଧ୍ୟ ସ୍ପଷ୍ଟ କରିଛିନ୍ତି ଯେ, ଅତି ଶୀଘ୍ର ଏଆଇ ମଣିଷର ବୁଦ୍ଧିକୁ ଅତିକ୍ରମ କରିଯିବ ଏବଂ ସମୟ ପୂର୍ବରୁ ଆମକୁ ସୁରକ୍ଷା ବ୍ୟବସ୍ଥା ମଜବୁତ କରିବାକୁ ହେବ। ଅନ୍ୟପକ୍ଷରେ, 'ଓପନ୍ ଏଆଇ' ପକ୍ଷରୁ ମସ୍କଙ୍କ ଏହି ସମସ୍ତ ଦାବିକୁ ପ୍ରତ୍ୟାଖାନ କରାଯାଇଛି। କମ୍ପାନିର ଏକିଲମାନେ ଯୁକ୍ତି ବିଢ଼ିଛନ୍ତି ଯେ, ଚାଟ୍-ଜିପିଟିର ବିଶ୍ୱବ୍ୟାପୀ ସଫଳତା ଦେଖି ଏଲନ୍ ମସ୍କ ହତାଶ ହୋଇପଡ଼ିଛନ୍ତି ଏବଂ ନିଜର ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା ଯୋଗୁଁ ସେ କୋର୍ଟରେ ଏଭଳି ଚାଞ୍ଚଲ୍ୟକର ଓ ଆତଙ୍କ ସୃଷ୍ଟିକାରୀ ବୟାନ ଦେଉଛନ୍ତି। ମସ୍କ ନିଜର ବ୍ରେନ୍-ଚିପ୍ କମ୍ପାନି ''ନ୍ୟୁରାଲିଙ୍କ୍'' ମାଧ୍ୟମରେ ମଣିଷ ଓ ମେସିନ୍ ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରୁଥିବା କହିଥିବା ବେଳେ, ସିଲିକନ୍ ଭ୍ୟାଲିର ଦୁଇ ବଡ଼ ନାମ ଏଲନ ମସ୍କ ଓ ସାମ୍ ଅଲ୍ଟମ୍ୟାନଙ୍କ ମଧ୍ୟରେ ଚାଲିଥିବା ଏହି ଆଇନଗତ ଯୁଦ୍ଧ ଏବେ ସମଗ୍ର ବିଶ୍ୱର ବୈଷୟିକ ଇତିହାସରେ ଏକ ନୂଆ ମୋଡ଼ ଆଣିଛି।

# ଇଡି ସାଇକେଲ ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଘରେ ପଶି ଇଡି ସାଇକେଲ ଚୋରି କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଦୀପକ କୁମାର ନାୟକ। ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚ୍ନାଯୋଗ୍ୟ ଯେ, ଅଭିଯୋଗକାରିଣୀ ନେହା ଅଗ୍ରୱାଲ ନୀଳାଦ୍ରୀ ବିହାର ସ୍ଥିତ ସେକ୍ଟର-୫, ପ୍ଲଟ ନମ୍ବର-୩୯୦ ରେ ପରିବାର ସହ ରୁହନ୍ତି । ଗତ ୧୨.୦୪.୨୦୨୬ ଦିନ କୌଣସି ଅଜଣା ଦୁର୍ବୃତ୍ତ ଘର ପରିସର ମଧ୍ୟରେ ପ୍ରବେଶ କରି ତାଙ୍କର ବିଦ୍ୟୁତ ଚ୍ଳିତ ସାଇକେଲ ଚୋରୀକରି ନେଇଯାଇଥିଲେ । ବହୁ ଖୋଜଖୋଜି କରିବା ପରେ ମଧ୍ୟ ନମିଳିବାରୁ ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ କ୍ରମେ ପୁଲିସ ମାମଲାର ତଦନ୍ତ ସମୟରେ, ଘଟଣା ସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ । ଯାଞ୍ଚରେ ଅଭିଯୁକ୍ତ ଦୀପକ କୁମାର ନାୟକ ଘଟଣା ଦିନ ଏକ ବ୍ୟାଗ ହାତରେ ଧରି ଅଭିଯୋଗକାରିଣୀଙ୍କ ଘର ପରିସର ମଧ୍ୟରେ ପ୍ରବେଶ କରିବା ସହ ସାଇକେଲ ଚୋରୀ କରିଥିବା ଜଣାପଡିଥିଲା । ମାମଲାର ତଦନ୍ତ ଚ୍ଳାଥିବା ବେଳେ, ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବିଡିଏ କଲୋନୀ ସ୍ଥିତ ଘରେ ଚ୍ଢଉ କରି ଅଭିଯୁକ୍ତ ଦୀପକଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଛାନଭିନ ସମୟରେ ତାଙ୍କ ହେପାଜତରୁ ମୋଟ ୫ ଟି ଦାମୀ ସାଇକେଲ ଜବତ କରାଯାଇଥିଲା । ପଚ୍ରାଉଚ୍ରା ବେଳେ, ଅଭିଯୁକ୍ତ ଦୀପକ, ଉପରୋକ୍ତ ମାମଲାରେ ନିଜର ଦୋଷ ସ୍ୱୀକାର କରିଥିବା ବେଳେ, ଚ୍ନ୍ଦ୍ରଶେଖରପୁର ଥାନା ଅଞ୍ଚଳ ପରିସର ମଧ୍ୟରେ ଥିବା ବିଭିନ୍ନ ସ୍ଥାନରୁ ଅନ୍ୟ ୪ ଟି ସାଇକେଲ ଚୋରୀକରିଥିବା ପ୍ରକାଶ କରିଥିଲେ ।

# ହତ୍ୟା ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଶ

ଭୁବନେଶ୍ୱର(ନିପ୍ର): ଆଜି ମାନ୍ୟବର ତୃତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ, ଗତ ୨୦୧୬ ମସିହା ଅଗଷ୍ଟ ମାସରେ କ୍ୟାପିଟାଲ ଥାନା ଅନ୍ତର୍ଗତ ଅଶୋକ ନଗରରେ ଘଟିଯାଇଥିବା ଏକ ଲୋମହର୍ଷଣକାରୀ ହତ୍ୟା ମାମଲାରେ ଆସାମୀ ସରୋଜ ଭବସାଗରକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଘଟଣାକ୍ରମେ: ଅଭିଯୁକ୍ତ ସରୋଜ ଭବସାଗର ବୃତ୍ତିରେ ଜଣେ ପ୍ରାଥମିକ ଶିକ୍ଷକ ହୋଇଥିବା ବେଳେ, ମୃତକ ଗୌରୀଶଙ୍କର ତନ୍ତୀ ହେଉଛନ୍ତି ତାଙ୍କର ଜଣେ ସମ୍ପର୍କୀୟ ଭାଇ । ପୂର୍ବରୁ ଏକ ଝିଅ ଦେଖାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେଇଥିଲା ଏବଂ କ୍ରମଶଃ ଏହା ଉଗ୍ର ରୂପ ଧାରଣ କରିଥିଲା । ନିଜର ମୋବାଇଲ ଫୋନ ଓ ଫେସବୁକ ଆକାଉଣ୍ଟ ହ୍ୟାକ୍ ହେବା ନେଇ ଅଭିଯୁକ୍ତ ସରୋଜ, ମୃତକଙ୍କ ଉପରେ ସନ୍ଦେହ କରୁଥିଲେ । ଏଣୁ ତାଙ୍କୁ ହତ୍ୟା କରିବା ଲାଗି ପ୍ରାକ ଯୋଜନା ପ୍ରସ୍ତୁତ କରି ସରୋଜ ମୃତକଙ୍କୁ ବୌଦ୍ଧରୁ ସାଙ୍ଗରେ ନେଇ ଭୁବନେଶ୍ୱର ଆସିଥିଲେ ଏବଂ ଉଭୟ କ୍ୟାପିଟାଲ ଥାନା ଅନ୍ତର୍ଗତ ଅଶୋକ ନଗରରେ ଥିବା "ତାରା ରେସିଡେନ୍ସି" ର ରୁମ୍ ନମ୍ବର-୧ ରେ ରହିଥିଲେ । ଘଟଣା ଦିନ ଅର୍ଥାତ ଗତ ତା.୦୯.୦୮.୨୦୧୬ ମଧ୍ୟାହ୍ନରେ ଉଭୟ ଖାଇବା ମଗେଇକି ରୁମ୍ ଭିତରେହିଁ ସାଙ୍ଗ ହୋଇ ଖାଇଥିଲେ । ଖାଇବା ସମୟରେ ହିଁ ପୂର୍ବ ବିବାଦକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡା ହୋଇଥିଲା, ଏବଂ ଅଭିଯୁକ୍ତ ସରୋଜ ଏକ ଛୁରୀ ସାହାଯ୍ୟରେ ମୃତକ ଗୌରୀଶଙ୍କରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଯାହାଫଳରେ ମୃତକଙ୍କ ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା ଏବଂ ଘଟଣା ସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା । ହତ୍ୟା ଘଟାଇବା ପରେ ସନ୍ଧ୍ୟା ପ୍ରାୟ ୬.୩୦ ସମୟରେ ଅଭିଯୁକ୍ତ ସରୋଜ ହୋଟେଲ ରିଶେପସନକୁ ଯାଇ ସେଠାରେ କିଛି ସମୟ ପାଇଁ ବସିଥିଲେ ଏବଂ ନିଜକୁ ଅସୁରକ୍ଷିତ ତଥା ଜୀବନକୁ ବିପଦ ଥିବା ଦର୍ଶାଇ ପୁଲିସ ସାହାଯ୍ୟ ଆବଶ୍ୟକ କରୁଛନ୍ତି ବୋଲି ରିଶେପସନରେ ଥିବା ହୋଟେଲ କର୍ମଚ୍ାରୀଙ୍କୁ ଜଣାଇ ଥିଲେ । ପରେ ରିଶେପସନ କର୍ମଚ୍ାରୀ ୧୦୦ କୁ ଫୋନ କରି ପୁଲିସକୁ ଏନେଇ ସୂଚ୍ନା ଦେଇଥିଲେ । ସୂଚ୍ନା ପାଇ ପୁଲିସ ସେଠାରେ ପହଞ୍ଚିବା ପରେ ସମସ୍ତେ ଅଭିଯୁକ୍ତଙ୍କ ସହ ରୁମ ନିକଟକୁ ଯାଇଥିଲେ । ଅଭିଯୁକ୍ତ ପାଖରେ ରଖିଥିବା ଚ୍ାବି ସାହାଯ୍ୟରେ କବାଟ ଖୋଲିବା ପରେ ରୁମ୍ ଭିତରେ ଗୌରୀଶଙ୍କରଙ୍କ ମୃତଦେହ ରକ୍ତଜୁଡୁବୁଡୁ ଅବସ୍ଥାରେ ପଡିଥିବାର ପୁଲିସ ଓ ହୋଟେଲ କର୍ମଚ୍ାରୀ ମାନେ ଦେଖିବାକୁ ପାଇଥିଲେ । ଉପରୋକ୍ତ ଘଟଣାକୁ କେନ୍ଦ୍ର କରି କ୍ୟାପିଟାଲ ଥାନା କେସ ନଂ.-୩୦୩/୨୦୧୬, ଆଇପିସି ର ଧାରା-୩୦୨ ରେ ମାମଲା ରୁଜୁ ହୋଇଥିଲା ଏବଂ ଥାନାର ତତ୍କାଳୀନ ଥାନାଧିକାରୀ ଶ୍ରୀ ମାନସ ରଞ୍ଜନ ଗଡନାୟକ (ବର୍ତ୍ତମାନ ଅତିରିକ୍ତ ଡିସିପି ଭାବେ କାର୍ଯ୍ୟରତ) ଏହି ହତ୍ୟା ମାମଲାର ତଦନ୍ତ ଦାୟିତ୍ୱ ନିଜେ ବହନ କରିଥିଲେ । ମାମଲାର ତଦନ୍ତ କାଳରେ ଅଭିଯୁକ୍ତ ସରୋଜ ଭବସାଗରଙ୍କୁ ଗିରଫ କରାଯାଇଥିବା ବେଳେ, ତା.୦୫.୧୨.୨୦୧୬ ରେ ତାଙ୍କ ବିରୋଧରେ କୋର୍ଟରେ ଚ୍ାର୍ଜଶିଟ୍ ଦାଖଲ କରାଯାଇଥିଲା । ମାନ୍ୟବର ଅଦାଲତ ୨୦ ଜଣ ସାକ୍ଷୀଙ୍କ ଜବାନବନ୍ଦି ଏବଂ ୧୯ ଗୋଟି ପ୍ରାସଙ୍ଗିକ ଦଲିଲପତ୍ରକୁ ଅଧ୍ୟୟନ କରି ବିଚ୍ାର କାର୍ଯ୍ୟ ସମାପ୍ତ କରିଥିଲେ । ଆଜି ସେ ତାଙ୍କ ରାୟରେ ଅଭିଯୁକ୍ତ ସରୋଜ ଭବସାଗରଙ୍କୁ ଆଇପିସି ର ଧାରା-୩୦୨ ଅନୁଯାୟୀ ଆଜୀବନ ସଶ୍ରମ କାରାଦଣ୍ଡ ସହିତ ୨୦,୦୦୦ ଟଙ୍କାର ଜୋରିମନା ଆଦେଶ ଦେଇଛନ୍ତି ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୨ ବର୍ଷର ସଶ୍ରମ କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଶ୍ରୀମତୀ ଶୁଭଶ୍ରୀ ଜେନା (ଓଏସପିଏସ-୧) ସଫଳତାର ସହ ପରିଚ୍ାଳନା କରିଥିଲେ । ସୂଚ୍ନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ଦିଆଯାଇ ଥିବାବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚ୍ଳିତ ବର୍ଷର ଏହା ୪୭ ତମ ମାମଲା ।

## ଏସସିବି ଅଗ୍ନିକାଣ୍ଡ ଘଟଣା

# ତଥ୍ୟ ଓ ସତ୍ୟପାଠ ମାଗିଲେ ନ୍ୟାୟିକ କମିଶନ

କଟକ(ନିପ୍ର): କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସସିବି) ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ଆଇସିୟୁରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାର ତଦନ୍ତ ପ୍ରକ୍ରିୟା ଜୋରଦାର ହୋଇଛି। ଏହି ଘଟଣାର ନ୍ୟାୟିକ ତଦନ୍ତ ପାଇଁ ଗଠିତ ଅବସରପ୍ରାପ୍ତ ଜିଲ୍ଲା ବିଚାରପତି ଲକ୍ଷ୍ମୀଧର ବିଶ୍ୱାଳ ନ୍ୟାୟିକ ତଦନ୍ତ କମିଶନଙ୍କ ପକ୍ଷରୁ ଏକ ସାର୍ବଜନୀନ ବିଜ୍ଞପ୍ତି ପ୍ରକାଶ ପାଇଛି। କମିସନ ଏହି ଘଟଣା ସମ୍ପର୍କରେ ଜନସାଧାରଣଙ୍କଠାରୁ ତଥ୍ୟ ଓ ସତ୍ୟପାଠ ଆହ୍ୱାନ କରିଛନ୍ତି। ବିଜ୍ଞପ୍ତି ଅନୁଯାୟୀ, ଯଦି କୌଣସି ବ୍ୟକ୍ତିବିଶେଷ, ସାର୍ବଜନୀନ ସଙ୍ଗଠନ ବା ସଂସ୍ଥାଙ୍କ ପାଖରେ ଏହି ଅଗ୍ନିକାଣ୍ଡ ସମ୍ବନ୍ଧରେ କୌଣସି ଜ୍ଞାନ, ସୂଚନା କିମ୍ବା ଦସ୍ତାବେଜ ରହିଛି କିମ୍ବା ଏହି ଘଟଣା ଦ୍ୱାରା ସେମାନେ ପ୍ରଭାବିତ ହୋଇଛନ୍ତି, ତେବେ କମିସନଙ୍କୁ ତଦନ୍ତ ପ୍ରକ୍ରିୟାରେ ସହାୟତା କରିବାକୁ ସେମାନେ ନିଜର ତଥ୍ୟ ବା ଅଭିଯୋଗ ଦାଖଲ କରିପାରିବେ। ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ (ଛୁଟିଦିନ ବ୍ୟତୀତ) ଅଦାଲତରେ ଗ୍ରହଣୀୟ ହେଉଥିବା ପ୍ରକାରର ସତ୍ୟପାଠ (ଆଫିଡେଭିଟ) ଜରିଆରେ ଏହାକୁ ଦାଖଲ କରିବାକୁ କୁହାଯାଇଛି। ଇଚ୍ଛୁକ ବ୍ୟକ୍ତିମାନେ କଟକସ୍ଥିତ ସ୍ୱତନ୍ତ୍ର ସର୍କିଟ ହାଉସ (୨ୟ ମହଲା)ରେ ଅବସ୍ଥିତ କମିସନଙ୍କ କାର୍ଯ୍ୟାଳୟରେ ଦିନ ୧୦.୩୦ରୁ ଅପରାହ୍ନ ୪ଟା ମଧ୍ୟରେ ନିଜର ସତ୍ୟପାଠ ଦାଖଲ କରିପାରିବେ। ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୧୫ରେ ଏସସିବି ଟ୍ରମା କେୟାର ଆଇସିୟୁରେ ଅଗ୍ନିକାଣ୍ଡ ଘଟିଥିଲା। ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ବିଷୟ ବିବେଚନା କରି ରାଜ୍ୟ ସରକାର ଅବସରପ୍ରାପ୍ତ ଜିଲା ଜଜ୍ ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏହି ତଦନ୍ତ କମିସନ ଗଠନ କରିଛନ୍ତି।

# ଦୋକାନ ପୋଡି ଘଟଣା, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ଦୋକାନ ପୋଡି ଘଟଣାରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବିକାଶ ଚ୍ନ୍ଦା। ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚ୍ନାଯୋଗ୍ୟ ଯେ, ରାଜେଶ କୁମାର ପ୍ରଧାନ ଏବଂ ସୁଦର୍ଶନ ସୂତାରଙ୍କ ଅଭିଯୋଗ ମୁତବକ, ଶ୍ରୀ ବିହାର, ଓମ୍ ଭିଲ୍ଲାରେ ଥିବା ସେମାନଙ୍କର ଦୁଇଟି ଦୋକାନ ଅଗ୍ନିକାଣ୍ଡରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ବିକାଶ ନାମକ ଜଣେ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବରେ ସେମାନଙ୍କ ଦୋକାନରେ ନିଆଁ ଲଗାଇ ଦେଇଥିବା ଫଳରେ ସେମାନଙ୍କର ସମ୍ପତ୍ତି ସମ୍ପୂର୍ଣ୍ଣ ଭାବେ ଜଳିପୋଡି ନଷ୍ଟ ହୋଇଯାଇଥିବା ନେଇ ଅଭିଯୋଗରେ ଦର୍ଶାଇଥିଲେ । ଏହି ଘଟଣା ଫଳରେ ଉଭୟ ଅଭିଯୋଗକାରୀଙ୍କ ଆର୍ଥିକ କ୍ଷତି ହୋଇଥିଲା । ସେମାନେ ଏହି ମାମଲାକୁ ଗମ୍ଭୀରତାର ସହିତ ବିଚ୍ାର କରିବାକୁ, ଉପଯୁକ୍ତ ତଦନ୍ତ କରିବାକୁ ଏବଂ ଅଭିଯୁକ୍ତଙ୍କ ବିରୁଦ୍ଧରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ, ପୁଲିସ ଅଭିଯୁକ୍ତ ବିକାଶ ଚ୍ନ୍ଦାଙ୍କୁ ଏହି ମାମଲାରେ ଗିରଫ କରିଥିଲେ । ପଚ୍ରାଉଚ୍ରା ବେଳେ, ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିବା ବେଳେ, ସିଗାରେଟରେ ନିଆଁ ଲଗାଇବା ପରେ ଏକ ଜଳନ୍ତା ଦିଆସିଲି କାଠିକୁ ଦୋକାନ ପାଖରେ ଥିବା ନଡ଼ା ଗଦା ନିକଟରେ ପକାଇ ଦେଇଥିଲେ, ଯାହା ଫଳରେ ନିଆଁ ଲାଗିଯାଇଥିବା ସେ ପ୍ରକାଶ କରିଥିଲେ ।

# ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ଗୁରୁତର

ଆସିକା(ନିପ୍ର): ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ଗୁରୁତର ହୋଇଥିବା ଜଣାପଡିଛି। ଗୁରୁତର ଯୁବକ ଜଣଙ୍କ ହେଲେ ଆସିକା ଜଗନ୍ନାଥ ପଲ୍ଲୀ ଗ୍ରାମର ଜିତେନ୍ଦ୍ର ଦାସ। ପ୍ରକାଶ ଥାଉକି ଆସିକା ଥାନା ଜଗନ୍ନାଥ ପଲ୍ଲୀ ଗ୍ରାମର କାଶୀନାଥ ଦାଶଙ୍କ ପୁଅ ଜିତେନ୍ଦ୍ର ଦାସ (୩୫)। ତାଙ୍କ ସ୍ତ୍ରୀ ଓ ପିଲାଙ୍କୁ ନେଇ କଙ୍କରଡାରେ ଇଟାଭାଟିରେ କାମ କରି ଗୁଜୁରାଣ ମେଣ୍ଟାନ୍ତି। ନିଜ ଗ୍ରାମ ଜଗନ୍ନାଥ ପଲ୍ଲୀରେ ଭୋଜି ଥିବାରୁ ଜିତେନ୍ଦ୍ର ନିଜ ପରିବାର ସହିତ ଭୋଜି ଖାଇବାକୁ ଢଉଗାଁ ରାସ୍ତା ଦେଇ ବିଲ ମଧ୍ୟରେ ନିଜ ଗାଁ ଜଗନ୍ନାଥପଲ୍ଲୀ ଆସୁଥିଲା ବେଳେ ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ବିଲ ମଧ୍ୟରେ ଓହଳି ରହିଥିବା ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବା ଯୋଗୁଁ ତାଙ୍କ ଦେହର ଶତକଡା ୭୫ ଭାଗ ଜଳି ଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ । ଜିତେନ୍ଦ୍ରର ସ୍ୱାସ୍ଥ୍ୟବସ୍ଥା ଅଧିକ ଗୁରୁତର ହେବାରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ପ୍ରକାଶଥାଉକି ବିଦ୍ୟତ ବିଭାଗର ଅବହେଳା ଯୋଗୁଁ ଗୋଟିଏ ପରିବାର ଉଜୁଡି ଯିବାକୁ ବସିଛି।

# ଗଞ୍ଜାମର ଉତ୍କର୍ଷ କେନ୍ଦ୍ର ପାଇଁ ପଡ଼ିଲା ଭିତ୍ତି

ରମ୍ଭା(ନିପ୍ର): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଂଜାମ, ପ୍ରଶିକ୍ଷଣ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଅଛି । ଏହି ପ୍ରତିଷ୍ଠାନକୁ ଉତ୍କର୍ଷ କେନ୍ଦ୍ର ତଥା କର୍ମଚାରୀ ମାନଙ୍କ ଗୃହ ନିର୍ମାଣ ପାଇଁ ଉଭୟ ଭାରତ ସରକାର, ଓଡିଶା ସରକାର ସାତ କୋଟି ଟଙ୍କା ଆର୍ଥିକ ସହଯୋଗ ଯୋଗାଇଥିବା ବେଳେ ବୁଧବାର ପ୍ରତିଷ୍ଠାନରେ ଭୂମି ପୂଜନ କାର୍ଯ୍ୟକ୍ରମ ଆନୁଷ୍ଠାନିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟ କ୍ରମରେ ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ସନ୍ତୋଷ କୁମାର ପରିଡା ଅଧ୍ୟକ୍ଷତା କରିଥିବା ବେଳେ ଗଞ୍ଜାମ ଜିଲ୍ଲା ଜିଲ୍ଲାପାଳ ଭି. କୀର୍ତ୍ତି ଭାଷନ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ତଥା ଖଲ୍ଲିକୋଟର ମାନ୍ୟବର ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦେଇ ପାରମ୍ପରିକ ରୀତିରେ ଭୂମି ପୂଜନ କରିଥିଲେ । ଏହି କ୍ରମରେ ଅୟୋଜିତ ବୈଠକରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାଷନ ଗୁରୁ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ଶିକ୍ଷକଙ୍କୁ ବିଶ୍ୱକର୍ମା ବୋଲି ସାବ୍ୟସ୍ତ କରିଥିଲେ । ଏ ଦିଗରେ ଗୁରୁ ଛାତ୍ରଛାତ୍ରୀ ସାଧୁ ଉଦ୍ୟମ ଉଜ୍ଜୀବିତ ରଖିବାକୁ ପରାମର୍ଶ ଦେଇଥିଲେ । ଅୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଭାବେ ବରିଷ୍ଠ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ସଂଯୋଜନା କରିଥିଲେ ।

# ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା



ଭୁବନେଶ୍ୱର(ନିପ୍ର): ଗୁରୁବାର ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ବସିବ। ସ୍ୱତନ୍ତ୍ର ଅଧିବେଶନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ତ୍ରିସ୍ତରୀୟ ବଳୟରେ ବିଧାନସଭା ରହିବାକୁ ଥିବାବେଳେ ୩୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଏସଟିୟୁ, ଡଗ ସ୍କ୍ୱାଡ, ବମ ସ୍କ୍ୱାଡ ସହ ଅଗ୍ନିଶମ ବିଭାଗକୁ ମଧ୍ୟ ନିୟୋଜନ କରାଯାଇଛି। ଲୋୟର ପିଏମଜିରେ ଦିନକ ଲାଗି ୧୪୪ ଧାରା ଜାରି କରାଯାଇଛି। ସେହିପରି ବିଧାନସଭାକୁ ସଂଯୋଗ କରୁଥିବା ରାସ୍ତା ପାଇଁ ଟ୍ରାଫିକ କଟକଣା ଜାରିହୋଇଛି। ଅନ୍ୟପଟେ ପୋଲିସ କମିଶନର ଦେବିଦତ୍ତ ସିଂ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଶହେରୁ ଉର୍ଦ୍ଧ୍ୱ ଅଫିସରଙ୍କ ନେତୃତ୍ୱରେ ୩୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ୧୧ଟି କ୍ୱିକ୍ ରିଆକ୍ସନ ଟିମ ନିୟୋଜିତ ହୋଇଛନ୍ତି। ୭ଟି କୁଇକ ରିଆକ୍ସନ ଟିମ ବିଧାନସଭା ଭିତରେ ଓ ୪ଟି କୁଇକ ରିଆକ୍ସନ ଟିମ ବିଧାନସଭା ବାହାରେ ରହିବେ। ଆତଂକବାଦୀ-ନିରୋଧୀ ସ୍କ୍ୱାର୍ଡ ମଧ୍ୟ ରହିବେ ବୋଲି କମିଶନର ଶ୍ରୀ ସିଂହ କହିଛନ୍ତି। ସୂଚ୍ନାଯୋଗ୍ୟ, କମିସନରେଟ୍ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ବିଧାନସଭା ସଂଲଗ୍ନ ରାସ୍ତାରେ ଓଡିଶା ସହରାଞ୍ଚଳ ଆଇନ ୨୦୦୩ରୁ ଧାରା ୨୮ (ଓଡିଶା ଆଇନ ୨୦୦୭ର ଧାରା ୮) ଓ ପୋଲିସ କମିସନରେଟ୍ ଟ୍ରାଫିକ୍ ଓ ପବ୍ଲିକ୍ ଅର୍ଡର ଓ ରେଗୁଲେସନ୍ ୨୦୦୮ର ଧାରା ୩୭ ଅନୁସାରେ କଟକଣା ଜାରି କରାଯାଇଛି। ହାଉସିଂ ବୋର୍ଡ ଛକ ପଟୁ ରବୀନ୍ଦ୍ର ମଣ୍ଡପ ଆଡକୁ ଆସୁଥିବା ସମସ୍ତ ଯାନବାହାନ କେଶରୀ ଟକିଜରୁ ବାମ ପାର୍ଶ୍ୱ ରାସ୍ତା ଦେଇ ନିଜ ଗନ୍ତବ୍ୟସ୍ଥଳକୁ ଯିବେ। ଏଜି ଛକ ପଟୁ ପିଏମଜି ଛକ ଆଡକୁ ଆସୁଥିବା ସମସ୍ତ ଯାନବାହାନ ଜୟଦେବ ଭବନ ପାଖରେ ଡାହାଣ ପାର୍ଶ୍ୱରେ ଥିବା ଇନ୍ଦିରା ଗାନ୍ଧୀ ପାର୍କ ରାସ୍ତା ଦେଇ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇପାରିବେ। ମାଷ୍ଟର କ୍ୟାଣ୍ଟିନ୍ ଛକ ପଟୁ ଆସୁଥିବା ସମସ୍ତ ଯାନବାହାନ ଲୋୟର୍ ପିଏମଜିରୁ ବାମ କିମ୍ବା ଡାହାଣ ପାର୍ଶ୍ୱ ରାସ୍ତା ଦେଇ ଯାଇପାରିବେ। ୧୨୦ ବାଟାଲିଅନ୍ ଛକ ପଟୁ ରବୀନ୍ଦ୍ର ମଣ୍ଡପ ଆଡକୁ ଯିବାକୁ ଚ୍ାହୁଁଥିବା ସମସ୍ତ ଯାନବାହାନଗୁଡିକ ପାୱାର ହାଉସ୍ ଛକ ଦେଇଯିବେ। ସେହିପରି ଲୋକଭବନ ଛକପଟୁ ଏମ୍‌ଏଲ୍‌ଏ କଲୋନୀ ଓ ରବୀନ୍ଦ୍ର ମଣ୍ଡପ ଆଡକୁ ଯିବାକୁ ଚ୍ାହୁଁଥିବା ସମସ୍ତ ଯାନବାହାନ ଶାସ୍ତ୍ରୀନଗର ଛକ ଦେଇ ଯିବେ। ତେବେ ପୋଲିସ, ଅଗ୍ନିଶମ, ଆମ୍ବୁଲାନ୍ସ ଆଦି ଜରୁରୀକାଳୀନ ଯାନ ଏବଂ ବିଧାନସଭା, ରାଜ୍ୟ ସଚ୍ିବାଳୟ ଓ ଅନ୍ୟ ସରକାରୀ କାର୍ଯ୍ୟାଳୟକୁ ଯାଉଥିବା ଅଧିକୃତ ଯାନବାହାନ ନିମନ୍ତେ ଏହି କଟକଣା ଲାଗୁ ହେବ ନାହିଁ ବୋଲି କମିଶନରେଟ୍ ପୋଲିସ୍ ସ୍ପଷ୍ଟ କରିଛି।

# ମୋବାଇଲ ଲୁଟେରାକୁ ବାନ୍ଧିଲା ଆର୍‌ପିଏଫ

କଟକ(ନିପ୍ର): ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆରପିଏଫ ପକ୍ଷରୁ ନିୟମିତ ଯାଞ୍ଚ ଜାରି ରହିଛି । ଏହି କ୍ରମରେ ବୁଧବାର ଆରପିଏଫ ପକ୍ଷରୁ ଜଣେ ମୋବାଇଲ ଲୁଟେରାକୁ ଗିରଫ କରାଯିବା ସହ ତା ନିକଟରୁ ଏକ ଚୋରା ମୋବାଇଲ ଫୋନ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ କଟକ ଜିଲ୍ଲା ନିଆଳି ଥାନା ଅନ୍ତର୍ଗତ ମାହାଙ୍ଗାର ସୁରେଶ ପ୍ରଧାନ ଓରଫ ଚନ୍ଦୁ (୩୪)। ମିଳିଥିବା ସୂଚନା ଅନୁଯାୟୀ ବୁଧବାର ସକାଳେ ଆରପିଏଫ କର୍ମଚାରୀ ଯାଞ୍ଚ କରୁଥିବା ବେଳେ ଚନ୍ଦୁକୁ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ବେଳେ ନିଜର ସଠିକ ପରିଚୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇପାରି ନଥିଲା। ଫଳରେ ସନ୍ଦେହରେ ତାକୁ ତନଖି ନେବା ପରେ ତା ନିକଟରୁ ଏକ ଓପୋ ମୋବାଇଲ ଫୋନ ମିଳିଥିଲା। ମାତ୍ର ସେ ତାର କାଗଜପତ୍ର ଦେଖାଇପାରି ନଥିଲା। ପଚରା ଉଚରା ପରେ ତାହା ସେ ଚୋରି କରିଥିବା ସ୍ୱୀକାର କରିଥିଲା। ତା' ବିରୋଧରେ ପୂର୍ବରୁ ପୁରୀ ଜିଆରପିରେ ଏକ ଚୋରି ମାମଲା ରହିଥିବା ଜଣାପଡିଛି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

# ବେଲଗୁଣ୍ଠାରେ ଗୋଷ୍ଠୀ ସଂଘର୍ଷ ଓ ମରଣାନ୍ତକ ଆକ୍ରମଣ: ୪ ଗିରଫ

## କାର୍ ଓ ବାଇକ୍ ସମେତ ମାରଣାସ୍ତ୍ର ଜବତ




ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ଥାନା ଅନ୍ତର୍ଗତ ଅଡେଇଗାଁ ଗ୍ରାମରେ ଏକ ଗୋଷ୍ଠୀ ସଂଘର୍ଷ ଓ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ମାମଲାରେ ପୋଲିସ ଏକ କାର, ୪ଟି ବାଇକ୍ ଏବଂ ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ର (କାତି) ଜବତ କରିଛି ବେଲଗୁଣ୍ଠା ପୋଲିସ। ଗତ ୨୭ ତାରିଖ ରାତି ପ୍ରାୟ ୧୦:୩୫ ସମୟରେ ଅଡ଼େଇ ଗାଁ ଗ୍ରାମର ଭାବଗ୍ରାହୀ ବେହେରା (୪୫) ବେଲଗୁଣ୍ଠା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ସେହିଦିନ ସନ୍ଧ୍ୟାରେ ସେ, କାହ୍ନୁ ପ୍ରଧାନ, ଚନ୍ଦନ ପ୍ରଧାନ ପ୍ରାୟ ୬ଟା ସମୟରେ ସେ ଶୌଚ ସାରି ଘରକୁ ଫେରୁଥିବା ବେଳେ ଭଞ୍ଜନଗର ଥାନା କଇଣ୍ଡି ଗ୍ରାମର ଅମି ବେହେରା ଓ ଉଦ୍ଧୁରା ହରିଜନ ସାହିର ପ୍ରାୟ ୨୨ଜଣ ବ୍ୟକ୍ତି ୭ଟି ମୋଟରସାଇକେଲ ଏବଂ ଏକ କାର୍‌ରେ ଆସି ଅଡ଼େଇଗାଁ ରାସ୍ତାରେ ସେମାନଙ୍କୁ ଅଟକାଇଥିଲେ । ଅଭିଯୁକ୍ତମାନେ କାହ୍ନୁ ପ୍ରଧାନଙ୍କୁ ଅତର୍କିତ ଆକ୍ରମଣ କରିବା ସହ ଏକ କାତି ସାହାଯ୍ୟରେ ତାଙ୍କ ବେକ ଓ ଦୁଇ ଗୋଡ଼କୁ ହାଣି ପକାଇଥିଲେ। ଏହାସହ ଅଭିଯୁକ୍ତମାନେ ଅଭିଯୋଗକାରୀ ଭାବଗ୍ରାହୀ ବେହେରା ଏବଂ ଚନ୍ଦନ ପ୍ରଧାନଙ୍କୁ ଲାଠିରେ ମାଡ଼ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ଆକ୍ରମଣରେ ଭାବଗ୍ରାହୀଙ୍କ ନାକରେ ଗଭୀର ଆଘାତ ଲାଗିଥିବା ବେଳେ ଚନ୍ଦନ ପ୍ରଧାନଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଗୁରୁତର ଆହତ କାହ୍ନୁ ପ୍ରଧାନଙ୍କୁ ପ୍ରଥମେ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁରସ୍ଥିତ ଏମ.କେ.ସି.ଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଭାବଗ୍ରାହୀ ବେହେରାଙ୍କ ଅଭିଯୋଗ କ୍ରମେ ବେଲଗୁଣ୍ଠା ଥାନା କେସ୍ ନଂ- ୨୦୨/୨୬ରେ, ଭାରତୀୟ ନ୍ୟାୟ ସଂହିତା ଧାରା ୧୨୬(୨)/ ୨୯୬/ ୧୧୫(୨)/ ୧୦୯(୧)/ ୧୯୦ ଏବଂ ୨୭ ଆର୍ମସ୍ ଆକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ, ଭଞ୍ଜନଗର ଥାନା କଇଣ୍ଡି ଗ୍ରାମର ଅମି ବେହେରା (୩୪), ବେଲଗୁଣ୍ଠା ଥାନା ଅନ୍ତର୍ଗତ ଉଦ୍ଧୁରାର ସୀମା ନାଇକ (୩୪), ପୀତାମ୍ବର ନାୟକ (୩୦), ଓ ପ୍ରଦୀପ ନାୟକ (୩୨) । ସେମାନଙ୍କ ନିକଟରୁ ଗୋଟିଏ କାତି (ମାରଣାସ୍ତ୍ର), ଗୋଟିଏ ସୁଜୁକି ଡିଜାୟର କାର, ଗୋଟିଏ ବାଇକ୍, ଗୋଟିଏ ପଲସର-୨୨୦ ବାଇକ୍, ଗୋଟିଏ ପେସନ ପ୍ରୋ ବାଇକ୍, ଗୋଟିଏ ବାଇକ୍। ଗିରଫ ଅଭିଯୁକ୍ତମାନଙ୍କୁ ଜଗନ୍ନାଥପ୍ରସାଦସ୍ଥିତ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଛି।

# ଉତ୍କଳ ସାମ୍ବାଦିକ ସଂଘ କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ



କେନ୍ଦ୍ରାପଡ଼ା(ନିପ୍ର): ଉତ୍କଳ ସାମ୍ବାଦିକ ସଂଘ କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । କଥାଦେଇ କଥା ରଖିଲେନି ମୁଖ୍ୟମନ୍ତ୍ରୀ । ଏବେ ରାଜରାସ୍ତାରେ ସାମ୍ବାଦିକ ଶକ୍ତି । ସରକାର ବଦଳିଲା, ହେଲେ ଏପର୍ଯ୍ୟନ୍ତ ସାମ୍ବାଦିକଙ୍କ ଭାଗ୍ୟ ବଦଳିଲାନି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ପ୍ରତିଶ୍ରୁତି କୁଆଡ଼େ ପାଣି ଫୋଟକା ପରି ଉଭେଇ ଗଲା । ଅତୀତର ପ୍ରତିଶ୍ରୁତି, ବର୍ତ୍ତମାନର ପ୍ରତାରଣା ହୋଇ ଠିଆ ହୋଇଛି । ଏଥର କେନ୍ଦ୍ରାପଡ଼ାରୁ ଆରମ୍ଭ ହେଲା ଅଧିକାରର ଲଢ଼େଇ । ସାମ୍ବାଦିକମାନଙ୍କ ମୌଳିକ ସମସ୍ୟା ଓ ସୁରକ୍ଷାକୁ ନେଇ ସାରା ରାଜ୍ୟରେ ଆନ୍ଦୋଳନର ସ୍ୱର ଶାଣିତ ହୋଇଥିବା ବେଳେ, କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ଏହାର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି । ରାଜ୍ୟର ସର୍ବପୁରାତନ ସାମ୍ବାଦିକ ୟୁନିୟନ ତଥା ଜିଲ୍ଲା 'ଉତ୍କଳ ସାମ୍ବାଦିକ ସଂଘ' କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଜିଲ୍ଲା ସଭାପତି ହିମାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ଏବଂ ସମ୍ପାଦକ ପ୍ରଶାନ୍ତ ନୟାକଙ୍କ ତତ୍ତ୍ୱାବଧାନରେ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ପ୍ରତିବାଦ ଶୋଭା ସହ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକମାନଙ୍କର ନ୍ୟାଯ୍ୟଦାବି ପୂରଣ ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ୬ ଦଫା ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା । ନ୍ୟାୟପାଇଁ ଏବେ ସାରା ରାଜ୍ୟରେ ଉଠିଛି ସାମ୍ବାଦିକମାନଙ୍କ ଗର୍ଜନର ସ୍ୱର। ସାମ୍ବାଦିକମାନେ ସମାଜର ଚତୁର୍ଥ ସ୍ତମ୍ଭ ଭାବେ କାର୍ଯ୍ୟ କରୁଥିଲେ ସୁଦ୍ଧା ସେମାନଙ୍କ ସୁରକ୍ଷା ଓ ସାମାଜିକ ନିରାପତ୍ତା ଏବେ ବି ପ୍ରଶ୍ନ ଘେରରେ । ଏହି ପରିପ୍ରେକ୍ଷୀରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ୬ ଦଫା ଦାବି ଉପସ୍ଥାପନା କରାଯାଇଥିଲା । ଦାବିଗୁଡିକ ହେଲା ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହିତ ପ୍ରଚଳିତ ଆଇନରେ ସଂଶୋଧନ ପୂର୍ବକ ଜିଲ୍ଲା ଓ ରାଜ୍ୟସ୍ତରରେ ଯୋଗ୍ୟ ସାମ୍ବାଦିକମାନଙ୍କୁ ବ୍ୟାପକ ଭାବେ ମାନ୍ୟତା ପ୍ରଦାନ କରିବା । କ୍ରମାଗତ ଭାବେ ସାମ୍ବାଦିକମାନଙ୍କ ଉପରେ ବୃଦ୍ଧି ପାଉଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ । ୬୦ ବର୍ଷରୁ ଅଧିକ ବୟସ୍କ ସାମ୍ବାଦିକମାନଙ୍କ ପାଇଁ ମାସିକ ଅନ୍ୟୁନ ପକ୍ଷେ ୧୫ ହଜାର ଟଙ୍କାର ପେନସନ ବ୍ୟବସ୍ଥା । ଓଡ଼ିଶା ପ୍ରେସ୍ ଏକାଡ଼େମୀ ଗଠନ ପୂର୍ବକ ଭୁବନେଶ୍ୱରରେ ସାମ୍ବାଦିକ ଭବନ ନିର୍ମାଣ କରି ବୃତ୍ତିଗତ କାର୍ଯ୍ୟରେ ରାଜଧାନୀ ଆସୁଥିବା ସାମ୍ବାଦିକ ମାନଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ରହଣି ସୁବିଧାର ବ୍ୟବସ୍ଥା କରିବା । ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ପରିଧିରେ ଅବସରପ୍ରାପ୍ତ ସାମ୍ବାଦିକ, ହିତାଧିକାରୀଙ୍କ ମାତା-ପିତା ଏବଂ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନମାନଙ୍କୁ ସାମିଲ ସହିତ ଅନୁକମ୍ପାମୂଳକ ରାଶି ୧୦ ଲକ୍ଷକୁ ବୃଦ୍ଧି କରିବା । ସାମ୍ବାଦିକମାନେ ନିଜ ଜୀବନକୁ ପାଣି ଛଡ଼ାଇ ଖବର ସଂଗ୍ରହ କରୁଛନ୍ତି, ଖରା, ବର୍ଷା ଶୀତକୁ ସାମ୍ନାକରି ଗଣତନ୍ତ୍ରର ଆଗ ଧାଡ଼ିର ଯୋଦ୍ଧା ହିସାବରେ ପରିଗଣିତ କରିବା ବଦଳରେ କିନ୍ତୁ ସରକାର ସେମାନଙ୍କ ସୁରକ୍ଷା ଓ ଭବିଷ୍ୟତ ପ୍ରତି ଏତେ ଉଦାସୀନ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ପ୍ରକାଶ କରିଛନ୍ତି କେନ୍ଦ୍ରାପଡାର ବରିଷ୍ଠ ସାମ୍ବାଦିକ ଗଣ । ଏହି ପ୍ରତିବାଦ ସଭାରେ ଜିଲ୍ଲାର ଶତାଧିକ ସାମ୍ବାଦିକ ସାମିଲ ହୋଇ ନିଜର ଏକତା ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା । ଯଦି ଆଗାମୀ ଦିନରେ ଏହି ନ୍ୟାଯ୍ୟଦାବି ଗୁଡ଼ିକ ପୂରଣ ନହୁଏ, ତେବେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

